EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

ବର୍ଷ-୩ | ସଂଖ୍ୟା-୪୩ | ୧୧ - ୧୭ ନଭେମ୍ବର, ୨୦୧୯ | ଭୁବନେଶ୍ୱର | Monday Weekly | VOL-3 | ISSUE-43 | 11th - 17th NOVEMBER, 2019 | BHUBANESWAR | ₹ 5/- (8 Pages)


ପବିତ୍ର ମହାକାର୍ତ୍ତିକ ମାସରେ ଚଉରା ପୂଜା ...

**ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ**

# ଅଯୋଧ୍ୟା ଜମି ହିନ୍ଦୁଙ୍କର

## ରାମ ମନ୍ଦିର ପାଇଁ ରାସ୍ତା ସଫା
## ଜମିର ମାଲିକାନା ସ୍ୱତ୍ୱ ଟ୍ରଷ୍ଟ ହାତରେ
## ୩ ମାସ ମଧ୍ୟରେ ଟ୍ରଷ୍ଟ ଗଠନ କର
## ମୁସ୍‌ଲିମ୍ ପକ୍ଷଙ୍କୁ ଅନ୍ୟତ୍ର ଜାଗା ଦିଅ
## ମସ୍‌ଜିଦ୍ ନିର୍ମାଣରେ ସହଯୋଗ କର



**ନୂଆଦିଲ୍ଲୀ :** ଦେଶର ସର୍ବପୁରାତନ ଓ ବହୁଚର୍ଚ୍ଚିତ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ମାମଲାର ଶୁଣାଣି କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଧର୍ମ, ଆସ୍ଥା ଓ ବିଶ୍ୱାସର ଊର୍ଦ୍ଧ୍ୱକୁ ଯାଇ ଏଭଳି ରାୟ ପ୍ରକାଶ ପାଇଛି। ତଥ୍ୟ, ଇତିହାସ ଓ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣର ଦସ୍ତାବିଜ୍ ଅନୁସାରେ ଏହି ରାୟ ଶୁଣାଣି କରାଯାଇଥିଲା। ବିବାଦୀୟ ଜମି ଉପରେ ମନ୍ଦିର ନିର୍ମାଣ ହେବ ଏବଂ ମସ୍‌ଜିଦ୍ ନିର୍ମାଣ ପାଇଁ ମୁସ୍‌ଲମାନଙ୍କୁ ଅନ୍ୟତ୍ର ଜାଗା ଦେବା ପାଇଁ ସୁପ୍ରିମ୍‌କୋର୍ଟ କହିଛନ୍ତି। ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଏକ ୫ଜଣିଆ ଖଣ୍ଡପୀଠ ଏହି ରାୟ ଦେଇ କହିଛନ୍ତି ଯେ, ବାବ୍ରୀ ମସ୍‌ଜିଦ୍ ଖାଲି ଜମିରେ ତିଆରି ହୋଇନାହିଁ। ପ୍ରତ୍ନତତ୍ତ୍ୱ ରିପୋର୍ଟ ଆଧାରରେ ଦ୍ୱାଦଶ ଶତାବ୍ଦୀରେ ଏଠାରେ ମନ୍ଦିର ଥିଲା। ଏହାପରେ ଦ୍ୱାଦଶ ଶତାବ୍ଦୀକୁ ଷୋଡଶ ଶତାବ୍ଦୀ ମଧ୍ୟରେ କୌଣସି ତଥ୍ୟ ମିଳିନାହିଁ। ହିନ୍ଦୁ ମାନଙ୍କ ବିଶ୍ୱାସକୁ ଅଣଦେଖା କରାଯାଇ ପାରିବ ନାହିଁ। ଅଯୋଧ ଭଗବାନ ରାମଙ୍କ ଜନ୍ମଭୂମି ବୋଲି ହିନ୍ଦୁ ମାନଙ୍କର ବିଶ୍ୱାସ ରହିଛି। ତେବେ କୌଣସି ଆସ୍ଥା ଓ ବିଶ୍ୱାସକୁ ନେଇ କୋର୍ଟ ରାୟ ଦେବେ ନାହିଁ। ଆଇନ ଅନୁଯାୟୀ ବିବାଦର ମାଲିକାନା ବିଚାର କରାଯିବ। ମୁସଲିମ୍ ମାନେ ଜମି ଉପରେ ଏକାକୀ ମାଲକାନା ଜାହିର କରିପାରିବେନି। ଇଂରେଜ ଅମଳରେ ସେଠାରେ ନମାଜ ପାଠ କରାଯାଉଥିବାର ପ୍ରମାଣ ନାହିଁ। ସେହିପରି ସିଆ ୱାକଫ ବୋର୍ଡର ଆବେଦନ ମଧ୍ୟ ଖାରଜ ହୋଇଛି। ସର୍ବସମ୍ମତି କ୍ରମେ ସିଆ ୱାକଫ ବୋର୍ଡର ଆବେଦନ ଖାରଜ ହୋଇଛି। ବାବରଙ୍କ ସମୟରେ ହିଁ ମୀର ବାକି ଏହି ମସ୍‌ଜିଦ୍ ତିଆରି କରିଥିଲେ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ସେହିପରି ନିର୍ମୋହି ଆଖଡାର ଆବେଦନ ମଧ୍ୟ ଖାରଜ ହୋଇଛି। ➤ ପୃ-୬


ମାମଲାର ରାୟ ଶୁଣାଣି କରିଥିବା ସୁପ୍ରିମ୍‌କୋର୍ଟର ୫ଜଣିଆ ଖଣ୍ଡପୀଠ

## ହାଇକୋର୍ଟ ବିଚାରପତି ଭାବେ ଶପଥ ନେଲେ ବିଭୁ ପ୍ରସାଦ ରାଉତରାୟ



**କଟକ :** ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶୁକ୍ରବାର ବିଭୁପ୍ରସାଦ ରାଉତରାୟ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳଙ୍କ ଅନୁମତି କ୍ରମେ ରାଜ୍ୟ ଗୃହ ବିଭାଗ ପ୍ରମୁଖ ସଚିବ ସଞ୍ଜିବ ଚୋପ୍ରା ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ବିଜ୍ଞପ୍ତିକୁ ପଠନ କଲା ପରେ ହାଇକୋର୍ଟ ମୁଖ୍ୟ ବିଚାରପତି କେଏସ୍ ଝାବେରୀ ରାଉତରାୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି ସଞ୍ଜୁ ପଣ୍ଡା, କେଆର ମହାପାତ୍ର, ଏକେ ରଥ, ସଙ୍ଗମ ସାହୁ, ବିଆର ଷଡଙ୍ଗୀ, ଏକେ ମିଶ୍ର, ଏସ୍‌କେ ମିଶ୍ର, ରାଜ୍ୟ ଆଇନ ସଚିବ ସଚ୍ଚିକାନ୍ତ ମିଶ୍ର, ଜିଲ୍ଲାପାଳ ଭବାନୀଶଙ୍କର ଚୟନି, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ଡିସିପି ଅଖିଳେଶ୍ୱର ସିଂ, ବିଚାରପତି ବିଭୁ ପ୍ରସାଦ ରାଉତରାୟଙ୍କ ➤ ପୃ-୬

# ଉଚ୍ଛେଦ ନା ପ୍ରହସନ !

**ଭୁବନେଶ୍ୱର, (ତାରକ ମହାନ୍ତି) :** ଦୀର୍ଘବର୍ଷ ଧରି ରାଜଧାନୀ ଭୁବନେଶ୍ୱରର ଗଳିକନ୍ଦି, ସରକାରୀ ଖାଲି ଜମି ଓ ରାସ୍ତା କଡ଼ରେ ବେଆଇନ ଭାବେ ଜବରଦଖଲ ବଢ଼ି ଚାଲିଥିଲେ ବି ବିଭାଗୀୟ ଉଦାସୀନତା ଯୋଗୁ ଏଥିରେ ପ୍ରତିବନ୍ଧକ ଲାଗିପାରୁନାହିଁ। ଯଦିଓ ସରକାରଙ୍କର ଏଦିଗରେ କଠୋର ନିୟମ ରହିଛି ତାହା ସଠିକ୍ ରୂପେ ପାଳନ କରାଯାଉ ନଥିବାରୁ ଜବରଦଖଲକାରୀ ମାନେ ନିର୍ଭୟରେ ସରକାରୀ ଜମିକୁ ବ୍ୟବହାର କରି କେଉଁଠି ବାସପୋଯୋଗୀ



ଗୃହ ନିର୍ମାଣ କରି ଭଡା ଦେଇ ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି ତ, ଆଉ କେଉଁଠି ସରକାରୀ ଜମିରେ ବ୍ୟବସାୟିକ ପ୍ରତିଷ୍ଠାନ ମାନ ଗଢ଼ି ଉଠିଛି। କେତେକ ସ୍ଥଳରେ ଜମି ମାଫିଆମାନେ ସରକାରୀ ଜମିକୁ ଅକ୍ତିଆର କରି ନିଜ ଦଖଲରେ ରଖିବା ସହିତ ଏହାକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରିବା ସହିତ ମୁନାଫା ଉଠାଇ ଚାଲିଛନ୍ତି। ଏହି କ୍ଷେତ୍ରରେ ସାଧାରଣ ପ୍ରଶାସନ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ ଭୁବନେଶ୍ୱର ମହାନଗର ନିଗମ ସବୁ ଜାଣୁଥିଲେ ବି ଆରମ୍ଭରୁ ଜବରଦଖଲ ଉପରେ ପ୍ରତିବନ୍ଧକ ଲଗା ନଯିବା ଫଳରେ ଅଧିକାଂଶ ବ୍ୟକ୍ତି ଅସାଧୁ ଉଦ୍ଦେଶ୍ୟ ରଖି ଏ ସମସ୍ତ ଜାଗା ମାଡି ବସୁଛନ୍ତି। ଆଉ କେତେକ କ୍ଷେତ୍ରରେ ସରକାରଙ୍କ ଠାରୁ ନିଜ ବ୍ୟବହାର ପାଇଁ ମିଳିଥିବା କ୍ଷୁଦ୍ର ଦୋକାନ ଗୃହ ଓ ଜାଗା ଗୁଡିକୁ ମୂଳ ମାଲିକ ବ୍ୟବହାର ନକରି ଚଡ଼ା ଦରରେ ଅନ୍ୟକୁ ଭଡା ଲଗାଇ ମୋଟା ଅଙ୍କର ମାଲ ରୋଜଗାର କରୁଛନ୍ତି। ଓମଫେଡ୍ ହେଉ ଓ ଓପଲଫେଡ୍ ଯେଉଁମାନେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଦୋକାନ କରିବା ନିମନ୍ତେ ଅନୁମତି ପାଇଥିଲେ ସେମାନେ ମଧ୍ୟ ଏହାକୁ ପାଳନ କରୁନାହାନ୍ତି। ➤ ପୃ-୬

## ବକ୍ରବାଣୀ



ଏତେ ଦିନେ ଫାଇଭ୍ ଟି ଆଇଲା
ନେତା ମନ୍ତିରୀଙ୍କ ମାନ ଖାଇଲା
ସଚିବ ବୁଲନ୍ତି ହେଲିକେପ୍ଟରେ
ପହଞ୍ଚି ଯାଆନ୍ତି ରାତି ଅଧରେ
ଭରସା ନକରି ଦିଆ ନିଆରେ
ଆକ୍ସନ ନିଅନ୍ତି ଠିଆ ଠିଆରେ
ରସିକ ବୁଢ଼ାଟା ଏତିକି ବେଳେ
ମୋବାଇଲ ଫୁନରେ ଗେମ୍ ଖେଳେ
ବାଲୁଙ୍ଗା ଟୋକା ଡାୟେଲଗ୍ ମାରି
ମେଏନ୍ ଟପିକ୍ କଲାରେ ପାରି।

—— ଟୁଟୁ

## ସବୁ ଜିଲ୍ଲାରେ ୱାନ୍ ଷ୍ଟପ୍ ସେଣ୍ଟର-ସଖୀ

**ଭୁବନେଶ୍ୱର:** ନିର୍ଯାତନାର ଶିକାର ହୋଇଥିବା ମହିଳା ଓ ବାଳିକାମାନଙ୍କୁ ଗୋଟିଏ ଛାତ ତଳେ ଶାରୀରିକ ଓ ମାନସିକ ଚିକିତ୍ସା ସହ ନ୍ୟାୟ ପ୍ରଦାନ ନିମନ୍ତେ ଆଇନ ସହାୟତା ଯୋଗାଇଦେବା କ୍ଷେତ୍ରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟକରୁଛି ୱାନ୍ ଷ୍ଟପ୍ ସେଣ୍ଟର 'ସଖୀ'। ପର୍ଯ୍ୟାୟକ୍ରମେ ଖୋଲିବା ସହ ଗତକାଲି ବାଲେଶ୍ୱର ଜିଲ୍ଲାରେ ଏବଂ ଆଜି ଝାରସୁଗୁଡ଼ା ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ୱାନ୍‌ଷ୍ଟପ୍ ସେଣ୍ଟର ଉଦ୍‌ଘାଟିତ ହୋଇଛି । ଏଥି ସହିତ ରାଜ୍ୟର ୩୦ଟି ଯାକ ଜିଲ୍ଲାରେ ୱାନ୍ ଷ୍ଟପ୍ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ସୂଚନାଯୋଗ୍ୟ ୨୦୧୫ ଅକ୍ଟୋବର ୧ ତାରିଖରେ ପ୍ରଥମ 'ସଖୀ' କେନ୍ଦ୍ର ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍‌ପିଟାଲ୍ ପରିସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ପାରିବାରିକ ହିଂସା, ଯୌତୁକ ନିର୍ଯାତନା, ବଳାତ୍କାର, ମହିଳା ଚାଲାଣ, ଯୌନ




ଉତ୍ପୀଡ଼ନ ଭଳି ନିର୍ଯାତନାର ଶିକାର ହୋଇଥିବା ମହିଳା ଓ ବାଳିକାମାନଙ୍କୁ ଉଦ୍ଧାର କରାଯାଇ ଏହି ଡାକ୍ତରଖାନାଭିତିକ 'ସଖୀ' କେନ୍ଦ୍ରଗୁଡ଼ିକରେ ରଖାଯାଇଥାଏ । ଏଠାରେ ପିଡ଼ୀତାଙ୍କୁ ଡାକ୍ତରୀ ଚିକିତ୍ସା, ମାନସିକ ସହାୟତା ଦେବା ସହ ନ୍ୟାୟ ପ୍ରଦାନ ➤ ପୃ-୬

## ଅତିରିକ୍ତ ବଜେଟ୍ ଅଟକଳ ୮,୩୦୦ କୋଟି ଟଙ୍କା

**ଭୁବନେଶ୍ୱର :** ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୮୦୩୬ କୋଟିର ପ୍ରଥମ ଅତିରିକ୍ତ ଚିଠା ବଜେଟ୍‌କୁ ମନ୍ତ୍ରିପରିଷଦର ମଞ୍ଜୁରୀ ମିଳିଛି। ଏହି ଅତିରିକ୍ତ ବଜେଟକୁ ବିଧାନସଭାର ଶୀତକାଳୀନ ଅଧିବେଶନର ପ୍ରଥମ ଦିନ ଅର୍ଥାତ ନଭେମ୍ବର ୧୩ ତାରିଖରେ ଗୃହରେ ଉପସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି। ବଜେଟରେ ପୁରୀ ଶ୍ରୀମନ୍ଦିର ପାରିପାର୍ଶ୍ୱିକରେ ଭିତ୍ତିଭୂମି ନିର୍ମାଣ, ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ ଭିତ୍ତିଭୂମି ସୁଧାର ନିମନ୍ତେ ଅତିରିକ୍ତ ବ୍ୟୟ, କାଳିଆ ଯୋଜନା ନିମନ୍ତେ ଅତିରିକ୍ତ ପାଣ୍ଠି ସମେତ ବୌଦ୍ଧଶର ନୂଆ ମେଡିକାଲ କଲେଜ ନିର୍ମାଣ ପାଇଁ ଅର୍ଥ ବରାଦ ସହ କେତେକ ଜଳସେଚନ ପ୍ରକଳ୍ପ ପାଇଁ ମଧ୍ୟ ଅର୍ଥ ଆବଣ୍ଟନ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ମନ୍ତ୍ରି ପରିଷଦ ବୈଠକରେ ୮୦୩୬ କୋଟି ଟଙ୍କାର ଚିଠା ବଜେଟ୍ ସମ୍ପର୍କରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗତ ଅଧିବେଶନରେ କୌଣସି ବିଲ୍ ଆସିନଥିବାରୁ ଆଗାମୀ ଅଧିବେଶନରେ ଅଧିକ ବିଲ୍ ଆଣିବା ନେଇ ପ୍ରସ୍ତାବ ଦେଇଥିଲେ। ତେବେ ବୈଠକରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବିଭିନ୍ନ ବିଭାଗ ପାଇଁ ହୋଇଥିବା ଅର୍ଥ ଆବଣ୍ଟନ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ସୂଚନାଥାଉ କି, ଗତ ଜୁଲାଇ ମାସରେ ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧.୩୯ଲକ୍ଷ ➤ ପୃ-୬



# ଏସ୍‌ସିବିକୁ ହଜାରେ କୋଟି

## ରୋଗୀଙ୍କ ଲାଗି ଅଧିକ ୩ ହଜାର ଶଯ୍ୟା ବଢ଼ିବ

**ଭୁବନେଶ୍ୱର :** କଟକ ଏସସିବି ମେଡ଼ିକାଲ କଲେଜ ହସ୍ପିଟାଲକୁ ଏମ୍ସ ପ୍ଲସ ଅନୁଷ୍ଠାନ ଭାବେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ଲୋକସେବା ଭବନରେ ଏକ ବୈଠକ ବସିଥିଲା । ଏଥିରେ ପ୍ରଫେସର, ସୁପରିଟେଣ୍ଡେଣ୍ଟ ଏବଂ ଛାତ୍ର ପ୍ରତିନିଧି ମାନଙ୍କ ସହିତ ବଡ଼ ଡାକ୍ତରଖାନାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ମେଡ଼ିକାଲ କଲେଜରେ ବାହାରୁ ଚିକିତ୍ସକ ଆଣିବା ପାଇଁ ପରିବେଶ ସୃଷ୍ଟି କରାଯିବ । ଏହା ବ୍ୟତୀତ ଅତ୍ୟାଧୁନିକ ୩ ହଜାର ଶଯ୍ୟା ବିଶିଷ୍ଟ ସମନ୍ୱିତ ହସ୍ପିଟାଲ ନିର୍ମାଣ ହେବ । ଏଥିରେ ୧ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟ କରାଯିବ। ୨ଶହ ବର୍ଷ ତଳେ ସ୍ଥାପିତ ହୋଇଥିବା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ



କଲେଜ ଓ ହସ୍ପିଟାଲ ଦୀର୍ଘଦିନ ଧରି ଓଡ଼ିଶାବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଆସିଛି। ଏଠାରୁ ଅନେକ ବିଶିଷ୍ଟ ଡାକ୍ତର ବାହାରିଛନ୍ତି ଯେଉଁମାନେ କି କେବଳ ଓଡ଼ିଶା ନୁହେଁ, ସାରା ପୃଥିବୀରେ ଲୋକମାନଙ୍କୁ ଚିକିତ୍ସା ସେବା ଦେଇ ଆସୁଛନ୍ତି। ସେମାନେ ଆମ ରାଜ୍ୟର ଗୌରବ। ବର୍ତ୍ତମାନ ଆମର ଦାୟିତ୍ୱ ହେଉଛି ଏହି ଅନୁଷ୍ଠାନର ଗୁରୁତ୍ୱକୁ ଆହୁରି ବୃଦ୍ଧି କରି ଏହାକୁ ଏକ ବିଶ୍ୱସ୍ତରୀୟ ଚିକିତ୍ସା କେନ୍ଦ୍ରରେ ପରିଣତ କରିବା। ମୋର ସ୍ୱପ୍ନ ହେଉଛି ଓଡ଼ିଶାର ପ୍ରତ୍ୟେକ ଜନସାଧାରଣ ସୁଲଭ ତଥା ଉଚ୍ଚ ଗୁଣାତ୍ମକ ମାନର ସ୍ୱାସ୍ଥ୍ୟସେବା ପାଆନ୍ତୁ। ଏଥିପାଇଁ ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଗୁରୁତ୍ୱ ଦେଇ ଏଥିରେ ଅଧିକ ସମ୍ବଳ ବିନିଯୋଗ କରୁଛନ୍ତି। ମାତ୍ର ୩ଟି ମେଡିକାଲ କଲେଜରୁ ଆଜି ଆମେ ଦଶଟିରୁ ଅଧିକ ମେଡିକାଲ କଲେଜ କରିବା ସ୍ତରରେ ପହଞ୍ଚି ପାରିଛୁ। ସୁଲଭ, ଗୁଣାତ୍ମକ ଚିକିତ୍ସା ସେବା ପ୍ରଦାନ କ୍ଷେତ୍ରରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆମ ପରିକଳ୍ପନାର କେନ୍ଦ୍ରରେ ରହିଛି। ଏଥିପାଇଁ ଆମେ ଏକ ଅତ୍ୟାଧୁନିକ ତିନି ହଜାର ଶଯ୍ୟା ବିଶିଷ୍ଟ ସମନ୍ୱିତ ହସ୍ପିଟାଲ ନିର୍ମାଣ କରିବୁ। ଏଥିରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିବ। ଦେଶର ଶ୍ରେଷ୍ଠ ଚିକିତ୍ସା ସେବା ଅନୁଷ୍ଠାନ ସହିତ ତୁଳନୀୟ ହେବା ପାଇଁ ଆମେ ସକ୍ଷମ ହେବା ଉଚିତ। ବାସ୍ତବରେ ଆମ ପରିବର୍ତ୍ତନର ଲକ୍ଷ୍ୟ ଏମ୍‌ସ ପ୍ଲସ୍ ହେବା ଉଚିତ। ହସ୍ପିଟାଲର ଉନ୍ନତି ସହିତ ଡାକ୍ତର ଓ ଛାତ୍ରମାନଙ୍କ ରହିବା ଓ ମନୋରଞ୍ଜନ ପାଇଁ ଆମେ ଏକ ଉତ୍ତମ ପରିବେଶ ମଧ୍ୟ ସୃଷ୍ଟି କରିବୁ। ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** ଚାକିରିରେ ନିଯୁକ୍ତି ପାଇବାର ସମୟ ଆସିବ। ଗୃହରେ ଆର୍ଥିକ ଅବସ୍ଥା ଧିରେଧିରେ ସୁଧୁରିବ। ବୈବାହିକ ଜୀବନ ସୁଖମୟ ହେବ। ପରିବାର ମଧ୍ୟରେ ଲାଗି ରହିଥିବା ବିବାଦରୁ ମୁକ୍ତି ମିଳିବ। ରାଜନୈତିକ ବ୍ୟକ୍ତିମାନେ ସମ୍ମାନିତ ହେବେ।

**ବୃଷ** କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ପ୍ରଶଂସା ହେବ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। ଶିକ୍ଷା କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ଶୁଭଫଳ ମିଳିବ। କଳାକାରମାନେ ଯଶ ଅର୍ଜନ କରିବେ। ଆଇନ୍ କାନୁନ୍ ମାମଲାରେ ସମାଧାନତା ଅବଲମ୍ବନ କରିବେ।

**ମିଥୁନ** ସରକାରୀ କାମରେ ବାଧା ଦୂର ହେବ। ଧର୍ମପୁସ୍ତକ ପଢ଼ିବାରେ ଆଗ୍ରହ ବଢ଼ିବ। ବୈବାହିକ ଜୀବନ ସୁଖରେ କଟିବ। ଗୃହରେ ଶୁଭକାର୍ଯ୍ୟ ଅନୁଷ୍ଠିତ ହେବ। ବ୍ୟବସାୟୀଙ୍କୁ ପ୍ରଚୁର ଲାଭ ମିଳିବାର ସମ୍ଭାବନା ରହିଛି।

**କର୍କଟ** ନୂଆ ଚାକିରିର ପ୍ରସ୍ତାବ ମିଳିପାରେ। ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ଛାତ୍ରଛାତ୍ରୀମାନେ କିଛିମାତ୍ରାରେ ସଫଳତା ପାଇବେ। ଗାଡି କିଣିବା ପାଇଁ ମନ ବଢ଼ିବ। ଶରୀର ସୁସ୍ଥ ଓ ମନ ଖୁସି ରହିବ।

**ସିଂହ** ସମାଜରେ ମାନ-ସମ୍ମାନ ମିଳିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ନୂତନ ଗୃହ ନିର୍ମାଣ କାରବାର ସମୟ ଆସିବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ହେବେ। ବିବାଦର ସମାଧାନ ହେବ।

**କନ୍ୟା** କଳା ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। କର୍ମକ୍ଷେତ୍ରରେ ଖୁବ୍‌ଶୀଘ୍ର ପରିବର୍ତ୍ତନ ହେବ। ପୁରସ୍କାର ମିଳିପାରେ। ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ମିଳିବ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ।

**ତୁଳା** କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କ ପ୍ରିୟଭାଜନ ହେବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ଯାନବାହନ ପ୍ରତି ସତର୍କତା ରହିବେ। ସନ୍ତାନଙ୍କ ପାଇଁ ଚିନ୍ତିତ ରହିବେ। ପୁରୁଣା ବିବାଦରୁ ଆପଣଙ୍କୁ ଆରାମ ମିଳିବ।


**ବିଛା** ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ମହିଳାଙ୍କର ସାମାଜିକ ଗତିବିଧିର ସମ୍ମାନ ବୃଦ୍ଧି ହେବ। ଚାକିରି କ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ଧନପ୍ରାପ୍ତିର ସୁଯୋଗ ହାତଛଡା କରିବେ।

**ଧନୁ** ପୂଜା ପାଠରେ ଅଧିକ ସମୟ ବିତିବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ହାତଛଡା କରିବେ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ରାଜନୀତିରେ ଆଧିପତ୍ୟ ବଢ଼ିବ।

**ମକର** ଗୃହରେ ବନ୍ଧୁମିଳନରୁ ଶାନ୍ତି ଅନୁଭବ କରିବେ। ଧର୍ମ ଚର୍ଚ୍ଚାରେ ସମୟ କଟିବ। ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବେ। ଗୃହରେ ବୟସ୍କ ବ୍ୟକ୍ତିଙ୍କ ଶରୀର ଅସୁସ୍ଥ ରହିବ। ପରିଶ୍ରମର ଫଳ ପାଇବେ।

**କୁମ୍ଭ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେଇ ପ୍ରଶଂସିତ ହେବେ। କ୍ରୀଡାବିତ୍‌ମାନେ ସଫଳତା ଅର୍ଜନ କରିବେ। ପାରିବାରକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଲାଭରୁ ବଞ୍ଚିତ ରହିବେ।

**ମୀନ** ସାମାଜିକ କର୍ମରେ ସମୟ ବିତିବ। ଆର୍ଥିକ ଅବସ୍ଥା ବଦଳିବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ସହଯୋଗ ପାଇବେ। ଦାମ୍ପତ୍ୟ ଜୀବନରେ କଳହ ଉପୁଜିପାରେ। ମାନସିକ ଚିନ୍ତାରେ ବୁଡି ରହିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ମାନ୍ଦାବସ୍ଥା ଯୋଗୁଁ ଅଭିବୃଦ୍ଧିରେ ଦ୍ରୁତ ହ୍ରାସ


**ନୂଆଦିଲ୍ଲୀ :** ସାଂପ୍ରତିକ ଆର୍ଥିକ ମାନ୍ଦାବସ୍ଥାକୁ ନେଇ ଭାରତୀୟ ଅର୍ଥନୀତି ବିଭିନ୍ନ କ୍ଷେତ୍ରରେ ପ୍ରଭାବିତ ହୋଇଥିଲା ବେଳେ ଚଳିତ ବର୍ଷ ମୋଟ ଘରୋଇ ଉତ୍ପାଦନ(ଜିଡିପି) ଯଥେଷ୍ଟ ମାତ୍ରାରେ ପ୍ରଭାବିତ ହେବ ବୋଲି ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ପକ୍ଷରୁ ଆକଳନ କରାଯାଇଛି। କିନ୍ତୁ ଏହି ମାନ୍ଦାବସ୍ଥାକୁ ନେଇ ଦିନକୁ ଦିନ ସ୍ଥିତି ଖରାପ ହେବାରେ ଲାଗିଛି ବୋଲି ଆନ୍ତର୍ଜାତିକ ରେଟିଂ ସଂସ୍ଥା ମୁଡିଜ୍ ଇନ୍‌ଭେଷ୍ଟର୍ସ ସର୍ଭିସ୍ ପକ୍ଷରୁ କୁହାଯାଇଛି। ଏହିକ୍ରମରେ ଭାରତର ବିଭିନ୍ନ ପ୍ରମୁଖ ବିତ୍ତୀୟ ସଂସ୍ଥାମାନଙ୍କ ସ୍ଥିତିକୁ ନେଇ ମଧ୍ୟ ମୁଡିଜ୍ ପକ୍ଷରୁ ଆଉଟ୍‌ଲୁକ୍ ରିପୋର୍ଟ ପ୍ରକାଶ କରାଯାଇଥିଲା ବେଳେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସ୍ଥିତିକୁ ସ୍ଥିରରୁ ବିଯୁକ୍ତାତ୍ମକ ଦର୍ଶାଯାଇଛି। ସେହିପରି ରପ୍ତାନି ଏବଂ ଆମଦାନୀ ଉଦ୍ୟୋଗ ଏକ୍‌ଜିମ୍ ଇଣ୍ଡିଆ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ହିରୋ ଫିନ୍ କର୍ପ, ହୁଡ୍‌କୋ, ଆଇଆର୍‌ଏଫ୍‌ସି ଏବଂ ଏସ୍‌ବିଆଇର ସ୍ଥିତିକୁ ବିଯୁକ୍ତାତ୍ମକ ଦର୍ଶାଯାଇଥିଲା ବେଳେ ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ , ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ସିଣ୍ଡିକେଟ୍ ବ୍ୟାଙ୍କର ସ୍ଥିତିକୁ ସକାରାତ୍ମକ ଦର୍ଶାଯାଇଛି। ଦେଶରେ ସାଡୋ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭାବେ କାର୍ଯ୍ୟ କରୁଥିବା ଏନ୍‌ବିଏଫ୍‌ସି କ୍ଷେତ୍ର ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ଦୀର୍ଘ ଦିନ ଧରି ରହି ଆସିଥିବା ମାନ୍ଦାବସ୍ଥାର ପ୍ରଭାବକୁ ନେଇ ସରକାରଙ୍କ ଋଣ ଭାର ବଢିବାରେ ଲାଗିଛି। ଫଳରେ ଭାରତର ଋଣ ପ୍ରଦାନ ସ୍ଥିତି( କ୍ରେଡିଟ୍ ରେଟିଂ) ସ୍ଥିର ରହିବା ସ୍ଥିତିରୁ ଉତ୍କଟ ହେବାରେ ଲାଗିଛି ବୋଲି ମୁଡିଜ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ମୁଡିଜ୍ ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ, ଅଭିବୃଦ୍ଧିରେ ଦ୍ରୁତ ହ୍ରାସ ସହିତ ସରକାର କର୍ପୋରେଟ ଟିକସ ବ୍ୟବସ୍ଥାରେ ଆଣିଥିବା ପଦକ୍ଷେପକୁ ନେଇ କ୍ଷେତ୍ର ସର୍ବାଧିକ ଭାବେ ପ୍ରଭାବିତ ହୋଇଥିବାରୁ ହାରାହାରି ଅଭିବୃଦ୍ଧି ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ। ୨୦୧୯-୨୦ରେ ଭାରତର ଜିଡିପି ୫ ପ୍ରତିଶତ ରହିବା ସହିତ ସ୍ଥାୟୀ ଅଭିବୃଦ୍ଧି ହାର ୮ ପ୍ରତିଶତ ରହିବା ନେଇ ସନ୍ଦେହ ସୃଷ୍ଟି ହୋଇଛି ବୋଲି ମୁଡିଜ୍ ସୋଭେରିନ୍ ରିସ୍କ ଗ୍ରୁପ୍‌ର ଉପ ସଭାପତି ଉଲିୟମ ଫୋଷ୍ଟର କହିଛନ୍ତି।

# ଗାନ୍ଧୀ ପରିବାର ଉପରୁ ହଟିଲା ଏସପିଜି ସୁରକ୍ଷା

**ନୂଆଦିଲ୍ଲୀ :** ଗାନ୍ଧୀ ପରିବାର ପାଉଥିବା ଏସପିଜି ସୁରକ୍ଷା ହଟାଇବାକୁ ମୋଦି ସରକାର ନିଷ୍ପତି ନେଇଛନ୍ତି। ବର୍ତମାନ ସେମାନେ କେବଳ ଜେଡ୍ ପ୍ଲସ୍ ସୁରକ୍ଷା ପାଇବେ। ଗୃହ ମନ୍ତ୍ରଣାଳୟର ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତି ନିଆଯାଇଛି। ଏହି ନିଷ୍ପତି ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଏହା ଏକ ଷଡଯନ୍ତ୍ର। ଏହା ପଛରେ ଆରଏସଏସ୍ ର ହାତ ରହିଛି ବୋଲି କଂଗ୍ରେସ କହିଛି। ଏହାପରେ ଗାନ୍ଧୀ ପରିବାର ଅର୍ଥାତ୍ ସୋନିଆ ଗାନ୍ଧୀ , ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇ ଦିଆଯିବ। ସେମାନଙ୍କ ସୁରକ୍ଷା ଦାୟିତ୍ୱରେ ସିଆରପିଏଫ୍ କମାଣ୍ଡୋ ମାନେ ରହିବେ। ବର୍ତମାନ କେବଳ ପ୍ରଧାନମନ୍ତ୍ରୀ ମୋଦିଙ୍କ ନିକଟରେ ହିଁ ଏସପିଜି ସୁରକ୍ଷା ରହିବ। ଏହା ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନିକଟରୁ ମଧ୍ୟ ଏସପିଜି ସୁରକ୍ଷା ହଟାଯାଇ ଜେଡ୍ ପ୍ଲସ୍ କ୍ୟାଟେଗୋରୀ ସୁରକ୍ଷା ଦିଆଯାଉଛି। ରିପୋର୍ଟ ଅନୁଯାୟୀ ସମସ୍ତ ସୁରକ୍ଷା ଏଜେନ୍ସି ମାନଙ୍କ ସହ ଆଲୋଚନା ପରେ ଏହି ନିଷ୍ପତି ନିଆଯାଇଛି। ବହୁ ସମୟ ଧରି ଗାନ୍ଧୀ ପରିବାର ଉପରେ କୌଣସି ପ୍ରକାର ଆକ୍ରମଣ ବା ଧମକ ଆସିନାହିଁ। ଏହାର ଆଶଙ୍କା ନଥିବାରୁ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କମ୍ କରିବାକୁ କେନ୍ଦ୍ର ସରକାର ସ୍ଥିର କରିଥିବା ଜଣାଯାଇଛି। ଏସପିଜି (ସ୍ପେଶାଲ ପ୍ରୋଟେକ୍ସନ୍ ଗ୍ରୁପ୍) ରେ ପ୍ରଶିକ୍ଷିତ ଯବାନଙ୍କ ସମେତ ଆଧୁନିକ ଉପକରଣ, ଗାଡି ମଧ୍ୟ ରହିଥାଏ। ଏଥିରେ ସ୍ନାଇପର୍ସ, ବମ୍ ନିରୋଧକ ବିଶେଷଜ୍ଞ ମଧ୍ୟ ରହିଥାନ୍ତି। ଏସପିଜି କମାଣ୍ଡୋଙ୍କ ପାଖରେ ଅତ୍ୟାଧୁନିକ ରାଇଫଲ୍ , ଅନ୍ଧାରରେ ଦେଖିପାରିବା ଭଳି ଚଷମା, ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ଭଳି ଅତ୍ୟାଧୁନିକ ଉପକରଣ ରହିଥାଏ। ଏହାସହ ବିଏମଡବ୍ଲୁ ଏବଂ ରେଞ୍ଜରୋଭର ରେଂଜର ବହୁ ଗାଡି ମଧ ରହିଥାଏ।

# ଉର୍ଜ୍ଜା କ୍ଷେତ୍ରରେ ପରିବର୍ତ୍ତନର ରାସ୍ତା ବାହାର କରିବ ଭାରତ : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,(ପିଆଇବି):** ଆଗାମୀ ଦିନରେ ଗୋଟିଏ ଦାୟିତ୍ୱସମ୍ପନ୍ନ ଦେଶ ଭାବରେ ଭାରତ ଉର୍ଜା କ୍ଷେତ୍ରରେ ପରିବର୍ତନର ରାସ୍ତା ନିଜ ଉପାୟରେ ବାହାର କରିବ ବୋଲି ନୂଆଦିଲ୍ଲୀ ଠାରେ ଆୟୋଜିତ ଏନରିଚ୍ ୨୦୧୯-କେପିଏମଜି ଭାରତର ବାର୍ଷିକ ଉର୍ଜା ସମ୍ମିଳନୀରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ସ୍ଥାୟୀ ଭାବରେ ଉର୍ଜାର ବିକାଶ କରିବା ଭାରତ ସରକାରଙ୍କ ବଡ ପ୍ରାଥମିକତା ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗାମୀ ଦିନରେ ଭାରତ ଆମେରିକୀୟ ଡଲାରରେ ୫ ଟ୍ରିଲିୟନ ଅର୍ଥନୀତି ହାସଲ କରିବାର ଲକ୍ଷ୍ୟ ରଖିଥିବା ବେଳେ ସଂପ୍ରତି ଦେଶରେ ବ୍ୟବସାୟିକ କାରବାର ଏବଂ ଲୋକଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିବା ଉପରେ ଅଧିକ ଯୋର୍ ଦିଆଯାଉଛି। ଦେଶର



ଭିତିଭିମିରେ ଅଧିକରୁ ଅଧିକ ପୁଞ୍ଜିନିବେଶ, ଡିଜିଟାଲ୍ ଅର୍ଥନୀତି ଏବଂ ଛୋଟ ଓ ମଧ୍ୟମ ବ୍ୟବସାୟରେ ନିଯୁକ୍ତି ସୃଷ୍ଟି ଦ୍ୱାରା ଭାରତର ଗତିଶୀଳ ଅର୍ଥନୀତି ଆଗକୁ ବଢିପାରିବ ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତତ୍ୱରେ ଭାରତ ସରକାର ବ୍ୟବସାୟ କାରବାରରେ ଅନୁକୂଳଯୁକ୍ତ ପରିବେଶ ନିମନ୍ତେ ଗତ ୫ ବର୍ଷରେ ଅନେକ ଗୁଡିଏ ସଂସ୍କାରରେ ସୁଧାର ଆଣିଛନ୍ତି। ଭାରତକୁ କମ୍ କାର୍ବନ ନିର୍ଗମନ ଅର୍ଥ ବ୍ୟବସ୍ଥା କରିବା ପାଇଁ ତଥା ଉର୍ଜାର ନିରନ୍ତର ଆବଶ୍ୟକତା ପୂରଣ ପାଇଁ ମୋଦି ସରକାର ଭାରତକୁ ଗ୍ୟାସ୍ ଆଧାରିତ ଅର୍ଥନୀତି କରିବାପାଇଁ ଯୋଜନାବଦ୍ଧ ଉଦ୍ୟମ ଜାରୀ ରଖିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଆଜି ଦିନରେ ଭାରତର ମୁଣ୍ଡପିଛା କାର୍ବନ ଗ୍ୟାସ୍ ନିର୍ଗମନ ବିଶ୍ୱର ହାରାହାରି ହାର ଠାରୁ କମ୍ ରହିଛି। ଭାରତକୁ ଗ୍ୟାସ୍ ଆଧାରିତ ଅର୍ଥବ୍ୟବସ୍ଥା କରିବାପାଇଁ ୬୦ ନିୟୁତ ଆମେରିକୀୟ ଡଲାର ବ୍ୟୟ ବରାଦରେ ଗ୍ୟାସ୍ ଭିତିଭୂମି ଯଥା ଗ୍ୟାସ୍ ପାଇପ୍ ଲାଇନ୍ , ଟର୍ମିନାଲ, ସିଟି ଗ୍ୟାସ୍ ବିତରଣ ବ୍ୟବସ୍ଥା ଆଦି ବିଭିନ୍ନ କାର୍ଯ୍ୟ କ୍ରିୟାନ୍ୱୟନ ଚାଲିଛି। ଉର୍ଜାର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବାପାଇଁ ଜୈବ ଉର୍ଜା ଉପରେ ଭାରତ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗାମୀ ଦଶକ ମାନଙ୍କରେ ଭାରତ ବିଶ୍ୱ ଉର୍ଜା ଚାହିଦାର କେନ୍ଦ୍ରବିନ୍ଦୁ ହେବ। ସେହିପରି ଦେଶର ଜୈବ ଇନ୍ଧନ ଉପରେ ଆଲୋକପାତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ କୃଷି ବର୍ଜ୍ୟବସ୍ତୁ ଏବଂ ସହରର ଆବର୍ଜନାରୁ ବିଭିନ୍ନ ପ୍ରକାର ଜୈବ ଇନ୍ଧନ ଉତ୍ପନ୍ନ ହୋଇପାରିବା ନେଇ ଆମର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

## ବାୟୁ ପ୍ରଦୂଷଣର ସମୀକ୍ଷା କଲେ ପିକେ ମିଶ୍ର

**ନୂଆଦିଲ୍ଲୀ (ପିଆଇବି):** ବାୟୁ ପ୍ରଦୂଷଣର ମୁକାବିଲା ଲାଗି ପଞ୍ଜାବ, ହରିୟାଣା ଏବଂ ଦିଲ୍ଲୀ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଜି ପୁଣିଥରେ ସମୀକ୍ଷା କରିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ ମିଶ୍ର। ଗତ ୨୪ ଘଂଟା ମଧ୍ୟରେ ଏସବୁ ରାଜ୍ୟରେ ଅଗ୍ନିକାଣ୍ଡ ଏବଂ ଫସଲ ବର୍ଜ୍ୟ ଦହନ ମାମଲାର ନିୟନ୍ତ୍ରଣ ଲାଗି ନିଆଯାଇଥିବା ଅତିରିକ୍ତ ପଦକ୍ଷେପର ବିବରଣୀ ଜାଣିବାକୁ ଚାହିଁଥିଲେ। ପଞ୍ଜାବ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ହଟସ୍ପଟ ଚିହ୍ନଟ ହୋଇଥିବା ବିଭିନ୍ନ ଜିଲ୍ଲାର ଉପ ଆୟୁକ୍ତମାନଙ୍କ ସହିତ ମିଶି ସେ ବ୍ୟକ୍ତିଗତ ଭାବେ ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି। ସେ ଆହୁରି କହିଥିଲେ ଯେ ବାୟୁ ପ୍ରଦୂଷଣ (ପ୍ରଦୂଷଣର ନିୟନ୍ତ୍ରଣ ଏବଂ ନିରାକରଣ) ଆଇନ, ୧୯୮୧ର ଉଲ୍ଲଙ୍ଘନ ପାଇଁ ମାମଲା ମଧ୍ୟ ରୁଜୁ କରାଯାଇଛି। ଏହି ଆଇନର ଉଲ୍ଲଙ୍ଘନ କ୍ଷେତ୍ରରେ ରାଜ୍ୟ ସରକାର କଠୋର ପଦକ୍ଷେପ ସ୍ୱରୂପ ଜୋରିମାନା ମଧ ଆଦାୟ କରୁଛନ୍ତି।

**କେନ୍ଦ୍ର କୋଇଲା ମନ୍ତ୍ରୀଙ୍କ ଘୋଷଣା**

# ଖଣି ଦୁର୍ଘଟଣାରେ ମୃତକଙ୍କ ପାଇଁ ଅନୁକମ୍ପାମୂଳକ ରାଶି ୩୦୦% ବୃଦ୍ଧି

**ନୂଆଦିଲ୍ଲୀ :** କୋଇଲା ଖଣି ଦୁର୍ଘଟଣାରେ ପ୍ରାଣ ହରାଉଥିବା ଶ୍ରମିକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ଅନୁକମ୍ପାମୂଳକ ରାଶିରେ ୩୦୦ ପ୍ରତିଶତ ବୃଦ୍ଧି ଘୋଷଣା କରିଛନ୍ତି କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ। ଏହି ଅର୍ଥରାଶି ୫ ଲକ୍ଷ ଟଙ୍କାରୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବା ସେ କହିଛନ୍ତି। ଆଜି ଓଡ଼ିଶା ଗସ୍ତରେ ଆସି ମହାନଦୀ କୋଲ ଫିଲ୍ଡସ ଲିମିଟେଡ (ଏମସିଏଲ)ରେ କୋଇଲା ଖଣି ଶ୍ରମିକଙ୍କୁ ସମ୍ବୋଧିତ କରି ଶ୍ରୀ ଯୋଶୀ କହିଥିଲେ ଯେ ଏହି କଲ୍ୟାଣକାରୀ ଉପାୟ ଦ୍ୱାରା ଦେଶର ୮ଟି ରାଜ୍ୟରେ କୋଲ ଇଣ୍ଡିଆ ଏବଂ ଏହାର ସହାୟକ କମ୍ପାନୀରେ କାମ କରୁଥିବା ୩.୫ ଲକ୍ଷରୁ ଉର୍ଦ୍ଧ୍ୱ ଖଣି ଶ୍ରମିକଙ୍କ ପରିବାର ଲାଭାନ୍ୱିତ ହେବେ। କୋଇଲା ଏବଂ ଖଣି ମନ୍ତ୍ରୀ ମହାନଦୀ କୋଲ ଫିଲ୍ଡସ ଲିମିଟେଡରେ ତାଳଚେର କୋଲଫିଲ୍ଡସର ଖନନ କାର୍ଯ୍ୟକୁ ଆକାଶମାର୍ଗରୁ ନିରୀକ୍ଷଣ କରିଥିଲେ। ତାଳଚେର କୋଲ ଫିଲ୍ଡସ ହେଉଛି ରାଜ୍ୟରେ ଚାଲିଥିବା କୋଲ ଇଣ୍ଡିଆ ଲିମିଟେଡର ଦ୍ୱିତୀୟ ସର୍ବବୃହତ ସହାୟକ କମ୍ପାନୀ। ଏହା କୋଲ ଇଣ୍ଡିଆର ମୋଟ କୋଇଲା ଉତ୍ପାଦନରେ ୨୫ ପ୍ରତିଶତ ଯୋଗଦାନ ଦେଇଥାଏ। କୋଇଲା ଖଣିରେ ପ୍ରାଣ ହରାଉଥିବା ଶ୍ରମିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରୀ ଯୋଶୀ କହିଥିଲେ ଯେ କୋଇଲା ଶ୍ରମିକଙ୍କ କଲ୍ୟାଣ ପାଇଁ ଖଣି ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କ ସହିତ ଚୁକ୍ତିଭିତିକ କର୍ମଚାରୀଙ୍କ ପାଇଁ ମଧ ଅନୁକମ୍ପା ରାଶିକୁ ୫ ଲକ୍ଷ ଟଙ୍କାରୁ ବଢ଼ାଇ ୧୫ ଲକ୍ଷ ଟଙ୍କା କରିବାକୁ ମୁଁ ଘୋଷଣା କରୁଛି। ଶ୍ରୀ ଯୋଶୀ କହିଥିଲେ ଯେ ଭାରତ ସରକାର ସାଧାରଣ ଜନତାଙ୍କ ଜୀବନ ଧାରଣର ମାନ ଉପରକୁ ଉଠାଇବା ଲାଗି ସଂକଳ୍ପବଦ୍ଧ। ଯୁବକମାନଙ୍କୁ ଅଧିକ ନିଯୁକ୍ତି ଏବଂ ଉଦ୍ୟମିତା ପାଇଁ ସୁଯୋଗ ଦେବା ଦିଗରେ ସରକାର କାମ କରୁଛନ୍ତି। ସେ ଏହା ମଧ ଘୋଷଣା କରିଥିଲେ ଯେ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କୋଇଲା ଖଣି ପାଇଁ ଜମି ହରାଉଥିବା ୪ହଜାରରୁ ଅଧିକ ଲୋକଙ୍କୁ ମହାନଦୀ କୋଲ ଫିଲ୍ଡସ ଚାକିରି ଯୋଗାଇ ଦେବ। ଶ୍ରୀ ଯୋଶୀ ଆହୁରି କହିଥିଲେ ଯେ, ଆଗାମୀ ବର୍ଷଗୁଡ଼ିକରେ ଏମସିଏଲ ଖଣିରୁ କୋଇଲାର ବାଧାମୁକ୍ତ ପରିବହନ ଲାଗି ମହାନଦୀ କୋଲ ଫିଲ୍ଡସ ରେଳ ଭିତିଭୂମି ନିର୍ମାଣରେ ୯ହଜାର କୋଟି ଟଙ୍କାରୁ ଅଧିକ ନିବେଶ କରିବ। ଦେଶରେ କୋଇଲା ଉତ୍ପାଦନ ବୃଦ୍ଧି କରିବା ସମ୍ପର୍କରେ ସମସ୍ତ ଅଂଶୀଦାରଙ୍କ ସହଯୋଗ ଲୋଡ଼ି ଶ୍ରୀ ଯୋଶୀ କହିଥିଲେ ଯେ ଏମସିଏଲ ନିଜ ପରିଚାଳନା କ୍ଷେତ୍ର ପାର୍ଶ୍ୱବର୍ତୀ ଅଂଚଳରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ ଆରମ୍ଭ କରିବ। ଯାହାଦ୍ୱାରା ଲୋକମାନଙ୍କୁ ସେମାନଙ୍କ ଘର ପାଖରେ ଚିକିତ୍ସା ସେବା ମିଳିପାରିବ। ଶ୍ରୀ ଯୋଶୀ ପ୍ରଥମ ଥର ଲାଗି କମ୍ପାନୀର ଖନନ କାର୍ଯ୍ୟ ସମୀକ୍ଷା ଲାଗି ଓଡ଼ିଶା ଗସ୍ତରେ ଆସିଥିଲେ। ସେ ଲିଙ୍ଗରାଜ କ୍ଷେତ୍ରର ଏମସିଏଲ ଡିଏଭି ସ୍କୁଲ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସ୍କୁଲ ଆନୁମାନିକ ୪୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ପ୍ରଥମେ ଏଥିରେ ୧୩ଶହ ଛାତ୍ରଛାତ୍ରୀଙ୍କ ନାମ ଲେଖାଯିବ ପରେ ଛାତ୍ରଛାତ୍ରୀଙ୍କ କ୍ଷମତାକୁ ୩ହଜାର କରିବା ଲାଗି ପ୍ରସ୍ତାବ ରହିଛି। ଏହି ଅବସରରେ କୋଲ ଇଣ୍ଡିଆର ସିଏମଡି ଶ୍ରୀ ଏ.କେ ଝା ଏବଂ ଏମସିଏଲର ସିଏମଡି ଶ୍ରୀ ବି.ଏସ ଶୁକ୍ଲାଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଖଦିର ସ୍ୱତନ୍ତ୍ର ବର୍ଗୀକରଣକୁ ଅନୁମତି

**ନୂଆଦିଲ୍ଲୀ, (ପିଆଇବି):** ବିଭିନ୍ନ ଉତ୍ପାଦର ରପ୍ତାନି ପାଇଁ ଭାରତ ସରକାରଙ୍କ ପକ୍ଷରୁ କରାଯାଉଥିବା ସ୍ୱତନ୍ତ୍ର ବର୍ଗୀକରଣ ତାଲିକାରେ ଖଦି ସ୍ଥାନ ପାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ନଭେମ୍ବର ୪, ୨୦୧୯ରେ ପ୍ରକାଶ ପାଇଥିବା ଏଚଏସ କୋଡ ମାନ୍ୟତା ପ୍ରାପ୍ତ ଉତ୍ପାଦ ତାଲିକାରେ ଖଦିକୁ ସାମିଲ କରାଯାଇଛି। ଫଳରେ ପାରମ୍ପରିକ ପରିଚୟର ପରିଧିରୁ ବାହାରକୁ ବାହାରି ଖଦିକୁ ଏକ ସ୍ୱତନ୍ତ୍ର ଏଚଏସ କୋଡ ମିଳିବ ଏବଂ ଏହାର ରପ୍ତାନି ବୃଦ୍ଧି ପାଇବ। ରପ୍ତାନି ହେଉଥିବା ଉତ୍ପାଦ ପାଇଁ ବିଶ୍ୱ ବର୍ହିଶୁଳ୍କ ସଂଗଠନ (ଡବ୍ଲ୍ୟୁସିଓ) ପକ୍ଷରୁ 'ହାର୍ମୋନାଇଜଡ ସିଷ୍ଟମ' ବା 'ଏଚଏସ କୋଡ' ବିକଶିତ କରାଯାଇଛି। କୌଣସି ଉତ୍ପାଦର ପରିଚୟ ପାଇଁ ଏହା ହେଉଛି ୬ସଂଖ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଡ ବା ସଂକେତକ। ଯେକୌଣସି ଉତ୍ପାଦକୁ କୌଣସି ଅନ୍ତର୍ଜାତୀୟ ସୀମା ମଧ୍ୟକୁ ପ୍ରବେଶ କିମ୍ବା ଅତିକ୍ରମ ନିମନ୍ତେ ଅନୁମତି ଦେବା ଲାଗି ବର୍ହିଶୁଳ୍କ ଅଧିକାରୀମାନେ ଏଚଏସ କୋଡର ଉପଯୋଗ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଖଦିକୁ ଏକ ସ୍ୱତନ୍ତ୍ର ଏଚଏସ କୋଡ ପ୍ରଦାନ କରାଯିବା ପାଇଁ ବିଚାର କରାଯାଉଥିଲା। ଚଳିତ ସପ୍ତାହରେ ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଭାରତର ପରିଚୟ ଖଦି କପଡ଼ାକୁ ସ୍ୱତନ୍ତ୍ର ଏଚଏସ କୋଡ ପ୍ରଦାନ କରାଯାଇଛି। ଅର୍ଥାତ ଏହାକୁ ସାଧାରଣ ବୟନ ଉତ୍ପାଦ ତାଲିକାରୁ ବାହାର କରି ସ୍ୱତନ୍ତ୍ର ଭାବେ ବର୍ଗୀକରଣ କରାଯାଇଛି। ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ଅଧ୍ୟକ୍ଷ ବିନୟ କୁମାର ସାକ୍ସେନା କହିଛନ୍ତି ଯେ ସରକାରଙ୍କ ଏହି ନିଷ୍ପତି ଖଦି ରପ୍ତାନି କ୍ଷେତ୍ରରେ ନୂତନ ଅଧ୍ୟାୟ ଆରମ୍ଭ କରିବ। ପୂର୍ବରୁ ଖଦିର ସ୍ୱତନ୍ତ୍ର ଏଚଏସ କୋଡ ନଥିଲା। ଯାହାର ଫଳସ୍ୱରୂପ ଏହି ସ୍ୱତନ୍ତ୍ର କପଡ଼ାକୁ ସାଧାରଣ ବୟନ ଉତ୍ପାଦ ଭାବେ ବିବେଚନା କରାଯାଇ ରପ୍ତାନି କରାଯାଉଥିଲା। ବର୍ତମାନ ଆମେ ଏହି ସ୍ୱତନ୍ତ୍ର କପଡ଼ାର ରପ୍ତାନି ସମ୍ପର୍କରେ ସଠିକ ଓ ବାସ୍ତବ ତଥ୍ୟ ସଂଗ୍ରହ କରିପାରିବୁ। ଏହା ରପ୍ତାନି ରଣନୀତି ପ୍ରସ୍ତୁତିରେ ମଧ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି। ଶ୍ରୀ ସାକ୍ସେନା ଆହୁରି କହିଛନ୍ତି, ଖଦି ଓ ଗ୍ରମୋଦ୍ୟୋଗ ଉତ୍ପାଦଗୁଡ଼ିକ ପରିବେଶ ଅନୁକୂଳ ଏବଂ ପ୍ରାକୃତିକ ହୋଇଥିବାରୁ ଅନ୍ତର୍ଜାତୀୟ ବଜାରରେ ଏଗୁଡ଼ିକର ବିଶେଷ ଚାହିଦା ରହିଛି। ରପ୍ତାନି ବୃଦ୍ଧି ପାଇଁ ରହିଥିବା ସମ୍ଭାବନା ଓ ପରିବେଶ ଅନୁକୂଳ ବିଶେଷତ୍ୱ ରହିଥିବାରୁ ୨୦୦୬ରେ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗକୁ 'ଏକକ ରପ୍ତାନି ପ୍ରୋତ୍ସାହନ ପରିଷଦ' (ଇପିସିଏସ) ମାନ୍ୟତା ଦିଆଯାଇଥିଲା। ଖଦି ଉତ୍ପାଦର ରପ୍ତାନି ବୃଦ୍ଧି ନିମନ୍ତେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ତେବେ ସ୍ୱତନ୍ତ୍ର ଏଚଏସ କୋଡ ନଥିବାରୁ ଖଦି ଉତ୍ପାଦର ବର୍ଗୀକରଣ ଓ ହିସାବ କରି ରପ୍ତାନି କରିବା କଷ୍ଟକର ହେଉଥିଲା।

# ବିଦେଶରୁ ଆମଦାନୀ ହେବ ପିଆଜ

**ନୂଆଦିଲ୍ଲୀ,(ପିଆଇବି):** କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଂଟନ ମନ୍ତ୍ରୀ ରାମବିଳାସ ପାଶ୍ୱାନ ସାରା ଦେଶରେ ପିଆଜ ଦର ବୃଦ୍ଧି ଏବଂ ଉପଲବ୍ଧତାର ସମୀକ୍ଷା କରିଛନ୍ତି। ଉପଭୋକ୍ତା ବ୍ୟାପାର ସଚିବ ଅବିନାଶ କେ ଶ୍ରୀବାସ୍ତବ, ଖାଦ୍ୟ ସଚିବ ରବି କାନ୍ତଙ୍କ ସମେତ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ପ୍ରାୟ ଦୁଇ ଘଣ୍ଟା ଧରି ଏହି ସମୀକ୍ଷା କରାଯାଇଥିଲା। ଦେଶରେ ପିଆଜ ଦର ବୃଦ୍ଧିର କାରଣ ଏବଂ ଏହାର ମୁକାବିଲା ଲାଗି ସରକାର ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ବୈଠକରେ ସୂଚନା ଦିଆଯାଇଥିଲା ଯେ ବିଶେଷ କରି ମହାରାଷ୍ଟ୍ରରେ ମୌସୁମୀ ବିଳମ୍ବ ହେବା କାରଣରୁ ଠିକ ସମୟରେ ପିଆଜ ବିହନ ଲଗାଇବା ସମ୍ଭବପର ହୋଇନଥିଲା। ଫଳରେ ମଣ୍ଡିରେ ଉତ୍ପାଦିତ ପିଆଜ ପହଁଚିବାରେ ମଧ ଡେରି ହୋଇଥିଲା। ଏହାଛଡ଼ା ରାଜ୍ୟରେ ଦୁଇଟି ବାତ୍ୟା କାରଣରୁ ହୋଇଥିବା ଅଦିନିଆ ବର୍ଷାର ପ୍ରଭାବ ସାମଗ୍ରିକ ପିଆଜ ଉତ୍ପାଦନ ଉପରେ ପଡ଼ିଥିଲା ଏବଂ ଏହା ମଧ ପିଆଜ ପରିବହନକୁ ପ୍ରଭାବିତ କରିଥିଲା। ବୈଠକ ପରେ ଶ୍ରୀ ପାଶ୍ୱାନ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ପିଆଜ ଦର ବୃଦ୍ଧି ଉପରେ ଅଂକୁଶ ଲଗାଇବାକୁ କେନ୍ଦ୍ର ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ୫୬,୭୦୦ ଟନ ପିଆଜ ମହଜୁଦ କରି ରଖାଯାଇଛି। ଏଥିମଧ୍ୟରୁ ୧୫୨୫ ଟନ ନାଫେଡ ନିକଟରେ ରହିଛି। ବଜାରରେ ଯଥେଷ୍ଟ ପରିମାଣରେ ପିଆଜ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ପିଆଜ ରପ୍ତାନି ଉପରେ ଅଂକୁଶ ଜାରି କରାଯାଇଛି। ଖୁଚୁରା ବ୍ୟବସାୟୀଙ୍କ ପାଇଁ ପିଆଜ ମହଜୁଦ କରି ରଖିବାର ସୀମା ୧୦ ମେଟ୍ରିକ ଟନ ରଖାଯାଇଥିବା ବେଳେ ପାଇକାରୀ ବ୍ୟବସାୟୀଙ୍କ



ପାଇଁ ଏହି ସୀମା ୫୦ ମେଟ୍ରିକ ଟନ ରଖାଯାଇଛି। ପିଆଜ ଦର ବୃଦ୍ଧିର କାରଣ ସମ୍ପର୍କରେ ସୂଚନା ଦେଇ ଶ୍ରୀ ପାଶ୍ୱାନ କହିଥିଲେ ଯେ ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି, ମାତ୍ର ବର୍ଷା କାରଣରୁ ପିଆଜ ଉତ୍ପାଦନ ୩୦ରୁ ୪୦% ପ୍ରତିଶତ ହ୍ରାସ ପାଇଛି। ପିଆଜ ଯୋଗାଣ ମଧ ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀ ମଣ୍ଡିରେ ମଧ ୨୫% ପିଆଜ କମ ପହଁଚିଛି। କେନ୍ଦ୍ର ସରକାର ପିଆଜ ଆମଦାନୀ ପାଇଁ ଆବଶ୍ୟକ ସୁବିଧା ଯୋଗାଇ ଦେଇଛନ୍ତି। କୃଷି ମନ୍ତ୍ରଣାଳୟ ପକ୍ଷରୁ ରପ୍ତାନି ପାଇଁ ରହିଥିବା ନିୟମ ଓ ସର୍ତାବଳୀକୁ କେତେକ ସର୍ତ ସହିତ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ କୋହଳ କରାଯାଇଛି। ଏହାଦ୍ୱାରା ଗୁଣବତା ଓ ନିରାପତା ସହ ସାଲିସ କରାନଯାଇ ପିଆଜର ଶୀଘ୍ର ଆମଦାନୀ ସୁନିଶ୍ଚିତ ହୋଇପାରିବ। ଆଫଗାନିସ୍ତାନ, ଇଜିପ୍ଟ, ତୁର୍କୀ ଏବଂ ଇରାନରୁ ପିଆଜ ଆମଦାନୀ ପାଇଁ ସେଠାରେ ଥିବା ଭାରତୀୟ ମିଶନକୁ କୁହାଯାଇଛି। ମଦର ଡାଏରୀ, ସଫଳ ଷ୍ଟୋର ମାଧ୍ୟମରେ ଖୁଚୁରା ବଜାରରେ ସୁଲଭ ଦରରେ ଯଥେଷ୍ଟ ପରିମାଣରେ ପିଆଜ ଯୋଗାଇ ଦେବାକୁ ନାଫେଡକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ନାଫେଡର ଅତିରିକ୍ତ ଏମଡିଙ୍କ ନେତୃତ୍ୱରେ ଏକ ଟିମ ମହାରାଷ୍ଟ୍ର ଗସ୍ତ କରି ପିଆଜ ଯୋଗାଣର ସ୍ଥିତି ଅନୁଧ୍ୟାନ କରିବ।



# 'ଓଡିଶାରେ ଗଚ୍ଛିତ କ୍ରୋମିୟମ ବିଶ୍ୱ ଚାହିଦାକୁ ପୂରଣ କରିବ'



**ଭୁବନେଶ୍ୱର :** ଓଡିଶାରେ ଗଚ୍ଛିତ ଅମାପ କ୍ରୋମିୟମ ବିଶ୍ୱ ଚାହିଦାକୁ ପୂରଣ କରିବାରେ ବଡ ଭୂମିକା ନେବ ବୋଲି ବୁଧବାର ନୂଆଦିଲ୍ଲୀ ଠାରେ ଅନ୍ତର୍ଜାତୀୟ କ୍ରୋମିୟମ ବିକାଶ ସଂଘ ପକ୍ଷରୁ ଆୟୋଜିତ କ୍ରୋମିୟମ ୨୦୧୯ ସମ୍ମିଳନୀରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶାରେ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ କ୍ରୋମ ଗଚ୍ଛିତ ଅଛି । ଯାହା ଅଧିକ ଗୁଣବତା ବା ଉଚ୍ଚ ମୂଲ୍ୟଯୁକ୍ତ ବିଶିଷ୍ଟ। ଦେଶରେ କ୍ରୋମିୟମ କ୍ଷେତ୍ରରେ ଓଡିଶା ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ବେଳେ ଓଡିଶା ଅଧିକରୁ ଅଧିକ ଘରୋଇ ନିଯୁକ୍ତି ସୃଷ୍ଟି କରିବାର ମଧ୍ୟ କ୍ଷମତା ରଖିଛି ସେ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆମେରିକୀୟ ଡଲାରରେ ୫ ଟ୍ରିଲିୟନ ଅର୍ଥନୀତିକୁ ହାସଲ କରିବାର ଲକ୍ଷ୍ୟ ରଖିଛି । ତେଣୁ ଦେଶରେ ଉଭୟ ବ୍ୟବସାୟିକ ଓ ଜନସାଧାରଣଙ୍କ ଜୀବନଶୈଳୀ ଉପରେ ଅଧିକ ଯୋର ଦିଆଯାଇଛି। ପୁଞ୍ଜିନିବେଶ କରିବା ପାଇଁ ଭାରତ ଏକ ଉତ୍କୃଷ୍ଟ ସ୍ଥାନ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଭାରତ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏଠାରେ ପୁଞ୍ଜିନିବେଶ ବୃଦ୍ଧି କରିବା ନେଇ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ଉଦ୍ୟମ କରୁଛନ୍ତି । ରାଜନୈତିକ ସ୍ଥିରତା, ପୂର୍ବାନୁମାନ ନୀତି ଏବଂ ଗୋଟିଏ ବୃହତ ବଜାର ପାଇଁ ବିଶ୍ୱ ପୁଞ୍ଜିନିବେଶକାରୀଙ୍କ ପାଇଁ ଭାରତ ଏକ ଉତ୍କୃଷ୍ଟ ସ୍ଥାନ ହୋଇପାରିଛି । ଭାରତୀୟ ଇସ୍ପାତ କ୍ଷେତ୍ର ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିଗତ ପଦକ୍ଷେପ ଏବଂ ଇସ୍ପାତ୍ ଶିଳ୍ପ ଗୁଡିକର ଉଦ୍ୟମ କାରଣରୁ ଭାରତୀୟ ଇସ୍ପାତ କ୍ଷେତ୍ରରେ ବିଗତ ଦିନମାନଙ୍କରେ ଅନେକ ସୁପ୍ରଭାବ ପରିଲିକ୍ଷିତ ହୋଇଛି । ଭାରତରେ କଳଙ୍କ ଲାଗୁନଥିବା ଇସ୍ପାତର ଉତ୍ପାଦନ ଏବଂ ବ୍ୟବହାରର ବୃଦ୍ଧି ଦେଶର ଅର୍ଥନୀତିକୁ ମଜବୁତ୍ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ଶ୍ରୀ ପ୍ରଧାନ। ଶ୍ରୀ ପ୍ରଧାନ ଇଜ୍ ଅଫ୍ ଡୁଇଙ୍ଗ୍ ବିଜେନେସ୍ ଅର୍ଥାତ୍ ବ୍ୟବସାୟ କାରବାରରେ ଭାରତ ଲମ୍ବା ଲମ୍ଫ ମାରିବା ଏବଂ କିଭଳି ପୁଞ୍ଜିନିବେଶ ନିମନ୍ତେ ଭାରତ ଏକ ଉତ୍କୃଷ୍ଟ ସ୍ଥଳ ହୋଇପାରିଛି ତାହା ଉପରେ ଚର୍ଚ୍ଚା କରିଥିଲେ । ଏହି ଅବସରରେ ସେ ବିଭିନ୍ନ ଉଦ୍ୟୋଗୀ ଏବଂ ପୁଞ୍ଜିନିବେଶକାରୀଙ୍କୁ ଭାରତ ସହ ସହଯୋଗୀ ହୋଇ ଦେଶର ବିକାଶ ଯାତ୍ରାରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରିଥିଲେ।


# 'ମୋ ବସ'ରେ ମୁଖ୍ୟମନ୍ତ୍ରୀ, ଯାତ୍ରୀଙ୍କ ସହ ସେଲ୍ଫି ନେଲେ

**ଭୁବନେଶ୍ୱର:** କ୍ରମବର୍ଦ୍ଧିଷ୍ଣୁ ସହର ପରିସୀମା, ଜନ ସଂଖ୍ୟା, ଟ୍ରାଫିକ, ଲୋକଙ୍କର ଗମନା ଗମନ ଏବଂ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସାଧାରଣ ପରିବହନ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ମୋ ବସ ଯୋଜନାର ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମୋ ବସ୍ ବର୍ତମାନ ଲୋକଙ୍କର ଭରସା ହୋଇପାରିଛି । ଗୋଟିଏ ଦିନରେ ୧ ଲକ୍ଷ ଲୋକଙ୍କୁ ସେବା ଯୋଗାଇ ଦେଇ ପାରୁଛି । ଏହି ସଫଳତା ପାଇଁ ସହରବାସୀ ଅଭିନନ୍ଦନ ଜଣାଇଛନ୍ତି । ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସହର ମାନଙ୍କରେ ଜନ ସଂଖ୍ୟା, ଟ୍ରାଫିକ, ଲୋକଙ୍କର ଗମନା ଗମନ, ପ୍ରଦୂଷଣ କମ୍ ରହିଥିଲେ ହେଁ ଆମକୁ ସେଥିପାଇଁ ସୁଚିନ୍ତିତ ଯୋଜନା କରିବାକୁ ହେବ । ମୋ ବସ୍‌ର ସମୟକୁ ଠିକ୍ କରିବାକୁ ହେବ। ସୁରକ୍ଷିତ ଯାତ୍ରାକୁ ନିଶ୍ଚିତ କରିବାକୁ ହେବ । ମୋ ବସ୍ ସେବାକୁ ଆଧୁନିକ ପରିବହନ ସେବା ଭାବେ ଗଢ଼ି ପାରିଛୁ। ଅନ୍ୟ ମେଟ୍ରୋ ସିଟି ମାନଙ୍କଠାରୁ ମଧ ଭଲ ସେବା ଦେଇ ପାରିବା ବୋଲି ମୋର ବିଶ୍ୱାସ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସହରବାସୀଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଏୟାରପୋର୍ଟରୁ ମୋ ବସରେ ଟିକେଟ କାଟି ଜୟଦେବ ଭବନ ପର୍ଯ୍ୟନ୍ତ ଆସିଥିଲେ। ବସ୍‌ରେ ଯାତ୍ରା କରୁଥିବା ଅନ୍ୟାନ୍ୟ ଯାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ସେଲଫି ନେବାର ଦେଖାଯାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ଜୟଦେବ ଭବନ ଠାରେ ଅନୁଷ୍ଠିତ ମୋ ବସ୍ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ମୋ ବସ୍‌ର ମାସ୍କଟ ମୋବିର ଉନ୍ମୋଚନ କରାଯାଇଥିଲା। ଅନ୍ୟପକ୍ଷରେ କ୍ୟାପିଟାଲ ରିଜନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ ର ଅତିରିକ୍ତ ଦାୟିତ୍ୱରେ ଥିବା ଆଇଜି ଅରୁଣ ବୋଥ୍ରା କହିଛନ୍ତି ଯେ ବର୍ତମାନ ୨୧ ଟି ରୁଟ୍ ରେ ୨୦୦ଟି ବସ୍ ଚାଲୁଛି। ଆଗାମୀ ଦିନରେ ୧୫୦ଟି ବସ୍ ଚଳାଇବାର ଲକ୍ଷ୍ୟ ରହିଛି। ଏଥିରେ ୫୦ଟି ସିଟି ବସ୍ କୁ ସାମିଲ କରାଯିବ ଏବଂ ଇ-ବସ୍ ମଧ୍ୟ ସାମିଲ ହେବ। ପୁରୀ କୁ ମଧ୍ୟ ମୋ ବସ୍ ଚଳାଚଳ ପାଇଁ ଅନୁମତି ମିଳିଛି। ଖୁବ୍ ଶୀଘ୍ର ପୁରୀକୁ ବସ୍ ଚଳାଚଳ କରିବ।



# ସିଏସ୍‌ସିରେ ମିଳିବ ଡ୍ରାଇଭିଂ ଲାଇସେନ୍ସ

**ଭୁବନେଶ୍ୱର :** ଏଣିକି ଡ୍ରାଇଭିଂ ଲାଇସେନ୍‌ସ୍, ଗାଡି ପଞ୍ଜୀକରଣ ପ୍ରମାଣପତ୍ର, ଗାଡିର ମାଲିକାନା ପରିବର୍ତ୍ତନ ଏବଂ ରାଜସ୍ୱ ଆଦାୟ ଆଦି ସେବା ଅନ୍‌ଲାଇନ୍ ମୋଡରେ ସାଧାରଣ ସେବା କେନ୍ଦ୍ର (ସି.ଏସ୍.ସି) ମାନଙ୍କରେ ମିଳି ପାରିବ। ଏହି କାର୍ଯ୍ୟ ଡିସେମ୍ବର ମାସ ସୁଦ୍ଧା ସାରିବା ପାଇଁ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଭୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫-ଟି କାର୍ଯ୍ୟାନ୍ୱୟନ ସମୀକ୍ଷା ବୈଠକରୁ ଏହା ଜଣାପଡିଛି। ରାଜ୍ୟ ଲୋକସେବା ଭବନଠାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଜି.ଶ୍ରୀନିବାସ୍ ସେବା ଯୋଗାଣ ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ଅଧିକରୁ ଅଧିକ ସେବାକୁ ଅନ୍‌ଲାଇନ୍ କରିବା ସହ ଲୋକମାନଙ୍କର ଆର୍.ଟି.ଓ. ଅଫିସକୁ ଦୌଡିବାର ଆବଶ୍ୟକତା କମାଇବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରମୁଖ ଶାସନ ସଚିବ ଶ୍ରୀନିବାସ୍ କହିଥିଲେ ଯେ ଏହି ବ୍ୟବସ୍ଥା ମାଧ୍ୟମରେ ରାଜ୍ୟର ଯେକୌଣସି ସ୍ଥାନରୁ ଜଣେ ଯୋଗ୍ୟ ଆବେଦନକାରୀ ନିଜର ଇଚ୍ଛା ଅନୁସାରେ ଯେକୌଣସି ଆର୍.ଟି.ଓ. ଅଫିସକୁ ଲାଇସେନ୍‌ସ୍ ପାଇଁ ଦରଖାସ୍ତ କରିପାରିବେ।




ପ୍ରାଥମିକଭାବେ ଲରନର୍ ଲାଇସେନ୍‌ସ୍ ଏବଂ ପରବର୍ତୀ ଅବସ୍ଥାରେ ଡ୍ରାଇଭିଂ ଲାଇସେନ୍‌ସ୍ ଆଦି ପାଇଁ ଦେୟ ମଧ ଅନ୍ ଲାଇନ୍ ରେ ପୈଠ କରିପାରିବେ। ଏହା ଫଳରେ ଆର୍.ଟି.ଓ ଅଫିସ ଆସି ଆଉ ଧାଡିରେ ଠିଆ ହେବାକୁ ପଡିବ ନାହିଁ । ଏହି ବ୍ୟବସ୍ଥା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନାଗରିକ ଉପକୃତ ହେବେ। ନୂଆ ଗାଡିର ପଂଜୀକରଣ, ଋଣ-ବନ୍ଧକ ଏବଂ ବନ୍ଧକମୁକ୍ତ ସ୍ୱୀକୃତି, ଠିକଣା ପରିବର୍ତନ, ଫିଟ୍‌ନେସ୍ ପ୍ରମାଣପତ୍ର ଏବଂ ପଂଜୀକରଣ ନବୀକରଣ ଆଦି ବ୍ୟବସ୍ଥାକୁ ଅନ୍‌ଲାଇନ୍ ମୋଡ୍‌ରେ ସି.ଏସ.ସି ମାନଙ୍କ ସହ ସଂଯୋଜିତ କରାଯିବ। ଏଥିରେ ଅନ୍‌ଲାଇନ୍ ଦସ୍ତାବିଜ୍ ଦାଖଲ ବ୍ୟବସ୍ଥା ମଧ ରହିବ। ଏହାଦ୍ୱାରା ପ୍ରାୟ ୧୨ ଲକ୍ଷ ଲୋକ ଉପକୃତ ହେବେ ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀନିବାସ୍ କହିଥିଲେ। ସମୀକ୍ଷାରୁ ଜଣାପଡିଛି ଯେ ସମସ୍ତ ପରିବହନ ସେବା ଦେୟକୁ ଅନ୍ ଲାଇନ୍ ରେ ପୈଠ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସଂଗୃହିତ ହେଉଥିବା ରାଜସ୍ୱର ପ୍ରାୟ ୬୫ ଭାଗ ଅନ୍ ଲାଇନ୍‌ରେ ମିଳୁଛି ବୋଲି ଶ୍ରୀନିବାସ ଜଣାଇଥିଲେ । ୨୨୨୦ ମାର୍ଚ୍ଚ ମାସ ସୁଦ୍ଧା ଏହି ଅନ୍‌ଲାଇନ୍ ରାଜସ୍ୱ ସଂଗ୍ରହ ୯୦ ଭାଗକୁ ବଢ଼ାଇବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ବଜାର ମାନ୍ଦାବସ୍ଥା ସତ୍ୱେ ଚଳିତ ଆର୍ଥିକ ବର୍ଷ ଅକ୍ଟୋବର ଶେଷସୁଦ୍ଧା ପରିବହନ ବିଭାଗ ରାଜସ୍ୱ ବାବଦରେ ୧୦୦୪ କୋଟି ଟଙ୍କା ସଂଗ୍ରହ କରିଛନ୍ତି । ଗତ ବର୍ଷ ଏହି ସମୟ ସୁଦ୍ଧା ଏ ବାବଦ ରାଜସ୍ୱ ୧୦୦୧ କୋଟି ଟଙ୍କା ଥିଲା। ଏହି ରାଜସ୍ୱ ର ପ୍ରାୟ ଶତକଡା ୮୦ ଭାଗ ନୂଆ ଗାଡି ପଂଜୀକରଣ ଏବଂ ରୋଡ୍ ଟାକ୍ସ ବାଦରେ ଆଦାୟ ହେଉଛି ବୋଲି ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମନୋଜ ମିଶ୍ର ଜଣାଇଥିଲେ। ବାଣିଜ୍ୟ ଓ ପରିବହନ ପ୍ରମୁଖ ଶାସନ ସଚିବ ଜି.ଶ୍ରୀନିବାସ, ବୈଦୁତିକ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଶାସନ ସଚିବ ମନୋଜ ମିଶ୍ର, ପରିବହନ କମିଶନର ସଂଜୀବ ପଣ୍ଡା, ମୁଖ୍ୟ ଶାସନ ସଚିବଙ୍କ ଓ.ଏସ୍.ଡି. ଦିଲ୍ଲୀପ ରାଉତରାଏଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କୋଟିଆରେ ପ୍ରତିଷ୍ଠା ହେବ ଥାନା

**ଭୁବନେଶ୍ୱର :** ପଡ଼ୋଶୀ ରାଜ୍ୟ ସହିତ ସୀମା ବିବାଦ ସଂପର୍କିତ ଗୃହକମିଟିଙ୍କ ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛିଫ ବିଧାନସଭାସ୍ଥିତ ପ୍ରକୋଷ୍ଠ ନଂ-୫୪ରେ ଅନୁଷ୍ଠିତ ଏହି ବୈଠକରେ କମିଟିଙ୍କ ଭବିଷ୍ୟତ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ହୋଇଥିଲା । ଏହାଛଡ଼ା କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପୁଞ୍ଜି ଓ ବରମୁଠା, ଗଞ୍ଜାମ ଓ ରାୟଗଡ଼ା ଜିଲ୍ଲାର କିଛି ଗ୍ରାମ, ବାଲେଶ୍ୱର ଜିଲ୍ଲାର ୮ଟି ଗ୍ରାମ, ମୟୂରଭଞ୍ଜ ଜିଲ୍ଲାର ୧୦ଟି ଗ୍ରାମ, କେଉଁଝର ଜିଲ୍ଲାର ୫ଟି ଗ୍ରାମକୁ ନେଇ ପଡ଼ୋଶୀ ରାଜ୍ୟମାନଙ୍କ ସହିତ ଥିବା ସୀମା ବିବାଦ ଉପରେ ଆଲୋଚନା । ସମ୍ପୃକ୍ତ ଅଂଚଳରେ ରହିଥିବା ସମସ୍ୟା ଗୁଡିକର ସମାଧାନ ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି କୋରାପୁଟର କୋଟିଆରେ ନୂତନ ଥାନା ପ୍ରତିଷ୍ଠା କରିବାକୁ ବୈଠକରେ ନିଷ୍ପତି ହୋଇଛି। ସୁବର୍ଣ୍ଣରେଖା ନଦୀରୁ ଅପ୍ରାଧିକୃତ ଭାବେ ବାଲି ଉଠାଣ ଉପରେ ମଧ ଆଲୋଚନା ହୋଇଥିଲାଫ ଏହି ବୈଠକରେ ଉପବାଚସ୍ପତି ରଜନୀକାନ୍ତ ସିଂହ, ରଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡି, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ଗୃହ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ବିଧାୟକ କିଶୋର କୁମାର ମହାନ୍ତି, ଅମର ପ୍ରସାଦ ଶତପଥୀ, ଅନନ୍ତ ଦାସ, ନିତ୍ୟାନନ୍ଦ ସାହୁ, ଆଦିତ୍ୟ ମାଢ଼ୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଦକ୍ଷିଣାଂଚଳ ଓ ପଶ୍ଚିମାଞ୍ଚଳ ରାଜସ୍ୱ ବିଭାଗ ଆୟୁକ୍ତ ଟି. ଆଓ, କେନ୍ଦ୍ରାଞ୍ଚଳର ରାଜସ୍ୱ ଆୟୁକ୍ତ ଅନୀଲ କୁମାର ସାମଲ, ଲ୍ୟାଣ୍ଡ ରେକର୍ଡ, ସର୍ଭେ ଓ କନ୍‌ସୋଲିଡେସନ୍ ନିର୍ଦ୍ଦେଶକ ପରମେଶ୍ୱରନ୍ ବି., ରାଜସ୍ୱ ପର୍ଷଦର ସଚିବ ଏନ୍.ବି.ଏସ୍ ରାଜପୁତ, ବିଧାନସଭାର ସଚିବ ଦାଶରଥୀ ଶତପଥୀଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏହା ଛଡ଼ା ବିଭାଗୀୟ ସ୍ଥାୟୀ କମିଟି -୨ର ଅଷ୍ଟମ ବୈଠକ ବିଧାୟକ ଡ. ନୃସିଂହ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସେହପରି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଦ୍ୱିତୀୟ ବୈଠକ ବିଧାୟକ ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

## ଜଳ ସମ୍ପଦ ମନ୍ତ୍ରୀଙ୍କ ସାପୁଆ ଡ୍ୟାମ ପରିଦର୍ଶନ

**ଭୁବନେଶ୍ୱର :** ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଗୁରୁବାର ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ସାପୁଆ ଜଳ ସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ମନ୍ତ୍ରୀ ତାଙ୍କର ଏହି ଗସ୍ତ ସମୟରେ ପ୍ରକଳ୍ପର ସ୍ପିଲ ୱେ (ଜଳ ନିର୍ଗମନ ପଥ) ବୁଲି ଦେଖିଥିଲେ । ଏହି ପ୍ରକଳ୍ପର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିବାବେଳେ ସ୍ପିଲ୍ ୱେର ପ୍ରାୟ ୨୦୦ମିଟର ତଳକୁ ପଥର ପ୍ୟାକିଂର ବ୍ୟବସ୍ଥା କରାଯିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ପ୍ରକଳ୍ପ ମାଧ୍ୟମରେ ଜଳ ସେଚିତ ହେଉଥିବା ୨୪୯୬ ହେକ୍ଟର ଅଂଚଳର ଚାଷ ଜମିକୁ ଜଳ ଯୋଗାଣ ସଂପର୍କରେ ମନ୍ତ୍ରୀ ପଚାରି ବୁଝିବା ସହିତ ଏଦିଗରେ ଅଧିକ ଯତ୍ନବାନ ହେବାକୁ ମନ୍ତ୍ରୀ ଶ୍ରୀ ଦାସ ବିଭାଗୀୟ ଯନ୍ତ୍ରୀଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ଦୁଇ ପାହାଡ ମଝିରେ ସବୁଜ ବନାନୀ ସଂଲଗ୍ନ ଅବସ୍ଥିତ ଏହି ପ୍ରକଳ୍ପଟି ଜଳ ସେଚନ ପାଇଁ ବହୁ ଉପଯୋଗୀ ହେଉଥିବା ବେଳେ ଏହାକୁ ମଧ ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀରେ ବିକଶିତ କରିବା ପାଇଁ ପଦକ୍ଷେପ ନେବାକୁ ଉଚ୍ଚ ସ୍ତରୀୟ ଆଲୋଚନା ପାଇଁ ମନ୍ତ୍ରୀ ଶ୍ରୀ ଦାସ ପ୍ରସ୍ତାବ ଦେଇଛନ୍ତି । ମନ୍ତ୍ରୀଙ୍କ ଗସ୍ତ ସମୟରେ ଅନୁଗୋଳ ଜିଲ୍ଲା ଜଳ ସେଚନ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଦୀପ୍ତିରଞ୍ଜନ ପଣ୍ଡା ଓ ନିର୍ବାହୀ ଯନ୍ତ୍ରୀ ଇଂ. ସରୋଜକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସହରାଞ୍ଚଳରେ ସବୁ ଗରିବଙ୍କୁ ମିଳିବ ଘର

**ଭୁବନେଶ୍ୱର:** ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ପାଖପାଖି ୫ଲକ୍ଷ ଗୃହ ଆବଶ୍ୟକ ଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ)ରେ ମାତ୍ର ଏକ ଲକ୍ଷ ୨୭ହଜାର ଘର ମିଳିଛି । ଅବଶିଷ୍ଟ ଗୃହ ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଥିବା ଗୃହ ଓ ନଗର ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ, ଆଇନ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ଲୋକସେବା ଭବନ ଠାରେ ମନ୍ତ୍ରୀ ଶ୍ରୀ ଜେନା ସହରାଞ୍ଚଳରେ ଗୃହ ନିର୍ମାଣ, ଜାଗା ମିଶନ, ପାନୀୟଜଳ ଓ ଉନ୍ନତି ଯୋଜନାର ସମୀକ୍ଷା କରିଛନ୍ତି । ସମୀକ୍ଷାରୁ ଜଣାଯାଇଛି ଯେ ଜାଗା ମିଶନରେ ବର୍ତମାନ ସୁଦ୍ଧା ସହରାଂଚଳର ୫୧ହଜାର ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିବାବେଳେ ଆସନ୍ତା ମାର୍ଚ୍ଚ ସୁଦ୍ଧା ଆଉ ୨୫ହଜାର ଲୋକଙ୍କୁ ପଟ୍ଟା ମିଳିବ । ତେବେ ଏହି ଯୋଜନା ରାଜ୍ୟର ମହାନଗର ନିଗମ ଗୁଡିକରେ କାର୍ଯ୍ୟକାରୀ ହେଉନଥିବାରୁ ୫ଟି ମହାନଗର ନିଗମରେ ବସବାସ କରୁଥିବା ଲୋକେ କିଭଳି ଘର ପାଇବେ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ମହାନଗର ନିଗମ ଗୁଡିକରେ ପାଖାପାଖି ୩ଲକ୍ଷ ୯୦ ହଜାର ଘର ଆବଶ୍ୟକ ଥିବାରୁ ଏହି କାର୍ଯ୍ୟ ରାଜ୍ୟ ଗୃହନିର୍ମାଣ ବୋର୍ଡ, ବିଡିଏ ଓ ସିଡିଏ ଭଳି ସଂସ୍ଥାଙ୍କୁ ଦାୟିତ୍ୱ ଦେବାପାଇଁ ସ୍ଥିର ହୋଇଛି । ରାଜ୍ୟ ସରକାର ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ଥିବାବେଳେ ଗୃହ ନିର୍ମାଣ କାର୍ଯ୍ୟ କିଭଳି ହେବ ସେଥିପାଇଁ ୨୦୨୦ ମାର୍ଚ୍ଚ ସୁଦ୍ଧା ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ କୁହାଯାଇଛି। ସେହିଭଳି ସହରାଂଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ସଂକ୍ରାନ୍ତରେ ମଧ ଶ୍ରୀ ଜେନା ସମୀକ୍ଷା କରିଛନ୍ତି । ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ୫ଲକ୍ଷ ସହରୀ ପରିବାରକୁ ପାନୀୟଜଳ ସଂଯୋଗ ପାଇଁ ଲକ୍ଷ୍ୟ ଥିବାବେଳେ ଏ ନେଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଏଥିପାଇଁ ରାଜ୍ୟ ଯୋଜନାରେ



୬୭୭ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାବେଳେ ଏଥିରୁ ୫୫୦ଟି ସମ୍ପୂର୍ଣ୍ଣ ହୋଇଛି । ଅବଶିଷ୍ଟ ୧୨୭ ପ୍ରକଳ୍ପର କାର୍ଯ୍ୟ ଆଗେଇ ଚାଲିଛି । ଅନୁରୂପ ଭାବେ ଅମୃତ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ୧୩୦ଟି ପ୍ରକଳ୍ପ ମଧ୍ୟରୁ ୭୧ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୫୦ଟିର କାର୍ଯ୍ୟ ଚାଲିଛି । ଜିଲ୍ଲା ଖଣିଜ ପାଣ୍ଠି ଅର୍ଥରେ କାର୍ଯ୍ୟକାରୀ ହେଉଥିବା ୫୫ଟି ପ୍ରକଳ୍ପ ମଧ୍ୟରୁ ୪୫ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୦ଟି ର କାର୍ଯ୍ୟ ଜାରି ରହିଛି । ମୋଟାମୋଟି ଭାବେ ପାନୀୟଜଳ ଯୋଗାଣ ପାଇଁ କାର୍ଯ୍ୟକାରୀ ହେଉଥିବା ମୋଟ୍ ୮୯୩ଟି ପ୍ରକଳ୍ପ ମଧ୍ୟରୁ ୬୭୮ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ୨୧୫ଟି କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ଧାର୍ଯ୍ୟ ସମୟ ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ସାରିବାପାଇଁ ମନ୍ତ୍ରୀ ଶ୍ରୀ ଜେନା ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଏଥି ସହିତ ବୈଠକରେ ଉନ୍ନତି ଯୋଜନାର ଅଗ୍ରଗତି ନେଇ ସମୀକ୍ଷା ହୋଇଥିଲା । ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାରେ ସ୍ମାର୍ଟ ପାର୍କ, ଶବଦାହ ଗୃହ ଓ ଷ୍ଟ୍ରିଟ୍ ଲାଇଟ୍ ପାଇଁ ୩୭୦ କୋଟି ଟଙ୍କାର ବଜେଟ୍ ରହିଥିବାବେଳେ ବିଭିନ୍ନ ପ୍ରକଳ୍ପ ତ୍ୱରାନ୍ୱିତ ଲାଗି ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନ ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଓଡିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥି ଭାଥନନ, ଓରେରାର ଅଧକ୍ଷ ଅମୀୟ କୁମାର ମହାପାତ୍ର, ଗୃହ ନିର୍ମାଣ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳାଇ, ଯୁଗ୍ମ ସଚିବ ସୁଶାନ୍ତ ମିଶ୍ର, ଯନ୍ତ୍ରୀ ମୁଖ୍ୟ ଜନ୍ମଞ୍ଜୟ ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।


# କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ଆରମ୍ଭ ହେବ ହାର୍ଟ ଅପରେସନ

**ଭୁବନେଶ୍ୱର :** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଘଟଣାକ୍ରମେ ସରକାର କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ହାର୍ଟ ସର୍ଜରୀ ୟୁନିଟ୍ ଆରମ୍ଭ କରିବାକୁ ଯାଉଛନ୍ତି। ଫଳରେ ଏଠାରେ ହାର୍ଟ ଅପରେସନ୍, ଓପନ ହାର୍ଟ ସର୍ଜରୀ, କମ୍ପ୍ଲେକ୍ସ ଆଞ୍ଜିଓଗ୍ରାଫି, ଡିଭାଇସ୍ କ୍ଲୋଜର, ଇଲେକ୍ଟ୍ରୋ ଫିଜିଓଲୋଜିକାଲ ଷ୍ଟଡି ସମ୍ଭବ ହୋଇପାରିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀ ନବ କିଶୋର ଦାସଙ୍କ ସହ ଡା. ଦାସ କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ହାର୍ଟ ଅପରେସନ୍ ପାଇଁ ଚିହ୍ନଟ ସ୍ଥଳ ବୁଲି ଦେଖି, ସନ୍ତୋଷ ପ୍ରକାଶ କରିଥିଲେ। ଏଠାରେ ଖୁବ୍ ଶୀଘ୍ର ହାର୍ଟ ଅପରେସନ୍ ଆରମ୍ଭ ହେବ ବୋଲି ଡା. ଦାସ ମତ ଦେଇଥିଲେ। ଖୁବ୍‌ଶୀଘ୍ର ଅପରେସନ୍ ଥିଏଟର ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ଫଳରେ ଏହା କାର୍ଡିଆକ୍ ସେଂଟର ଅଫ୍ ଏକ୍ସଲେନ୍ସରେ ପରିଣତ ହୋଇପାରିବ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ ସରକାର କ୍ୟାପିଟାଲ୍ ହସ୍‌ପିଟାଲ୍ ପରିସରରେ ହାର୍ଟ ସର୍ଜରୀ ୟୁନିଟ୍ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଯାଉଛନ୍ତି । ଏଥିପାଇଁ ଆବଶ୍ୟକୀୟ ଅପରେସନ୍ ଥିଏଟର କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହୋଇ ଚିକିତ୍ସା ସେବା ଆରମ୍ଭ ହେବ, ଭବିଷ୍ୟତରେ ଆହୁରି ଦକ୍ଷ ହାର୍ଟ ବିଶେଷଜ୍ଞ ଏଠାରେ ଯୋଗଦେବେ, ସରକାର ହାର୍ଟକେୟାର କ୍ଷେତ୍ରରେ କ୍ୟାପିଟାଲ୍ ହସ୍‌ପିଟାଲ୍‌କୁ ଉତ୍କର୍ଷ କେନ୍ଦ୍ର ଭାବେ ପରିଣତ କରିବାକୁ ସବୁପ୍ରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଖୁବ୍ ଶୀଘ୍ର ଏ ସଂପର୍କରେ ଅନ୍ୟଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଇ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରକାଶ




କରିଛନ୍ତି। ଏଠାରେ ଗୋଟିଏ ଅତିରିକ୍ତ କ୍ୟାଥ୍ ଲ୍ୟାବ୍ ପ୍ରତିଷ୍ଠା କରାଯିବା ଫଳରେ ଅଳ୍ପ ସମୟ ମଧ୍ୟରେ ଏଠାରେ ଜଟିଳ ଆଞ୍ଜିଓପ୍ଲାଷ୍ଟି, ଯେମିତିକି ହାର୍ଟର ହୋଲ୍‌କୁ ବିନା ଅପରେସନ୍‌ରେ ବନ୍ଦ କରାଯାଇପାରିବ। ଏହା ସହିତ ହାର୍ଟର ଅନିୟମିତତା ସଂଚାଳନକୁ କରେଂଟ ଦେଇ ଠିକ୍ କରାଯାଇପାରିବା ଓ ଗୁରୁତର ହାର୍ଟ ରୋଗୀଙ୍କ ପାଇଁ ଓପନ୍ ହାର୍ଟ ସର୍ଜରୀ ଓ ଶିଶୁମାନଙ୍କ ହାର୍ଟ ସମ୍ବନ୍ଧୀୟ ଅସୁସ୍ଥତାର ମଧ ଚିକିତ୍ସା କରାଯାଇପାରିବ। କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ହାର୍ଟ ସର୍ଜରୀ କେନ୍ଦ୍ର ଖୋଲିବା ପୂର୍ବରୁ ସରକାର ଶ୍ରୀ ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାୟ ମେଡିକାଲ୍ ସାଇନ୍ସେସ୍, ବାଙ୍ଗାଲୁରୁର କାର୍ଡିଆକ୍ ସାଇନ୍ସେସ୍ ବିଭାଗର ଅଧକ୍ଷ ଡା. ପ୍ରଭାତ କୁମାର ଦାସଙ୍କୁ ଏଠାରେ ଯୋଗଦେବା ପାଇଁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷା କରି ଡା. ପ୍ରଭାତ କୁମାର ଦାସ ଭୁବନେଶ୍ୱରରେ ପହଞ୍ଚିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଡା. ପ୍ରଭାତ କୁମାର ଦାସ ଶ୍ରୀ ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାୟର ମେଡିକାଲ୍ ସାଇନ୍ସେସ୍ ବାଙ୍ଗାଲୁରୁ ଓ ପୁଟ୍ଟପର୍ତ୍ତି ଉଭୟ ହସ୍‌ପିଟାଲର କାର୍ଡିଆକ୍ ସାଇନ୍ସେସ୍ ବିଭାଗର ଅଧକ୍ଷ ଭାବେ ବିଗତ ୨୪ ବର୍ଷ ହେଲା ନିରନ୍ତର ଭାବେ ଉତ୍ସର୍ଗୀକୃତ ସେବା ମନୋଭାବ ନେଇ ହାର୍ଟ ରୋଗୀମାନଙ୍କର ଚିକିତ୍ସା କରି ଆସୁଛନ୍ତି। ହୃଦ୍‌ଚିକିତ୍ସା କ୍ଷେତ୍ରରେ ଡା. ଦାସଙ୍କ ୩୦ ବର୍ଷର ଅଭିଜ୍ଞତା ରହିଛି। ଏବେ କ୍ୟାପିଟାଲ୍ ହସ୍‌ପିଟାଲ୍‌କୁ ଦୈନିକ ୩ ହଜାରରୁ ୩୫୦୦ ରୋଗୀ ବହିର୍ବିଭାଗରେ ଚିକିତ୍ସିତ ହେବା ପାଇଁ ଆସୁଥିବାବେଳେ, କାର୍ଡିଓଲୋଜି ବହିର୍ବିଭାଗରେ ପ୍ରତିଦିନ ୧୦୦ରୁ ଅଧିକ ରୋଗୀ ଚିକିତ୍ସା ପରାମର୍ଶ ପାଇଁ ଆସୁଛନ୍ତି। କ୍ୟାପିଟାଲ୍ ହସ୍‌ପିଟାଲ୍‌ର ନିର୍ଦ୍ଦେଶକ ଡା. ଅଶୋକ କୁମାର ପଟ୍ଟନାୟକ କହିଲେ ଯେ, ହସ୍‌ପିଟାଲ୍ ପରିସରରେ ହାର୍ଟ ଅପରେସନ୍ ପାଇଁ ଗୃହ ନିର୍ମାଣ କାର୍ଯ୍ୟ ସରିଛି । ଖୁବ୍ ଶୀଘ୍ର ଅପରେସନ୍ ଥିଏଟରକୁ କାର୍ଯ୍ୟକ୍ଷମ କରାଯିବ। ସରକାର ଏ ଦିଗରେ ସବୁପ୍ରକାର ଉଦ୍ୟମ କରୁଛନ୍ତି। ଏହି ଅବସରରେ ଡା. ଆର୍.ଏସ୍.ଏନ୍ ମୂର୍ତ୍ତି, ଡା. ପି.କେ. ରଥ ପ୍ରମୁଖ ଉପସ୍ଥିତ ଥିଲେ।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୧ - ୧୭ ନଭେମ୍ବର, ୨୦୧୯


# ପ୍ରକୃତ ଉନ୍ନତି ସେଦିନ ଘଟିବ

**ଜ୍ଞା**ତସାରରେ ହେଉ କିମ୍ବା ଅଜ୍ଞାତରେ ମଣିଷ ଅନେକ କିଛି ଦୋଷ ତ୍ରୁଟି କରେ ଓ ପରେ ଯେତେବେଳେ ନିଜର ଦୋଷ ତ୍ରୁଟିକୁ ବୁଝିପାରି ଏହାକୁ ସୁଧାରିବା ସହିତ ପରିସ୍ଥିତିର ସାମ୍ନା କରିପାରେ ତାହା ଦ୍ୱାରା ନିଜର ତଥା ସମାଜର ମଙ୍ଗଳ ହୁଏ। ତେବେ ସାମ୍ପ୍ରତିକ ସମୟରେ ଗୋଷ୍ଠୀଗତ ସଫଳତାକୁ ନିଜର ସଫଳତା କରି ଅନ୍ୟକୁ ଉପହାସ କରୁଥିବା ବ୍ୟକ୍ତିବିଶେଷ ବୁଝିପାରନ୍ତି ନାହିଁ ଯେ, ବଞ୍ଚିବା ଓ ବଢ଼ିବାର ଅଧିକାର ସମସ୍ତଙ୍କର ରହିଛି। ତେଣୁ କେବଳ ନିଜେ ବଞ୍ଚିବା ଚିନ୍ତାରେ ରହିଥିବା ଯେକୌଣସି ବ୍ୟକ୍ତି ହୋଇଥାନ୍ତୁ ନା' କାହିଁକି ସେମାନେ ସମାଜ ପ୍ରତି ନିଶ୍ଚୟ ବିପଦ ସୃଷ୍ଟି କରୁଛନ୍ତି। ଏହାଦ୍ୱାରା ବ୍ୟବସ୍ଥା ପ୍ରତି ଲୋକଙ୍କ ବିଶ୍ୱାସ ତୁଟିଯିବା ସହିତ ଅସମାନତାର ଏକ ଦୀର୍ଘ ବଳୟ ସୃଷ୍ଟି ହୋଇ ଧନୀ-ଗରିବ ମଧ୍ୟରେ ଭେଦଭାବ ବଢ଼ାଇ ଚାଲିଛି। ବିଶେଷକରି ରାଜନୀତି କରୁଥିବା ବ୍ୟକ୍ତିମାନେ ନିଜର ସଫଳତାକୁ ପାରଙ୍ଗମ ପଣିଆ ଭାବି ଏତେ ଅହଂକାରୀ ହୋଇପଡୁଛନ୍ତି ଯେ, ଯେଉଁମାନେ ତାଙ୍କୁ ଖଣ୍ଡିଏ ଖଣ୍ଡିଏ ଭୋଟ ଦେଇ ନେତା ହେବାର ସୁଯୋଗ ପ୍ରଦାନ କରିଛନ୍ତି ସେମାନଙ୍କର ଓଜନ ଅଧିକ ବୋଲି। ଈର୍ଷା, ଅସୂୟା ଓ ଅହଂକାର ମଣିଷକୁ କାଳେ କାଳେ ତଳିତଳାନ୍ତ କରିଚାଲିଥିଲେ ବି ଏହାର ସାରମର୍ମ ବୁଝିପାରି ନଥିବା ବ୍ୟକ୍ତିମାନେ ନିଜ ନିଜର ସ୍ଥିତିକୁ ନେଇ ଅଧିକରୁ ଅଧିକ ଗର୍ବି ହୋଇପଡୁଛନ୍ତି। ଯେଉଁଥିପାଇଁ ସେମାନଙ୍କ କାର୍ଯ୍ୟଧାରାରେ ଅନୀତି, ଅନ୍ୟାୟ ଓ ଭ୍ରଷ୍ଟାଚାର ବଢ଼ିଚାଲିଛି। ସମାଜକୁ ଭ୍ରଷ୍ଟାଚାର ଓ ଦୁର୍ନୀତିମୁକ୍ତ କରିବା ପାଇଁ କେବଳ କାଗଜପତ୍ରର ଆଇନ ଯଥେଷ୍ଟ ନୁହେଁ। ଏଥିପାଇଁ ନିଜ ନିଜ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ସହ ନିଜକୁ ସଚେତନ ହେବାକୁ ପଡେ। ଯଦ୍ୱାରା ପ୍ରତ୍ୟେକ କାର୍ଯ୍ୟକ୍ରମରେ ଏହାର ସ୍ୱଷ୍ଟ ଚିତ୍ର ବାରିହେବା ସହିତ ଜନମଙ୍ଗଳ ନ୍ୟାୟର ଉପଯୁକ୍ତ ଚିତ୍ର ପ୍ରଦର୍ଶିତ ହୋଇଥାଏ। ନିଜେ ଭ୍ରଷ୍ଟାଚାରରେ ବୁଡି ରହି ଅନ୍ୟକୁ ଭ୍ରଷ୍ଟ ନହେବାକୁ ପରାମର୍ଶ ଦେବା ଜଗତେ କେବଳ ଜନେହସିବେ ଭଳି ମନେ ହୁଏ। ଯେଉଁମାନେ ସେବା ନାମରେ ନିଜର ପାଣ୍ଠି ବଢ଼ାଇ ଚାଲିଛନ୍ତି ଓ ପଦପଦବୀ ଲାଳସା ରଖି କାର୍ଯ୍ୟଧାରାରେ ତାହା ଦେଖାଉଛନ୍ତି ସେମାନେ କୌଣସି ସେବକ ପଦବାଚ୍ୟ ଆଦୌ ନୁହଁନ୍ତି। କାରଣ ମନଭିତରେ ସାଇତି ଥିବା ଗୋପନ ଭାବନା ଭିତରେ ଆବିଳତା, କପଟ ଓ ଦୁର୍ନୀତିର ଜାଲ ବାନ୍ଧି ବାହାରକୁ ସ୍ୱଚ୍ଛ ମଣିଷ ହେବାର ଅଭିନୟ କରିବା ଯଥାର୍ଥ ନୁହଁ। ପାପ ଓ ପୁଣ୍ୟର ସଜ୍ଞା ବୁଝି କେଉଁ ମାର୍ଗରେ ନିଜକୁ ଯିବାକୁ ପଡିବ ତାହାକୁ ସ୍ଥିର ନକରି ଯେଉଁ ମାର୍ଗରୁ ଅଧିକ ଉପାର୍ଜନ ହେବ ବା ନିଜର ଅହଂକାର ସାବ୍ୟସ୍ତ ହୋଇପାରିବ ତାହା ବର୍ଜନୀୟ ହୋଇଥିଲେ ବି ଅଧିକାଂଶ ବ୍ୟକ୍ତିବିଶେଷ ଏହି ବର୍ଜନୀୟ ଧାରାଟିକୁ ଗ୍ରହଣୀୟ ଭାବି ନିଜର ପୁଞ୍ଜି ଆକାରରେ ଗଚ୍ଛିତ କରିବା ହାସ୍ୟାସ୍ପଦ ମନେହୁଏ। ଜଗତ ହୀତରେ ନିଜର ହୀତ ଜଡିତ ରହିଛି ବୋଲି ଭାବନା ଉଦ୍ରେକ ନହେବା ପର୍ଯ୍ୟନ୍ତ ନେତା, ବ୍ୟବସାୟୀ, ଚାକିରିଆ କିମ୍ବା ସାଧାରଣ ମଣିଷ ବି ହୁଅନ୍ତୁ ସେମାନେ ଜାଣିରଖିବା ଉଚିତ୍ ଭଲ-ମନ୍ଦ ଭିତରେ ତାରତମ୍ୟ କେତେ। ଭଲ କର୍ମର ଫଳ ସର୍ବଦା ଭଲ ହୋଇଥାଏ। ମନ୍ଦ କର୍ମ ସାମୟିକ ଆନନ୍ଦ ଦେଉଥିଲେ ବି ଏହା ସମାଜ, ବ୍ୟକ୍ତି, ସଭ୍ୟତା ଓ ଦେଶ ପାଇଁ କଳଙ୍କ। ଧରିନିଅନ୍ତୁ ନିଜର ସ୍ୱାର୍ଥ ସାଧନ ପାଇଁ ଅନ୍ୟ ମନରେ ବିଶ୍ୱାସ ଜନ୍ମାଇ ତା'ଠାରୁ କୌଶଳକ୍ରମେ କାର୍ଯ୍ୟ ହାସଲ କରିନେବା ଆଦୌ ବିଜ୍ଞତାର ପରିଚୟ ନୁହେଁ। ଏଥିରେ ଅଜ୍ଞତା ଓ ଠକାମୀର ଦିଶାହୀନ ଚକ୍ରାନ୍ତ ପରିପୁଷ୍ଟ ହେବା ବ୍ୟତିରେକ ଅନ୍ୟକିଛି ନଥାଏ।

ସମ୍ପାଦକୀୟ
ତାରକ ମହାନ୍ତି



ଏହା ନିର୍ଦ୍ଦିଷ୍ଟ କିଛି ବର୍ଗଙ୍କ କଥା ହୋଇଥିଲେ ବି ଅନ୍ୟ କେତେକ ବର୍ଗର ବ୍ୟକ୍ତି ଅଛନ୍ତି ଯେଉଁମାନେ ସମାଜରେ ଆତଙ୍କରାଜ ସୃଷ୍ଟି କରି ଅନ୍ୟ ମନରେ ଭୟ ସଞ୍ଚାର କରୁଛନ୍ତି ଏବଂ ଏଥିରୁ ସାଧମତେ ନିଜର ସ୍ୱାର୍ଥ ହାସଲ କରୁଛନ୍ତି ସେମାନେ ଉପର ଲିଖିତ ବର୍ଗର ବ୍ୟକ୍ତି ବିଶେଷଙ୍କ ଠାରୁ ଅଧିକ ମାରାତ୍ମକ। କାରଣ ଏମାନେ ନିଜର ଯୋଗ୍ୟତା ଅନୁସାରେ ଆୟ କରିବା କଥାଟିକୁ ଭୁଲିଯାଇ ଅପରର ସମ୍ପତ୍ତିକୁ ଅପହରଣ କରିବା ଓ ଭୟ ମାଧ୍ୟମରେ ପୁଞ୍ଜି ବଢ଼ାଇବା ଅତ୍ୟନ୍ତ ଭୟାନକ ଚିତ୍ର ବୋଲି କହିହେବ। ଏହି ବର୍ଗରେ ଗୁଣ୍ଡାରାଜ, ମାଫିଆଗିରି ଏବଂ ଜଘନ୍ୟ ଅପରାଧିକ ମାନସିକତା ରଖିଥିବା ବ୍ୟକ୍ତିମାନେ ସାମିଲ। ସେମାନେ ବୁଝିରଖିବା ଦରକାର ଯେ, ଗୋଟିଏ ସ୍ୱାଧୀନ ଦେଶରେ ସମସ୍ତଙ୍କୁ ସ୍ୱାଧୀନ ଭାବେ ବଞ୍ଚିବାକୁ ଦେବା ହେଉଛି ମାନବିକତା। ତେଣୁ ମାନବିକତାକୁ ଭୁଲି ଅମାନବୀୟ ଭାବେ ଅନ୍ୟକୁ ହତ୍ୟା କରିବା, ଧମକ ଦେବା ବା ସେମାନଙ୍କ ସମ୍ପତ୍ତିକୁ ଲୁଟ୍ କରିବା ଆଦୌ ସମାଜ ପାଇଁ ଗ୍ରହଣୀୟ ନୁହେଁ। ଦୁର୍ନୀତି ଓ ଭ୍ରଷ୍ଟାଚାର ପାଇଁ ଅନେକ ଗୁଡିଏ ଆଇନ ରହିଥିଲେ ବି ଏହାର କଠୋର କାର୍ଯ୍ୟକାରିତା ନ ହେବା ଫଳରେ ଭୁଲ କରୁଥିବା ବ୍ୟକ୍ତିମାନେ ଦଣ୍ଡ ପାଇବା ବଦଳରେ ପୂଜ୍ୟ ହୋଇଯାଉଛନ୍ତି। ସେମାନଙ୍କର ମୁଖା ତଳରେ ରହିଥିବା ଅସଲ ଚେହେରା ପଦାକୁ ନ ଦିଶିବା ଦ୍ୱାରା ସେମାନଙ୍କର ପ୍ରତିପତ୍ତି ଓ ଆଭିଜାତ୍ୟକୁ ସାଧାରଣ ଲୋକ ସହଜରେ ଗ୍ରହଣ କରି ନେଉଛନ୍ତି। ପରବର୍ତ୍ତୀ ସମୟରେ ଏହା ପ୍ରଘଟ ହେଲେ କିମ୍ବା ଆଇନ ଜାଲରେ ସେମାନେ ଧରାପଡିଲେ କଥା ଜଣାପଡୁଛି। କିନ୍ତୁ ଅସଲ ତଥ୍ୟଟି ଅତ୍ୟନ୍ତ ସତର୍କତା ଭିତରେ ଆତ୍ମଗୋପନ କରି ରହିଯାଉଛି। ଯାହାଦ୍ୱାରା ସାଧାରଣ ଲୋକମାନେ ଉତ୍ପୀଡିତ ହେଉଥିଲେ ବି ସାହସ ସଞ୍ଚୟ କରି କାହା ଆଗରେ ଅଭିଯୋଗ କରିପାରୁ ନାହାନ୍ତି। ମନକଥାକୁ ମନରେ ମାରି ନିର୍ଯାତିତ ଜୀବନ ଯାପନ କରିବା ଏମାନଙ୍କ ଭାଗ୍ୟରେ ସତରେ ଯେମିତି ଲେଖାଯାଇଛି। ସହର ହେଉ କି ଗ୍ରାମ ସବୁଠାରେ ଏଭଳି ଚିତ୍ର ଓ ଦୃଶ୍ୟ ଦେଖିବାକୁ ମିଳେ। ଅତୀତରୁ ଆଜିପର୍ଯ୍ୟନ୍ତ ଅବଲୋକନ କଲେ ଜଣାପଡେ ଯେ, ଧନୀକ ଗୋଷ୍ଠୀ ନିଜର ଚତୁରତା ପଣକୁ ନେଇ ଅଧିକରୁ ଅଧିକ ଧନୀ ହେଉଥିଲା ବେଳେ ଗରିବ ଲୋକଟି ପୁଞ୍ଜିପତି ମାନଙ୍କ ଆଗରେ ପୂର୍ବ ଭଳି ଗୌଣ ହୋଇ ପଡି ରହୁଛି। ଚାଷୀ ଯେତିକି ଫସଲ ଅମଳ କରେ ଓ ଯେଉଁ ଦରରେ ବ୍ୟବସାୟୀଙ୍କୁ ଦିଏ ସାଧାରଣ ଲୋକ ତାହାର ହିସାବ ପାଇନଥାନ୍ତି। ଗୋଟିଏ କେଜି ଆଳୁର ଦର ଚାଷୀ ୫ଟଙ୍କା ପାଉଥିଲା ବେଳେ ବ୍ୟବସାୟୀ ଏଥିରୁ ୧୫ ଟଙ୍କା ପାଆନ୍ତି। ଯେତେବେଳେ ଦରଦାମ କଥା ଆଲୋଚନା ହୁଏ ସେତେବେଳେ ବ୍ୟବସାୟୀମାନେ ସଙ୍ଗଠିତ ଭାବେ ସରକାରଙ୍କ ଉପରେ ଚାପ ସୃଷ୍ଟି କରନ୍ତି। ହେଲେ ବିଚରା ଚାଷୀ ପାଏ କ'ଣ? ମୁଣ୍ଡ ଝାଳ ତୁଣ୍ଡରେ ମାରି ଖାଲି ପାଦରେ ମାଟି କାଦୁଅରେ ଶ୍ରମ ଦେଇ ଅତ୍ୟନ୍ତ କଷ୍ଟରେ ନିଜେ ବଞ୍ଚି ସଂସାରକୁ ବଞ୍ଚାଇବା ଚିନ୍ତା କରେ। ହେଲେ ଏହା ବିନିମୟରେ ସେ ଉପଯୁକ୍ତ ପାରିଶ୍ରମିକ ବି ପାଏନି। ଅଭାବ ଅସୁବିଧା ଭିତରେ ଚାଷୀର ଜୀବନ ରହୁଥିଲା ବେଳେ ଧନୀକ ଗୋଷ୍ଠୀ କେବଳ ନିଜର ସ୍ୱାର୍ଥ ଚିନ୍ତା କରୁଛନ୍ତି। କେହି ଭାବୁନାହାନ୍ତି ଅନେକ ବିପର୍ଯ୍ୟୟକୁ ସାମ୍ନା କରି କୃଷକ ଯେଉଁ ଫସଲ ଫଳାଏ ତାହା ଆମ ଜୀବନ ପାଇଁ କେତେ ମୂଲ୍ୟବାନ। ବିନା ବିଳାସ ବ୍ୟସନରେ ବଞ୍ଚି ଯାଇହେବ। ହେଲେ ବିନା ଖାଦ୍ୟରେ କ'ଣ କେହି କେବେ କ'ଣ ବଞ୍ଚିପାରେ? ତେଣୁ ଯେଉଁଦିନ ସମାଜର ସବୁ ବର୍ଗର ଲୋକ ସମସ୍ତଙ୍କ କଥା ଚିନ୍ତା କରିପାରିବେ ସେଦିନ ଦେଶ ତଥା ଜାତିର ପ୍ରକୃତ ଉନ୍ନତି ଘଟିପାରିବ।


## ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ମାଓବାଦର ସଫଳ ମୁକାବିଲା



ସୌମେନ୍ଦ୍ର ଜେନା

ଚୀନର ଚେଆରମେନ୍ -ଆମର ଚେଆରମେନ -ଏହି ସ୍ଲୋଗାନ ଏକଦା ନକ୍ସାଲମାନେ ପଚାଶବର୍ଷ ପୂର୍ବେ ପଶ୍ଚିମବଙ୍ଗ ଓ ଅନ୍ୟାନ୍ୟ ରାଜ୍ୟରେ ଦେଉଥିଲେ । ଏବେ ସେମିତି ଶୁକ୍ରବାର ଦିନର ନମାଜ ପରେ ପରେ ପୂର୍ବରୁ କାଶ୍ମୀରର ମସଜିଦ୍‌ରୁ ବାହାରୁଥିବା ଲୋକେ ପାକିସ୍ଥାନ ଓ ଆଇଏସ୍ ପତାକା ଉଡାଇ କହନ୍ତି "କାଶ୍ମୀର ହେବ ପାକିସ୍ଥାନ, ଦେଖୁଥିବ ବସି ହିନ୍ଦୁସ୍ଥାନ" ଉପରୋକ୍ତ ଦୁଇଟି ଘଟଣାରୁ ଆମେ ଜାଣିପାରିବା ଯେ ଦେଶ ଭିତରେ ଅସ୍ଥିରତା ସୃଷ୍ଟି ପାଇଁ ଆଜି ନୁହେଁ ବରଂ ୭୦ବର୍ଷ ହେଲା ସ୍ୱାଧୀନତା ପରଠାରୁ ଉଦ୍ୟମ ଜାରି ରହିଛି । କେଉଁଠି ଇସଲାମିକ ସନ୍ତ୍ରାସ, କେଉଁଠି ବାମପନ୍ଥୀ ସନ୍ତ୍ରାସ । କେଉଁଠି କ୍ରୁଶର ସନ୍ତ୍ରାସ ଦେଶରେ ବିଚ୍ଛିନ୍ନତାବାଦୀ ଏବଂ ସନ୍ତ୍ରାସବାଦୀ, ସୃଷ୍ଟିର ପ୍ରମୁଖ କାରଣ ହୋଇଛି । ଅତୀତରେ ଖଲିସ୍ତାନ ଗଠନ ପାଇଁ ପଞ୍ଜାବରେ ସନ୍ତ୍ରାସବାଦ ହେଉ କିମ୍ବା ସ୍ୱତନ୍ତ୍ର ଖ୍ରୀଷ୍ଟିଆନ ରାଜ୍ୟ ଗଠନ ପାଇଁ ଉତ୍ତର ପୂର୍ବାଞ୍ଚଳରେ ମିଶନାରୀଙ୍କ ସହଯୋଗରେ ଚାଲୁଥିବା ସନ୍ତ୍ରାସବାଦୀ ଆନ୍ଦୋଳନ ହେଉ, ଏସବୁ ତତ୍ତ୍ୱର ମୂଳସୂତ୍ର କେଉଁଠି ନା କେଉଁଠି ବିଦେଶରେ ରହିଛି । ୧୯୬୨ରେ ଚୀନର ଭାରତ ଆକ୍ରମଣ ଏବଂ ଅକ୍ସାଇଚୀନ ପାକ୍‌ଠାରୁ ନେବା ପରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକୁ ଅସ୍ଥିର କରିବା ଲାଗି ଚୀନ ସରକାରଙ୍କ ଯୋଜନାରେ ଅର୍ଥ, ଅସ୍ତ୍ରଶସ୍ତ୍ର, ପ୍ରଶିକ୍ଷଣ ସହ ରାଜନୀତିକ ସମର୍ଥନ ପ୍ରଦାନ କରାଯାଇ ଭାରତରେ ବିଚ୍ଛିନ୍ନତାବାଦୀ ଆନ୍ଦୋଳନକୁ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା । ସେ ସମୟର ନକ୍ସାଲ ନେତାମାନେ ଚୀନକୁ ଯାଇ ପ୍ରଶିକ୍ଷଣ ନେବା ସହ ଆର୍ଥିକ ସହାୟତା ଲାଭ କରିଥିଲେ । ସେମାନଙ୍କ ସମର୍ଥନରେ ଚୀନର ସରକାର ମଧ୍ୟ ସାଧାରଣକୁ ଆସିଥିଲେ । ଉତ୍ତରପୂର୍ବର ସୀମାନ୍ତ ଏବଂ ତିବ୍ବତ ସୀମାଦେଇ ଦେଶକୁ ଚୀନା ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଇଥିଲା । ପରେ ନେପାଳର ବିରାଟନଗର ଜଙ୍ଗଲରେ ଭାରତର ନକସାଲ ନେତାମାନଙ୍କୁ ଅର୍ଥଚାଳନା ପ୍ରଶିକ୍ଷଣ ଓ ଗରିଲା ଆକ୍ରମଣ ନେଇ କୌଶଳଗତ ଟ୍ରେନିଂ ଦିଆଯାଇଥିଲା । ସେହିକ୍ରମରେ ଏବେ ବି କାଶ୍ମୀର ଆରପାରି ପାକ୍ ଅଧିକୃତ କାଶ୍ମୀରର ମୀରପୁର, ମୁଜାଫରାବାଦ ଆଦି ଅଞ୍ଚଳରେ ଭାରତ ବିରୋଧରେ ସନ୍ତ୍ରାସବାଦୀଙ୍କୁ ପ୍ରସ୍ତୁତ କରାଯାଉଛି । ଅତୀତର ନକସାଲ୍ ଏବେ ମାଓବାଦୀ ଭାବେ ଦେଶରେ କାର୍ଯ୍ୟ କରୁଛନ୍ତି । ସେମାନେ ଏକ ବାମପନ୍ଥୀ ରାଜନୈତିକ ବିଚାର ନେଇ ସାମାଜିକ-ରାଜନୀତିକ ସ୍ତରରେ ସଂଘର୍ଷ କରିବା କଥା କହୁଥିଲେ ହେଁ ସେମାନେ ପାକିସ୍ଥାନର ସନ୍ତ୍ରାସବାଦୀ ଏବଂ ସେନାସହ ସଂପର୍କ ରଖି ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଲାଭ କରୁଥିବା ନେଇ ପ୍ରମାଣ ଏବେ ପୋଲିସ ହାତରେ ଲାଗିଛି ।

ନିକଟରେ ଛତିଶଗଡ ରାଜ୍ୟର କାଙ୍କେର ଜିଲ୍ଲା ଅଧିନସ୍ଥ ତାଡୋକି ଥାନା ଅଞ୍ଚଳରେ ଥିବା ସୁନାର ଜଙ୍ଗଲରେ ପୋଲିସ-ମାଓବାଦୀ ସଂଘର୍ଷରେ ପାକ୍ ସେନା ବ୍ୟବହାର କରୁଥିବା ଜି-୩ ରାଇଫଲ ମିଳିବାପରେ ମାଓବାଦୀଙ୍କ ପାକ୍ ସଂପର୍କ ନେଇ ସନ୍ଦେହ ସତ୍ୟରେ ପରିଣତ ହୋଇଛି । ପାକ୍‌ର ଅଲକାଏଦା ଏବଂ ଜୈଶ ଇ ମହମ୍ମଦ ପରି ସନ୍ତ୍ରାସବାଦୀଙ୍କ ହାତରେ ଏହି ଶ୍ରେଣୀର ରାଇଫଲ ରହିଥାଏ । ପାକ୍ ସେନା ଏବଂ ଆଇଏସ୍‌ଆଇ କର୍ତ୍ତୃପକ୍ଷ ଏହିସବୁ ଭାରତ ବିରୋଧୀ ଶକ୍ତିଗୁଡିକୁ ଏବେ ଅର୍ଥ ଏବଂ ଅସ୍ତ୍ରଶସ୍ତ୍ର ଚାଲାଣ କରୁଛନ୍ତି । ମ୍ୟାନମାର, ବଙ୍ଗଳାଦେଶ, ନେପାଳ, ପଞ୍ଜାବର ସୀମାଦେଇ ବିଦେଶରୁ ନିଶାଦ୍ରବ୍ୟ, ନକଲି ଟଙ୍କା, ଅସ୍ତ୍ରଶସ୍ତ୍ର ଆଦି ସନ୍ତ୍ରାସୀ ସଂଗଠନଗୁଡିକ ମାଧ୍ୟମରେ ଭାରତକୁ ପଠାଇବାରେ ଲାଗିଛନ୍ତି । ପୂର୍ବରୁ ଏନ୍‌ଆଇଏ କର୍ତ୍ତୃପକ୍ଷ ମଧ୍ୟପ୍ରଦେଶ, ଭୋପାଳ, ମହାରାଷ୍ଟ୍ର, ନୂଆଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ ଅନ୍ୟାନ୍ୟ ରାଜ୍ୟରୁ ସନ୍ତ୍ରାସବାଦୀଙ୍କ ସହାୟକ ସହରୀ ବ୍ୟକ୍ତିମାନଙ୍କୁ ଗିରଫ କରିଥିଲେ । ଏହିସବୁ ଭଦ୍ରଲୋକଙ୍କ ଗିରଫ ବେଳେ ଦେଶର କେତେକ ଗଣମାଧ୍ୟମ ଏବଂ ବିଶ୍ୱବିଦ୍ୟାଳୟରେ ତୁମ୍ବିତୋଫାନ ହେଲା । ଏପରିକି ନୂଆଦିଲ୍ଲୀରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଭାରତର ବିଭାଜନ ପାଇଁ ସ୍ଲୋଗାନ ପଡିଲା । ପରେ ସେହି ନକାରାତ୍ମକ ଘୃଣାସୃଷ୍ଟିକାରୀ ଗୋଷ୍ଠୀର ଲୋକଙ୍କ ନିର୍ବାଚନରେ ପରାଜୟ ହୋଇଥିଲେ ମଧ୍ୟ ସଫେଦ ସନ୍ତ୍ରାସୀ ଏବଂ ଜଙ୍ଗଲୀ ସନ୍ତ୍ରାସୀମାନଙ୍କ ସହ ପାକ୍‌ର ଗୁଇନ୍ଦାସଂସ୍ଥା ଆଇଏସ୍‌ଆଇ ଭଲ ସଂପର୍କ ରଖିଛି । ମାଓବାଦୀଙ୍କୁ ଚୀନର ଗୁଳିଗୋଳା, ରିଭଲଭର, ହ୍ୟାଣ୍ଡ ଗ୍ରେନେଡଠାରୁ ଅନେକ ମାରଣାସ୍ତ୍ର ଗତ ପଚାଶବର୍ଷ ଧରି ଯୋଗାଇ ଦିଆଯାଉଛି । ଦେଶର ପଡୋଶୀ ରାଷ୍ଟ୍ରଗୁଡିକର ଷଡଯନ୍ତ୍ରରେ ଦେଶର ଏହି ସନ୍ତ୍ରାସବାଦୀମାନେ ଯେପରି ଅସ୍ଥିରତା ସୃଷ୍ଟିପାଇଁ ଚେଷ୍ଟା କରୁଛନ୍ତି ତାକୁ ବନ୍ଦ କରିବାପାଇଁ ସରକାର କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।

*ଭାରତୀୟ ସମ୍ବାଦ ସେବା(ଭାସ)*
*ଭୁବନେଶ୍ୱର-୭୫୧୦୦୩*

# ଓଡ଼ିଶା ସରକାରଙ୍କ ୫-ଟି' ଯୋଜନା

ପଙ୍କଜ ପାଣିଗ୍ରାହୀ

୫-ଟି' କ'ଣ? ତାହାର ଭାଷାତତ୍ତ୍ୱ ଏବଂ ଦର୍ଶନ ତତ୍ତ୍ୱ ସହିତ ଆଭିମୁଖ୍ୟ ଗୁଡିକ ସାଧାରଣ ଜନତା ଉତ୍ତମ ରୂପେ ଜାଣି ନଥିଲେ ମଧ୍ୟ ଗୋଟିଏ ସ୍ୱରରେ ସମସ୍ତେ କହନ୍ତି ଆମ ରାଜ୍ୟ ସରକାର କିଛି ସୁଧାର ନୀତି ଆପଣେଇନ୍ତି ଯାହାଦ୍ୱାରା ଆମ ରାଜ୍ୟରେ ଥିବା ଅନେକ ଅଭାବନୀୟ ପରିସ୍ଥିତି ଦୂର ହେବା ସହିତ ସାଧାରଣ ଲୋକଙ୍କ ମଙ୍ଗଳ ହେବ। ଲୋକଙ୍କ ଧାରଣା ସରକାରୀ କଳର ଅଭାବନିୟତା ଦୂର ହେବ। ବାସ୍ତବିକ ସେଥିରେ କ'ଣ ସବୁ ପ୍ରସ୍ତାବ ରହିଛି ଏବଂ ଭବିଷ୍ୟତରେ କ'ଣ ସବୁ ହେବାକୁ ଯାଉଛି ଆଉ ତାହାର ପ୍ରତିଫଳନ କ'ଣ ହେବ ଭବିଷ୍ୟତ କହିବ।

ହେଲେ ଏଠାରେ ଗୋଟିଏ ପ୍ରଶ୍ନ ଉଠୁଛି କି ଲୋକ ତାକୁ ବ୍ୟଙ୍ଗାତ୍ମକ ରୂପ ଦେଇ ଅନେକ ଛଳନାର ଦ୍ୱାହି ଦେଉଥିବା ବେଳେ ପରିହାସ ଏବଂ ବିପରୀତ ମୁଖି ଆଲୋଚନା ସହିତ ସାଧାରଣ ଲୋକଙ୍କ ମନରେ ଭ୍ରାନ୍ତିକର ଆଲୋଡନ ସୃଷ୍ଟି କରୁଥିବା ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ବିଭିନ୍ନ ଚର୍ଚ୍ଚା ତଥା ପ୍ରଚାର ପ୍ରକାଶ ଗୁଡିକୁ ଅନୁଧ୍ୟାନ କଲେ ଜାଣି ହେଉଛି ସେସବୁ ରାଜନୈତିକ ସ୍ୱାର୍ଥ ଜନିତ ମତଭେଦ କାରଣରୁ ବିପରୀତ ମୁଖି ହେଉଛି। କିନ୍ତୁ ସାଧାରଣ ମାନବିକତାର ଅଭାବ ହେତୁ ଆଜି ମଣିଷ ନିଜର ମଣିଷ ପଣିଆକୁ ଭୁଲିଯାଇ କେବଳ ନ୍ୟସ୍ତ ସ୍ୱାର୍ଥ ଆଶାରେ ଯାହାକିଛି କରିପାରୁଛି, କହିପାରୁଛି। ଏମିତି ମତଭେଦ ମଧ୍ୟରେ ସମାଲୋଚନା ମାଧ୍ୟମରେ କ'ଣ ସମାଜକୁ କେହି ସୁଧାରି ପାରିବେ ବୋଲି ନିଶ୍ଚିତ ମତ ଦେଇହେବ? ନିଶ୍ଚିତ ଭାବେ ନୁହେଁ। କାରଣ ଜଣେ ପ୍ରକୃତ ସମାଜ ସୁଧାରକ ପରିହାସ ବଦଳରେ ଅନ୍ୟର ଅଭାବନୀୟ ଚିନ୍ତାଧାରା କିମ୍ବା କାର୍ଯ୍ୟଶୈଳୀକୁ କୌଣସି ଉପଦେଶାତ୍ମକ ଚେତନା କିମ୍ବା ପ୍ରସ୍ତାବ ଦ୍ୱାରା ଅଧିକ ବଳବତ୍ତର କରିବାରେ ସାହାଯ୍ୟ କରିପାରେ, କିନ୍ତୁ ସମାଲୋଚନା ମାଧ୍ୟମରେ ନୁହେଁ। ତେଣୁ ସମାଲୋଚନା କରୁଥିବା ମଣିଷ ନିଶ୍ଚିତ ସମାଜର ଅନ୍ୟ ଏକ କ୍ଷତି କାରକର କୀଟାଣୁ ଭଳି କାର୍ଯ୍ୟ କରୁଥିବା ନିଃସନ୍ଦେହ, ଯେଉଁମାନେ ଅନ୍ୟ କୌଣସି ଦିଗରୁ ସମାଜର କ୍ଷତି କରିଥାନ୍ତି ଯାହା ସାଧାରଣ ଲୋକଙ୍କ ପାଇଁ ଅଲୌକିକ ବିଚାର ଭଳି କାମକରେ। ୫-ଟି' ଯୋଜନାରେ ଯାହା ହେଉଛି, କିମ୍ବା ହେବାକୁ ଅଛି ବୋଲି ଆମେ ଭାବୁଛେ ସେସବୁକୁ ଆହୁରି ଅଧିକ ଶକ୍ତିଶାଳୀ କରି ତାକୁ ବାସ୍ତବ ରୂପେ ଦେଇପାରିଲେ ହୁଏତ ଆମ ସମସ୍ତଙ୍କର ମଙ୍ଗଳ ହୋଇପାରିବ। ଅର୍ଥାତ ଯଦି ରାଜ୍ୟ ସରକାର ଏକ ଯୋଜନା କଲେ ଆଉ ସେଇଥିରେ କିଛି ତ୍ରୁଟି କିମ୍ବା ଅଭାବ ରହିଛି ଅଥବା ତାକୁ ଆହୁରି କ୍ରିୟାଶୀଳ କରିବାରେ ଅନ୍ୟକିଛି ଉପାୟ ଅବଲମ୍ବନ କରାଯାଇପାରେ ବୋଲି ଆମେ ଭାବୁଛେ, ଯେଉଁମାନେ ସମାଲୋଚନା କରୁଛନ୍ତି ସେମାନେ ଯଦି ନିଷ୍ପତ୍ତି ସହିତ କିଛି ସମାନ୍ତରାଳ ଉପଦେଶ କିମ୍ବା ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଅନ୍ତେ ତାହା ଆହୁରି ଅଧିକ କ୍ରିୟାଶୀଳ ହୋଇପାରିବ ବୋଲି ଆମର ମତ। କିଛି ଲୋକ କୁହନ୍ତି ଆଜିକୁ କୋଡିଏ ବର୍ଷ ହେଲା ଗୋଟିଏ ରାଜନୈତିକ ଦଳ ଆମ ରାଜ୍ୟରେ ଶାସନ କରିଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ଏଭଳି ଯୋଜନା କରାଯାଇନଥିଲା କାହିଁକି ଅଥବା 'ମୋ ସରକାର' ବୋଲି ଯଦି ଆଜି ସକ୍ରିୟତା ଦେଖାଉଛନ୍ତି ତାହେଲେ ସେସବୁ ଆଗରୁ କାହିଁକି ହେଉନଥିଲା? ଆଉ କିଛି ଆଲୋଚନା ହୁଏ ଯେ ସ୍ୱର୍ଗତ ବିଜୁ ପଟ୍ଟନାୟକ ସରକାରୀ ବାବୁ ମାନଙ୍କୁ ଦୁର୍ନୀତି କରୁଥିବା ଦେଖିଲେ ସାଧାରଣ ନାଗରିକ ଚାପୁଡା ମାରି କାମ ଆଦାୟ କରିବା ପାଇଁ ଆହ୍ୱାନ ଦେଇଥିବା ବେଳେ ତାଙ୍କ ପୁତ୍ର ତଥା ବର୍ତ୍ତମାନ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାହାର ବିପରୀତ କାର୍ଯ୍ୟ କରୁଛନ୍ତି। କିନ୍ତୁ ଏହି ୫-ଟି ଯୋଜନା ଆରମ୍ଭ ହେବା ପରେ ସେସବୁ ଅଯୌକ୍ତିକ ବୋଲି ମନେ ହୁଏ। ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରି ବିଭିନ୍ନ ଭ୍ରାନ୍ତିକର ସମାଲୋଚନା ଦେଖିବାକୁ ମିଳୁଛି। ଏଠି ପ୍ରଶ୍ନ ଉଠୁଛି ଯେଉଁମାନେ ଏଭଳି ପ୍ରଶ୍ନ କରୁଛନ୍ତି ସେମାନେ ଏହିସବୁ ପ୍ରସ୍ତାବ ଆଗରୁ କେବେ ସରକାରଙ୍କୁ ଦେଇଥିଲେ କି? ଏବଂ ସରକାର ସେସବୁକୁ ପ୍ରତ୍ୟାଖାନ କରିଥିଲେ କି? ଯଦି ନୁହେଁ ତାହେଲେ ସେମାନଙ୍କ ଏହିସବୁ ପ୍ରଶ୍ନ ନୁହେଁ କେବଳ ବ୍ୟକ୍ତିଚାର ବୋଲି ବର୍ଣ୍ଣନା କରାଯିବା ଉଚିତ ହେବ। କାରଣ ଯେତେବେଳେ ଯେଉଁ କାର୍ଯ୍ୟକ୍ରମ ପ୍ରଥମେ କାର୍ଯ୍ୟକାରୀ କରିବାପାଇଁ ପ୍ରସ୍ତାବିତ ହୁଏ ତାହା ପୂର୍ବରୁ ହୁଏତ ତାହାର କାର୍ଯ୍ୟକାରିତା ସମ୍ବନ୍ଧରେ କାହା ମନରେ ଆଲୋଡନ ଜାଗ୍ରତ ହୋଇନଥାଇ ପାରେ! ଆଉ ଆଜିର ଯଦି କିଛି ନୂତନତାକୁ ବିଗତ ଦିନ ସହିତ ତୁଳନା କରାଯିବା ଏକ ବିକୃତ ମାନସିକତା ଛଡା ଆଉ କିଛି ହୋଇନପାରେ। ଯଦି ଆମେ ଭାବୁଛେ ସରକାର ଛଳନା କରୁଛନ୍ତି କିମ୍ବା ଏହି କାର୍ଯ୍ୟକ୍ରମ ସେମାନଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ହୋଇପାରେ ବୋଲି ତାହେଲେ ତାହାର ଫଳ ସେମାନଙ୍କୁ ନିଶ୍ଚିତ ମିଳିପାରେ। କିନ୍ତୁ ପ୍ରାରମ୍ଭରୁ ସେମାନଙ୍କ ମନବଳ ଦୁର୍ବଳ ନକରି ବରଂ ସେମାନଙ୍କ ସହିତ ସହଯୋଗର ହାତ ମିଶାଇ ଯଦି କାର୍ଯ୍ୟ କରାଯାଏ ତା'ହେଲେ ହୁଏତ ଯଦି ସେମାନଙ୍କ ମନ୍ଦ ଉଦ୍ଦେଶ୍ୟ ଥିଲେ ମଧ୍ୟ ତାହା ଯୁକ୍ତାତ୍ମକ ଆଡକୁ ପରିଚାଳନା ହେବାର ସମ୍ଭାବନାକୁ ଅସ୍ୱୀକାର କରିହେବନାହିଁ। ଅର୍ଥାତ ଯଦି ସମସ୍ତେ ମିଶି ତାଙ୍କୁ ପ୍ରୋତ୍ସାହିତ କରିବେ ତା'ହେଲେ ନିଶ୍ଚିତ ଏକ ଅଭିନବ ରୂପ ନେବ ବୋଲି ଆମର ମତ। ଅର୍ଥାତ ଏତେ ସୁନ୍ଦର କାର୍ଯ୍ୟକ୍ରମଟିକୁ ବର୍ତ୍ତମାନ ହାତଛଡା ନକରି ଏବଂ ସରକାରଙ୍କୁ କିଛି ଯୁକ୍ତାତ୍ମକ ଯୁକ୍ତି ବା ପ୍ରସ୍ତାବ ଦେଇ ସମସ୍ତ ସାଧାରଣ ନାଗରିକ କାର୍ଯ୍ୟ କରନ୍ତୁ ଏବଂ ସେମାନଙ୍କୁ ସହଯୋଗ କଲେ ଉତ୍ତମ ଫଳାଫଳ ନିଶ୍ଚିତ ମିଳିପାରିବ ବୋଲି ଆଶା ରଖି ଆଗକୁ ବଢ଼ିବା ଉଚିତ। ଏହି ପ୍ରସଙ୍ଗରେ ଗୋଟିଏ ବାସ୍ତବ ପ୍ରସ୍ତାବ ସରକାରଙ୍କୁ ଦିଆଯାଇ ପାରେ ଯେ, ପ୍ରଥମେ ଉଚ୍ଚାଧିକାରୀ ମାନେ କୁଆଡେ ନଯାଇ ନିଜ ଦପ୍ତର ଏବଂ ଅନ୍ୟାନ୍ୟ ସରକାରୀ ଉଚ୍ଚାଧିକାରୀ ମାନଙ୍କ ଦପ୍ତରରେ ଥିବା ଅଭିଯୋଗ ପ୍ରକୋଷ୍ଠିକୁ କଡାକଡି କରି ନିଃସ୍ୱାର୍ଥପର ଭାବେ ନିଷ୍ପକ୍ଷ ବିଚାର କଲେ ଅନେକ ସୁଫଳ ମିଳିପାରିବ। ରାଜଧାନୀରେ ଥିବା ସମସ୍ତ ମୁଖ୍ୟ କାର୍ଯ୍ୟାଳୟ ତଥା ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଗୁଡିକୁ ୧୫ଦିନ ମଧ୍ୟରେ ଉପଯୁକ୍ତ ନିଷ୍ପକ୍ଷ ତଦନ୍ତ କରାଯାଇ ବିଚାରଶୀଳ ପଦକ୍ଷେପ ନିଆଯିବା ପାଇଁ ନିର୍ଦ୍ଦେଶ ଦିଆଗଲେ ଅନେକ ସୁଧାର ଆସିପାରିବ ବୋଲି ଆମର ମତ। ଅନେକ ସମସ୍ୟାର ଏକାକୀ ନିରୋଳା ଉପାୟ ଏହା ଛଡା ଆଉ ଅଧିକ କିଛି ହୋଇନପାରେ। କିନ୍ତୁ ସେମାନେ ନିଜ ସ୍ୱାର୍ଥ ଦୃଷ୍ଟିରୁ ହେଉ କିମ୍ବା କୌଣସି ଅହେତୁକ ଚାପର ବଶବର୍ତ୍ତୀ ହୋଇ ସେସବୁ ଠିକ ଭାବେ କରି ପାରୁନଥିବା ହେତୁ ଦୁର୍ନୀତି ଆକାଶଛୁଆଁ ହେବାକୁ ଲାଗୁଥିବା ଦେଖାଯାଉଅଛି। ପୁଣି ଯେଉଁ ଅଧିକାରୀ କର୍ମଚାରୀ ମାନଙ୍କ ନାମରେ ପୂର୍ବରୁ ଅନେକ ଅଭିଯୋଗ ବିଭିନ୍ନ ମହଲରୁ ହୋଇଛି ଅଥବା ଆଗକୁ ହେବାର ଅଛି ତାହା ଉପରେ ପ୍ରାଧାନ୍ୟତା ଦେଇ ସେସବୁର ଉପଯୁକ୍ତ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ କରାଗଲେ କମିଟି ଅତ୍ୟନ୍ତ ସୁଚାରୁରୂପେ ଫଳପ୍ରଦ ହୋଇପାରନ୍ତା ଏବଂ ପରବର୍ତ୍ତୀ ସମୟରେ ଉଚ୍ଚ ଅଧିକାରୀମାନେ ସ୍ଥଳ ପରିଦର୍ଶନ କରି କଠୋର କାର୍ଯ୍ୟାନୁଷ୍ଠାନ ନେଲେ ସରକାରଙ୍କ ନିର୍ମଳ ଭାବମୂର୍ତ୍ତି ପ୍ରକାଶ ପାଇବା ସଙ୍ଗେସଙ୍ଗେ ବିରୋଧାଭାସ ବନ୍ଦ ହୋଇ ଯାଇଥାନ୍ତା। କୌଣସି ମତେ ରାଜ୍ୟ ସରକାର ସବୁ ଅଭିଯୋଗ ଗୁଡିକୁ ଅଣଦେଖା ନକରି ବା ଅଭିଯୋଗକାରୀଙ୍କୁ ନ୍ୟାୟ ଦେଇ ନିଜର ଉଦ୍ଦେଶ୍ୟ ପୂରଣ କରିବେ ବୋଲି ଆଶା ଏବଂ ପରେ ବାହାରକୁ ପ୍ରକଟ ନହୋଇ ଭିତରେ ଚାଲିଥିବା ବେଆଇନ କାର୍ଯ୍ୟ ଗୁଡିକୁ ଅନୁସନ୍ଧାନ କରି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଦଣ୍ଡ ବିଧାନ କଲେ ଆସନ୍ତା ଭବିଷ୍ୟତରେ ହୀନ ଉଦ୍ଦେଶ୍ୟଜନିତ ପ୍ରଚାରକଙ୍କ ମୁହଁରେ ଶକ୍ତ ଚାପୁଡା ବାଜିପାରିବ ନିଶ୍ଚିତ। ରାଜ୍ୟର ପ୍ରାୟତଃ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡିକରେ ସବୁ କ୍ଷେତ୍ରରେ ତଳୁ ଉପର ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ଦୁର୍ନୀତିରେ ବୁଡି ରହିଥିବା ଚର୍ଚ୍ଚା ବାଟେଘାଟେ ହେଉଥିବା ଆମର ଦେହସୁହା ହୋଇଗଲାଣି। ପ୍ରାୟତଃ ସମସ୍ତେ ଏକରକମ ଅର୍ଥ ଆଦାୟ ଛଡା ନିଜର ସାମାଜିକ କର୍ତ୍ତବ୍ୟ ଭୁଲିଯାଇଛନ୍ତି ଏବଂ ଏକ ରକମ ଅମାନବୀୟ ପରିବେଶରେ ଆଗନ୍ତୁକ ତଥା ହିତାଧିକାରୀଙ୍କୁ ଦୁର୍ବ୍ୟବହାର କରୁଥିବା ଚର୍ଚ୍ଚା ହେଉନାହିଁ ବରଂ ତାହା ବାସ୍ତବ ସତ୍ୟ। କାରଣ ତାହାର ଶିକାର ସମସ୍ତେ ହୁଅନ୍ତି। ହେଲେ ସମସ୍ତେ ସମସ୍ତଙ୍କୁ ଅବିଶ୍ୱାସ ଘେରରେ ରଖି ଅମାନବୀୟ ଦୁର୍ବ୍ୟବହାର ନକରି ଯଦି ଭଲ ପାଇବା ଶିଖି ପାରନ୍ତେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତ ପୋଷଣ ପୂର୍ବକ ଏହି ୫-ଟି' ଯୋଜନା ମାଧ୍ୟମରେ ତାହାର ସଫଳ ରୂପାୟନ କରାଯାଇ ପାରେ ବୋଲି ଆମର ସୁଚିନ୍ତିତ ମତାମତକୁ ସରକାର ନିଶ୍ଚିତ ଗୁରୁତ୍ୱାରୋପ କରିବେ ବୋଲି ଆଶା।

ବିଷୟଟି କୌଣସି ରାଜନୈତିକ ବିଚାରଧାରା ଦୃଷ୍ଟିକୋଣରୁ ଲେଖାଯାଇନାହିଁ। ବରଂ ଆମେ ନିଜକୁ ବ୍ୟକ୍ତିଗତ ଭାବେ ସମାଜ ସୁଧାରକ ଓ ସଚେତକ ଭାବରେ ନିୟୋଜିତ କରି ଓଡ଼ିଶାର ଜନସାଧାରଣ ତଥା ସରକାରଙ୍କ ସହିତ ମୈତ୍ରୀକ ଭାବାପନ୍ନ ଉଦ୍ଦେଶ୍ୟ ରଖି କେବଳ ସଚେତନତା ସୃଷ୍ଟି କରାଯିବା ଉଦ୍ଦେଶ୍ୟରେ ସମର୍ପିତ। ଆପଣ ମାନଙ୍କ ସମଭାବନା ଏବଂ ସମ୍ବେଦନଶୀଳ ସହଯୋଗ କାମନା କରି ଆଗୁଆ ଧନ୍ୟବାଦ ଅର୍ପଣ ପୂର୍ବକ ରହିଲୁ।

*ସୋସିଆଲ ଫୋରମ (ଇଣ୍ଡିଆ)*
*ଛତ୍ରପୁର, ଗଞ୍ଜାମ*
*ଦୂରଭାଷ : ୯୪୩୭୩୨୪୯୪୭*



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

*ଦମ :-*

ଦୀର୍ଘକାଳ ଅଭ୍ୟାସ କିରବା ଦ୍ୱାରା ଆସ୍ଥା ଦୃଢ଼ତର ହୋଇଥାଏ। ଛୁଞ୍ଚିରେ ସୁତା ପୁରାଇବା ପାଇଁ ସୂତାର ଅଗକୁ ସିଧା ତୀକ୍ଷ୍ଣ କରିବାକୁ ପଡିଥାଏ। ଯଦି ସୂତା ଟିକେ ବି ଏପଟ ସେପଟ ହୋଇଯାଏ ତେବେ ଛୁଞ୍ଚିରେ ସୂତା ଗଳାଇବା କଷ୍ଟକର ହୋଇପଡେ। ତେଣୁ ଏକାଗ୍ରତା ଓ ଧୈର୍ଯ୍ୟର ଆବଶ୍ୟକତା ଦମର ପ୍ରାପ୍ତ ଲାଗି ଦରକାର। ଗୀତାରେ ଭରସା ଦେଇ ଲେଖା ରହିଛି, ଶନୈଃ ଶନୈଃ ରୂପଭେଦ ବୃଦ୍ଧ୍ୟା ଧୃତି ଗୃହୀତୟ... ଧୀରେ ଧୀରେ ରେ ମନଃ ସବୁ କିଚି ସମ୍ଭ। ସାଧନା କରିଚାଲିଲେ ଦମର ପ୍ରାପ୍ତି ସୁନିଶ୍ଚିତ।

ଜଣେ ସନ୍ୟାସୀ ଥିଲେ ଯାହାଙ୍କ ନାମ ଥିଲା ପୁନିତ ମହାରାଜ। ସେ ସର୍ବଦା ଏକ ଦୋହା ଗାଇ ଶୁଣାଉଥିଲେ। ଯାହାର ଅର୍ଥ ଥିଲା, ହେ ମଣିଷ! ତୁ ଅଟାଳିକା ବନାଇ ଚାଲିଛୁ ହେଲେ ନବଦ୍ୱାର ଇନ୍ଦ୍ରିୟ ସହିତ ଦଶମ ଦ୍ୱାର ମନ, ଏହି ଦଶଟି ଦ୍ୱାରା ବିଶିଷ୍ଟ କୁଡିଆ ଅର୍ଥାତ ଶରୀରର କୌଣସି ଠିକଣା ନାହିଁ। କେତେବେଳେ କୁଡିଆ ରୂପକ ଶରୀରର ଅବସ୍ଥା କ'ଣ ହେବ କିଏ ଜାଣେ! ସେଥିରେ ହେ ମାନବ! ତୁ ଚିନ୍ତା କରୁଛୁ ଆକାଶ, ପାତାଳ ବାନ୍ଧିବା ପାଇଁ। ତେବେ ଇନ୍ଦ୍ରିୟ ସଂଯମର ଅଭ୍ୟାସ କରି ମନକୁ ଅନ୍ତର୍ମୁଖୀ କରି ଆତ୍ମଜ୍ଞାନକୁ ଲାଭ କରିବା ଜୀବନର ପ୍ରଥମ କର୍ତ୍ତବ୍ୟ ଅଟେ। କେହି କେହି ବାହାରୁ ଦେଖାଇ ହେବା ପାଇଁ ଇନ୍ଦ୍ରିୟ ସବୁକୁ ସଂଯତ କରନ୍ତି ମାତ୍ର ମନ ବାସନାରେ ଭରି ରହିଥାଏ। ଯେ ପର୍ଯ୍ୟନ୍ତ ବ୍ରହ୍ମାନନ୍ଦର ସ୍ୱାଦ ଚାଖିବାକୁ ଇଚ୍ଛା ନ ହୋଇଛି ସେ ପର୍ଯ୍ୟନ୍ତ ବିଷୟାନନ୍ଦକୁ ଛାଡି ପାରିବା ନାହିଁ ଆଉ ବିଷୟାନନ୍ଦ ନ ଛାଡିବା ପର୍ଯ୍ୟନ୍ତ ବ୍ରହ୍ମାନନ୍ଦକୁ ପାଇବା ଅସମ୍ଭବ। ନୋ ମେ କ୍ୟାନ ସର୍ଭ ଟୁ ମାଷ୍ଟର୍ସ ଆଟ ଦ ସେମ ଟାଇମ।

କାମୁକତା, ଡ୍ରଗସ, ମଦ୍ୟପାନ, ଧୂମ୍ରପାତ, ଜୁଆ ଅଥବା ଲମ୍ପଟତା ଏ ସବୁରୁ ନିଜକୁ ଛଡାଇବା ପାଇଁ ସର୍ବପ୍ରଥମେ ଏଭଳି ବିଷୟସକ୍ତର ସଙ୍ଗତ ଛାଡିବାକୁ ହେବ। କାହିଁକି ନା ସଙ୍ଗର ରଙ୍ଗରେ କାମନାର ବିକାର ଉତ୍ପନ୍ନ ଓ ବୁଦ୍ଧିନଷ୍ଟ। ସେଥିପାଇଁ ଶଙ୍କରାଚାର୍ଯ୍ୟ ନିଜ ଉପଦେଶରେ କହିଛନ୍ତି, 'ମଙ୍ଗଃ ସତ୍ ସୁବିଧିୟତା' ଭଗବତୋ ଭକ୍ତି ଦୃଢ଼ା ଧିୟତାମଃ"। ସତ୍ୟ, ଇଶ୍ୱର ତଥା ସନ୍ଥ ଲୋକଙ୍କର ସଙ୍ଗତ ଜୀବନରେ ଆବଶ୍ୟକ। ସର୍ବଦା ଗୋଟିଏ ମାର୍ଗ ଯଥା ଈଶ୍ୱରୀୟ ମାର୍ଗର ଅନୁସରଣ କରିବା ନଚେତ ଧୈର୍ଯ୍ୟର ଅଭାବରୁ ମାର୍ଗ ବଦଳାଇବା ଦ୍ୱାରା ସେଥିରେ ବିଭିନ୍ନ ପ୍ରକାର ବିଚାର ରୂପକ ଘାସ ଉଠି ଜଣା ପଡେନା ଏହା କେଉଁ ମାର୍ଗ ଥିଲା। ଯେଉଁଠାରେ ସତ୍ୟ ସେଠାରେ ସୁଖ, ଶାନ୍ତି, ସମୃଦ୍ଧି ରହିଥାଏ। ଅନୀତି, ଅସତ୍ୟ ସଦୈବ ଦୁଃଖଦାୟୀ। ହଁ ଯଦିଚ ଏହା କିଛି ସମୟ ଆନନ୍ଦର ଭ୍ରମ ସୃଷ୍ଟି କରେ ଏହାର ପରିଣାମ ଭୟାଭୟ ହୋଇଥାଏ। ଯେଉଁ ବ୍ୟକ୍ତି ବାସ୍ତବିକ ଆତ୍ମଜ୍ଞାନ ସମ୍ପନ୍ନ ଆନନ୍ଦମୟ ଜୀବନ ବିତାଇବା ପାଇଁ ଚାହାନ୍ତି ତାଙ୍କୁ ଦମ ସମ୍ପଦାର ପଥରେ ଚାଲିବାକୁ ପଡିବ।

(କ୍ରମଶଃ)

# ଅଙ୍କୁରୋଦ୍‌ଗମ

ବିନୟ ଭୂଷଣ ପାଣିଗ୍ରାହୀ





ହେତୁ ହେବାର ଅନେକ ଆଗରୁ ବାପା ଚାଲିଯାଇଥିଲେ। ଦୁଇବର୍ଷ ତଳେ ମା' ଗଲାପରେ ଗାଁ'ରେ ତା'ର ନିଜର ବୋଲି କହିଲେ କେବଳ ସେ ପାଳିଥିବା ଛଡାଟିଏ ଯାହାକୁ ସେ ସ୍ନେହରେ କଇଁ ବୋଲି ଡାକେ। ବର୍ଷେ ଦୁଇବର୍ଷ ପରେ ଗାଈ ପଣିଆ ହେଇ ଯାଇଥା'ନ୍ତା। ହେଲେ, ତାକୁ ଭରସା କରି ଆସନ୍ତାକାଲିର ସ୍ୱପ୍ନ ଦେଖିବା ଯଦିଓ ସମ୍ଭବ ପେଟ ଆଉ ପଠିର ଆଜିର ଆବଶ୍ୟକତାକୁ ବହଲେଇ ଦେବା ଆଦୌ ସେତିକି ସହଜ ନୁହେଁ। ଗୁଣ୍ଠେ କି ବିଶ୍ୱେ ଚାଷଜମି ଥିଲେ, କିଛି ନହେଲେ ନିଜର ଭିଟାମାଟି ଖଣ୍ଡେ ଥିଲେ ହୁଏତ ଗାଁଆର ମୋହ ଛାଡିବା କଷ୍ଟକର ହେଇଥାନ୍ତା ତା' ପାଇଁ। ସେଥିପାଇଁ, ସହରକୁ ଯିବା ପାଇଁ ବଟଭାଇର ପ୍ରସ୍ତାବରେ ଅଗତ୍ୟା ରାଜି ହେଇଗଲା କାମିନୀ।

କଟକରେ ପହଞ୍ଚିବା ପରେ କେନାଲବନ୍ଧ ରାସ୍ତାରେ ଅଟୋରିକ୍ସାରେ ବସି ବଟାଭାଇ ଘରକୁ ଗଲାବେଳେ ବଟଭାଇ କହିଲେ, 'କାମିନୀ, ଭାଗ୍ୟରେ ଥିଲେ ଏମିତି ଲୋକ ମିଳନ୍ତି। ମଉସାମାଉସୀଙ୍କୁ ଛାଡିଦେଲେ ଘରେ ଆଉ କେହି ନାହାଁନ୍ତି ତାଙ୍କର। ଅଚଳାଚଳ ସମ୍ପତ୍ତି। ରାଜ ଉଆସ ଭଳିଆ ଘର। କାମ ସେମିତି ବେଶିକିଛି ନାହିଁ। ଖାଲି ରୋଷେଇବାସ ଟିକେ କରିଦେବୁ, ବୁଢ଼ାବୁଢ଼ୀଙ୍କର ଦେଖାଶୁଣା ଟିକେ କରିବୁ। ତାଙ୍କର ବିଶ୍ୱାସୀ ପିଲାଟିଏ ଦରକାର ଯିଏ ଘରଲୋକ ଭଳି ତାଙ୍କ ସାଙ୍ଗରେ ଚଳି ପାରିବ। ଖାଇବା-ପିଇବା, ପିନ୍ଧିବା-ନାଇବା କୋଉଥିରେ ଅଭାବ ରହିବନି। ମଉସା ଜମିଦାରିଆ ଘରର ଲୋକ, ଭାରି ଦିଲଖୁଲା ଆଉ ନିଷ୍କପଟ ସ୍ୱଭାବର। ଆଉ ମାଉସୀ, ଯେମିତି ସରଳ ସେମିତି ସ୍ନେହୀ, ପୁରା ମା ପରିକା। ଏ ଦୁନିଆ ବି କେମିତି ବିଚିତ୍ର ସତରେ, ସେଇ ମଉସା ମାଉସୀଙ୍କ ଭାଗ୍ୟ ଦେଖୁନୁ, ବାହାରୁ ଦେଖିଲେ ଯେ'କେହି ବି ହେଉ ଭାବିବ ସାରା କଟକ ସହରରେ ତାଙ୍କଠାରୁ ସୁଖୀ ଦମ୍ପତି ଆଉ କେହି ନାହିଁ। ହେଲେ, ଭଗବାନ କାହାରିକୁ ନିରୋଳା ସୁଖ ଦଅନତି ନାହିଁ ଲୋ। ଏତେ ସବୁ ସୁଖ ଭିତରେ ତାଙ୍କର ଗୋଟିଏ ବୋଲି ଦୁଃଖ; ଈଶ୍ୱର ତାଙ୍କୁ ପିଲାଟିଏ ଦେଇନାହାଁନ୍ତି। ଦେଉଦେଉ ଫେରାଇ ନେଇଛନ୍ତି କହିଲେ ଚଳେ। କଥାରେ ଅଛି, କାନ ଥିଲେ ସୁନା ନାହିଁ, ସୁନା ଥିଲେ କାନ ନାହିଁ। ସେ ଯାହାହେଉ ନା କାହିଁକି, ତୁ ସେ ଘରର କାମବାଲୀ ନୁହେଁ ଲୋ କାମିନୀ, ମାଲିକାଣୀ ରହିବୁ-ରାଜ କରିବୁ।

ପରଦିନ ସକାଳୁ ସକାଳୁ, ମାନୀ ଭାଉଜ ସାଙ୍ଗରେ ଯାଇ ମହାନଦୀରୁ ଗାଧୋଇ ସାରି ଘରକୁ ଆସି ସଜବାଜ ହେଇ ସାରି ଚା' ସାଥିରେ ଚକୁଳି ପିଠା ଖାଇଲା ବେଳେ ମାନୀ ଭାଉଜ କହିଲେ, ବୁଝିଲ କାମିନୀ, ଏ କଟକ ସହର ଭିତରେ ଦେବ ମଉସାଙ୍କ ପରିକା ଲୋକ ଏଯାଏ ଜଣକୁ ବି ଦେଖିନାହିଁ। ଯେମିତି ସ୍ନେହିକୁ ସେମିତି ଖୋଲା ହୃଦୟର ଲୋକ ଖଣ୍ଡେ। ବୁଢ଼ାବୁଢ଼ୀଙ୍କର ବୟସ ସେମିତି ବହୁତ ବେଶି ନୁହେଁ। ମଉସାଙ୍କୁ ପଞ୍ଚାବନ କି ଛପନ ଖଣ୍ଡେ ହେବ। ଆଉ ମାଉସୀଙ୍କୁ ଅତିବେଶିରେ ପଚାଶ। ଦେଖିଲେ ଆହୁରି କମ ଲାଗନ୍ତି ଦୁହେଁଯାକ। ମାଉସା ନିଜେ ଗାଡି ଚଳେଇ ବଜାର କରିବାକୁ ଯା'ନ୍ତି। ମାଉସୀଙ୍କୁ କେବେ କେବେ ସାଥିରେ ନେଇ ଫିଲ୍ମ ଦେଖିବାକୁ ବି ଯାଆନ୍ତି, ପୂଜାର୍ଚ୍ଚନା କରିବା ପାଇଁ ମନ୍ଦିର ଯାଆନ୍ତି। ସହର ଭିତରେ ଆଉ ବାହାରେ କେତେଟା ଅନାଥାଶ୍ରମର ଅନାଥ ପିଲାମାନଙ୍କର ଖାଇବା, ପିଇବା ଓ ପାଠପଢ଼ା ଖର୍ଚ୍ଚ ପୁରାକୁ ପୁରା ବୁଝନ୍ତି। ତମ ବିଷୟରେ ଇଏ ଯୋଉଦିନ ତାଙ୍କ ସହ କଥା ହେଲେ, ବୁଢ଼ାବୁଢ଼ୀ ଦୁଇଜଣ ଯାକ ଭାରି ଖୁସି ହୋଇଗଲେ। ମାଉସୀ କହିଲେ, କାମବାଲୀ ଖୋଜୁଖୋଜୁ ଝିଅଟିଏ ପାଇଯିବି ବୋଲି କଳ୍ପନା କରି ନଥିଲି ବଟ। ପୋଡା କପାଳରେ କେବେ ସୁଖ ଲେଖାଥାଏ ବୋଲି ବିଶ୍ୱାସ କରିବାକୁ ମନ ମାନୋହିଁ। ଯାହାହେଉ, ସବୁ ସେଇ ବିଧାତାର ଖେଳ। କାହାକୁ କେତେବେଳେ କ'ର ଦିଅନ୍ତି ସେକଥା କେବଳ ସେଇ ହିଁ ଜାଣନ୍ତି। ମୁଁ ହଲପ କରି କହିବି, ସେ ଘର ତମକୁ କେବେବେଳେ ହେଲେ ପରଘର ପରି ଲାଗିବ ନାହିଁ।

ଯା'ଭିତରେ ଦେବ ବାବୁଙ୍କ ଘରେ ଦୁଇବର୍ଷ ବିତାଇଛି ଦୁଇଦିନ ପରି। ଅଭାବ କଷ୍ଟର ନାଲି ଆଖିକୁ ଡରକୁଳା ଆଖିରେ ଚାହିଁଚାହିଁ ଛୋଟରୁ ବଡହେଇ ଯୌବନରେ ପଦାର୍ପଣ କରିଥିବା କାମିନୀ ଏ ଘରକୁ ଆସିବା ପରେ ଅଭାବକୁ ଆଡ ଆଖିରେ ଚାହିଁବାର ଅବକାଶ ପାଇନାହିଁ। ଘରର ସବୁ ଚାବି ତା'ରି ହାତରେ। ତାକୁ ଲାଗିଛି ଯେମିତି ସେ ଏହି ଘରର ପ୍ରକୃତ ମାଲିକାଣୀ। ଗାଁକୁ ପଛ କଲାବେଳେ ଯେତେବେଶୀ ଦେହକୁ ଲାଗି ନଥିଲା ଏବେ ଏ ଘରକୁ କେବେ ଛାଡିବାର କଳ୍ପନା ତା'ଠୁଁ ଅଧିକ ଲାଗେ ତାକୁ, ସିଧା ଛାତି ଭିତରେ।

ଦେବବାବୁ ଓ ରାଜଶ୍ରୀ ଦେବୀ ଦୁହେଁ କେତେଥର କାମିନୀର ବାହାଘର ବିଷୟରେ କଥା ହେଉଥିବାର କାମିନୀ ନିଜ କାନରେ ଶୁଣିସାରିଛି। ଗଲାମାସ ଶେଷ ରବିବାର ଦିନ ବଟଭାଇ ଆଉ ମାନୀ ଭାଉଜ ବୁଲି ଆସିଥିଲେ। ଗପସପ ହେଇ ଭଲମନ୍ଦ ପଚାରୁ ପଚାରୁ ମାନୀ ଭାଉଜ କହିଲେ, ଜାଣିଛ କାମିନୀ, ତମ ପାଇଁ ଭଲ ପାତ୍ରଟିଏ ଦେଖିବା ପାଇଁ ମାଉସୀ ଯାଙ୍କୁ ସେଦିନ କହୁଥିଲେ। ତମେ ଚାଲିଗଲା ପରେ ଘର ଯେଉଁ ଭୂତକୋଠୀକୁ ସେଇ ଭୂତକୋଠୀ ହେଇ ରହିଯିବ କହି କେତେ ମନ ଖରାପ କରୁଥିଲେ। କାମିନୀ କିଛି କହିଲା ନାହିଁ, ଖାଲି ଯାହାଟିକେ ଲାଗଇ ଗଲା ସେକଥା ଶୁଣି।

କାମିନୀ ତୋଫା ଗୋର ନହେଲେ ବି ସୁନ୍ଦରୀ। ଯୌବନ ଛଳ ଛଳ ଶ୍ୟାମଳ ରଙ୍ଗର ରଙ୍ଗ ଅବୟବ ତା'ର ଯେକୌଣସି ପୁରୁଷ ମନରେ କାମକ୍ଷୁଧା ଜାଗ୍ରତ କରିଦେବା ପାଇଁ ପର୍ଯ୍ୟାପ୍ତ ଠୁଁ ଢ଼େର ଅଧିକ। ବିଶେଷ କରି ଯୌବନର ଗୋଟେ ନିଆରା ରଙ୍ଗ ଥାଏ ଯାହା ଦେହ ଓ ମନ ସବୁ କିଛିକୁ ରଙ୍ଗେଇ ଦିଏ ଏଇ ବୟସରେ। ମାନୀ ଭାଉଜଙ୍କ ମୁହଁରୁ ବାହାଘର କଥା ଶୁଣିସାରିବା ପରେ କାହିଁକି କେଜାଣି କାମିନୀର ମାନସପଟରେ ଅଜଣା-ଅଚିହ୍ନା କେତେକେତେ ସୁଠାମ ସୁନ୍ଦର ଓ ବଳିଷ୍ଠ ପୁରୁଷଙ୍କ ଚିତ୍ର ମୁହୂର୍ମୁହୂ ଭାସି ଉଠି ସ୍ୱତଃ ଲିଭି ଯାଉଥିଲେ। ନିଜକୁ ନିଜ ଆୟତ୍ତରେ ରଖି ପାରିବା ସବୁବେଳେ ସମାନ ଭାବେ ସହଜ ନୁହେଁ, ବିଶେଷକରି ସେଇ ସମୟେରେ ସେତେବେଳେ ମନ ଅନ୍ୟ କାହାର ହେବାକୁ ଏକାନ୍ତ ଭାବରେ ଚାହିଁବାକୁ ଆରମ୍ଭ କରିଦିଏ।

ରାଜଶ୍ରୀ ଦେବୀଙ୍କ ପୁତୁରାର ବାହାଘର ମାଘ ତେଇଶିରେ। ତାଙ୍କ ଭାଇ ଆସି ଗତକାଲି ଉପର ଓଳି ତାଙ୍କ ଗାଆଁକୁ ନେଇଗଲା ବେଳେ କହିଲେ, ବୁଝିଲ ଭାଇ, ବାହାଘର ପରଠାରୁ ଏତେବର୍ଷ ଭିତରେ ନାନୀ ଦିନକ ପାଇଁ ବି ଗାଁକୁ ଯାଇନାହିଁ, ସବୁବେଳେ ତମରି ସେବାରେ ଲାଗିଛି। ଏଥର ପକ୍ଷେ-ଦି'ପକ୍ଷ ରହିକରି ଆସିବ।

ଦେବବାବୁ ମଜା କରି କହିଲେ, ଆରେ ସିଏ ତ କେବଳ ତମର ନାନୀ ନୁହେଁ, ମୋ'ର ଜୀବନ। ତଥାପି, ବାପଘରର ଝିଅକୁ ବାପଘରକୁ ଯିବାକୁ ନଦେଇ ହାଣ କୁରାଢ଼ୀ ବେକରେ ବସେଇବି କି ଆଉ? ଯାଉ, ଯେତେଦିନ ଯାକେ ମନ ନ ଭରିଛି ସେ ପର୍ଯ୍ୟନ୍ତ ଗାଁରେ ବୁଲାବୁଲି କରି ସାରି ଆସିବ। କାମିନୀ ତ ଅଛି, ବ୍ୟସ୍ତ ହବାର କିଛି ନାହିଁ। ଗଲାବେଳେ ରାଜଶ୍ରୀ ଦେବୀ କାମିନୀକୁ କହିଲେ, କେତେବର୍ଷ ହେଲା ଗାଁଆର ମାଟି ମାଡି ନଥିଲା ପାଦ। ତୁ ଅଛୁ ବୋଲି ଟିକେ ନିଦକରେ ଯାଉଛି କାମିନୀ। ମଉସାଙ୍କ ଦେଖାଶୁଣା କରୁଥିବୁ, ମୁଁ ଅଷ୍ଟ ମଙ୍ଗଳା ପରଦିନ ସକାଳୁ ସକାଳୁ ବାହାରି ଆସିବି।

ସେଦିନ ସଂଧ୍ୟାରେ ଦେବବାବୁ ବୈଠକ ଘରର ଆରାମ ଚେୟାରରେ ବସିଥିଲା ବେଳେ କାମିନୀ ତାଙ୍କ ପାଇଁ ଚା' ନେଇ ପହଞ୍ଚିଲା। ଦେବବାବୁ କାହିଁକି କେଜାରି ଅତି ମାତ୍ରାରେ ଉଦାସ ଜଣାପଡୁଥିଲେ। ବହୁତ ଅନ୍ୟମନସ୍କ ଥିଲେ ମଧ୍ୟ।

ବାବୁ ଚା'।- କହିସାରି ଟେବୁଲ ଉପରେ ଚା' କପ ଥୋଇ ଫେରିଲା ବେଳକୁ ଦେବବାବୁ ପଚାରିଲେ, ବ୍ୟସ୍ତ ଅଛୁ କି କାମିନୀ?

ନାଇଁ ବାବୁ, ରୋଟି କରିବା ପାଇଁ ଅଟା ଚକଟିବି, ଆଉ କିଛି କାମ ଏବେ ନାହିଁ।

ଦେବବାବୁ ଚା'କପ ଆଣିବା ପାଇଁ ଟେବୁଲ ପାଖକୁ ଯାଉ ଯାଉ କହିଲେ, ଭାରି ଏକୁଟିଆ ଏକୁଟିଆ ଲାଗୁଥିଲା ତ ଭାବିଲି ତୋ' ସାଙ୍ଗରେ ଦି'ପଦ କଥା ହେଇଗଲେ ମନଟା ଟିକେ ହାଲକା ଲାଗିବ କାଳେ।

କାମିନୀ ଜାଣେ ଦେବବାବୁ ତାକୁ କେତେବେଶି ସ୍ନେହ କରନ୍ତି, ନିଜର ମଣନ୍ତି। ତେଣୁ, ତାଙ୍କ ସାଙ୍ଗରେ କଥା ହେଲା ବେଳେ ସେ ଟିକେ ବୋଲି ସଙ୍କୋଚ କରେନାହିଁ।

ନାହିଁମ ବାବୁ, ବାବୁଆଣି ନାହାଁନ୍ତି ତ ସେଇଥିପାଇଁ ସେମିତି ଲାଗୁଛି, ମୋତେ ପରା ଘରଟା ଖାଲିଖାଲି ଲାଗୁଛି ତାଙ୍କ ଯିବା ପରଠୁଁ। କାମିନୀ କହିଲା।

ଦେବବାବୁ କାମିନୀ ମୁହଁକୁ ଚାହିଁଲେ, ଆଖିରେ ଆଖି ରଖି କହିଲେ, ଏ ଯେଉଁ ଏକଲାପଣ କେବଳ ରାଜଶ୍ରୀ ଯିବା ପରର ଶୂନ୍ୟତାର ଅନୁଭବ ନୁହେଁ କାମିନୀ, ବର୍ଷବର୍ଷର ପୁରୁଣା। ଏକଲାପଣ କେବଳ ମୋର ନୁହେଁ, ରାଜଶ୍ରୀର ମଧ୍ୟ, ଏଇ ଆମ ଦୁହିଁଙ୍କର ବନ୍ଧାଛନ୍ଦା ଏକେଲାପଣ।

ମୁହଁ ପାଖକୁ ନେଇଥିବା ଚା' କପକୁ ଓଠ ଛୁଇଁବା ପୂର୍ବରୁ ଦୂରେଇ ଆଣି ଟେବୁଲ ଉପରେ ରଖିଦେଇ ସେ କିଛି ଦୁଃଖକୁ ଢୋକି ଦେବାର ପ୍ରୟାସ କରୁଥିଲେ ସମ୍ଭବତଃ ସେତେବେଳେକୁ ତାଙ୍କର ଆଖି କାମିନୀ ଆଖିରୁ ଖସିଯାଇ ଝରକା ସେ ପାଖର ଅନ୍ଧାର ଭିତରେ ନିଜକୁ ଲୁଚେଇବା ପ୍ରଚେଷ୍ଟାରେ ଥିଲା। ବାବୁଙ୍କୁ ଟିକେ ସହଜ କରେଇବା ପାଇଁ କାମିନୀ କହିଲା, ହଁ ବାବୁ, କଣ ଗୋଟେ କହିବେ ବୋଲି କହୁଥିଲେ ପରା।

ସାମାନ୍ୟ ପ୍ରକୃତିସ୍ଥ ହେଇ ବିନା ଉପକ୍ରମରେ ଦେବବାବୁ କହିଲେ, ତେବେ ଶୁଣ।

ମାଡ୍ରାସରେ ଫାୟାର ଇଞ୍ଜିନିୟର ଚାକିର କରିବା ପରେ ପ୍ରତିବର୍ଷ ଦଶହରାର ୧୦/୧୫ଦିନ ପୂର୍ବରୁ ଘରକୁ ଆସି ଭଷାଣି ପରେ ଫେରିଯାଏ। ସେ ବର୍ଷ ମା'ଦେହ ଭଲ ନଥିଲା ବୋଲି ଦୁଇମାସ ଛୁଟି ନେଇ ଘରକୁ ଆସିଥାଏ। ଘରକୁ ଆସିବାର ୪/୫ଦିନ ପରେ ଦିନେ ବାଦାମବାଡି ବସ୍‌ଷ୍ଟାଣ୍ଡ ଭିତରେ ଜଣେ କଲେଜ ଜୀବନର ସାଙ୍ଗ ସହ ଗପସପରେ ବ୍ୟସ୍ତ ଥିଲା ବେଳେ ମୋତେ ଲାଗିଲା ଯେମିତି ମୁଁ କାହାର ଦୁଇଆଖି ଭିତରେ ଆବଦ୍ଧ ହୋଇ ଧୀରେ ଧୀରେ ବସଷ୍ଟାଣ୍ଡ ବାହାରକୁ ଟାଣି ହେଇଯାଉଛି। ଅଚାନକ ସେମିତି ଏକ ଅନୁଭବର କୌଣସି ଅର୍ଥ ବୁଝି ନପାରି ଏକ ଅବ୍ୟକ୍ତ ବ୍ୟସ୍ତତାଭରା ଦୃଷ୍ଟିରେ ଇତସ୍ତତଃ ଚାହିଁଲି, ବସଷ୍ଟାଣ୍ଡ ଭିତରୁ ଧୀରେ ଧୀରେ ଗଡିଗଡି ବାହାର ଗେଟ ଆଡକୁ ଚାଲି ଯାଉଥିବା ଗୋଟେ ବସର ଝରକା ପାଖ ସିଟରେ ବସି ଅପଲକ ଦୃଷ୍ଟିରେ ମୋତେ ଚାହିଁଥିବା ସୁନ୍ଦର ମୁହଁଟିଏ ଉପରେ ଦୃଷ୍ଟି ସ୍ଥିର ହେଇଗଲା। ଲାଗିଲା ଯେମିତି ସେଇ ବସରେ ମୋର ଆସନ୍ତାକାଲିର ଜୀବନ ସବୁଦିନ ପାଇଁ ଦୂରେଇ ଯିବ ମୋ ଠାରୁ ଯଦି ମୁଁ ଆଉ କିଛି ମୁହୂର୍ତ୍ତ ସେଇଠି ସେମିତି ଠିଆ ହୋଇ ରହିଯିବି। ମନ୍ତ୍ରମୁଗ୍ଧ ହେଲା ଭଳି ବସ ପଛରେ ଦୌଡି ଦୌଡି ଯାଇ କୁଦା ମାରି ବସ ଉପରକୁ ଉଠିଯାଇ ଗେଟ ପାଖରେ ଠିଆ ହେଇଗଲି। କିଛି ବୁଝି ପାରୁନଥିଲି, କିଛି ଭାବି ପାରୁନଥିଲି। କଣ୍ଡକ୍ଟର ପିଠିରେ ହାତ ମାରି ପଚାରିଲା, କୋଉଁଠିକୁ ଯିବେ?

ଏ ବସ କୋଉଯାକେ ଯିବ? କଣ୍ଡକ୍ଟର ମୁହଁକୁ ନଚାହିଁ କେମିତି ଗୋଟେ ପଚାରିଦେଲି ଏମିତି।

ଅନୁଗୁଳ, ଆପଣ କୋଉଠି ଓହ୍ଲେଇବେ?

ଅନୁଗୁଳରେ।

ସାମ୍ନା ସିଟରେ ଯାଇ ବସନ୍ତୁ, ସେଇ ଝିଅ ଯେଉଁ ଦି'ଜଣିଆ ସିଟରେ ବସିଛି।

ସିଟ୍ ପାଖରେ ଯାଇ ଠିଆହେଲି, ସତେ ଯେମିତି ବସିବା ପାଇଁ ସେ ଝିଅର ଅନୁମତି ଲୋଡୁଥିଲି। ତା'ମୁହଁରେ ଅଳ୍ପ ଟିକେ ଲାଜୁଆ ହସ ସେଥିପାଇଁ ଯଥେଷ୍ଟ ଥିଲା, ମିଳିଗଲା ଅନୁମତି। କିଛି କ୍ଷଣର ନିରବତା ଭଙ୍ଗକରି ମୁଁ ହିଁ ତୁଣ୍ଡ ଖୋଲିଲି ପ୍ରଥମେ।

ନା' କଣ?

ରାଜଶ୍ରୀ ଶତପଥୀ।

କଟକରେ କ'ଣ କର?

ରେଭେନେନ୍‌ସୋ କଲିଜିଏଟ ସ୍କୁଲରେ ଶିକ୍ଷୟିତ୍ରୀ ଅଛି। ଆପଣ?

ଏମିତି କଥାବାର୍ତ୍ତା ଆଗେଇ ଚାଲିଲା।

ବାସ, ଗାଡି ଆଗକୁ ଗଡିବା ସଙ୍ଗେସଙ୍ଗେ ସେଇ ମୁହୂର୍ତ୍ତରେ ଗଢ଼ି ଉଠିଥିବା ପ୍ରେମ ବଢ଼ିବଢ଼ି ପ୍ରାପ୍ତ ବୟସ୍କ ହେଇଗଲା ଅନୁଗୁଳରେ ବସ ପହଞ୍ଚିବାର ବହୁତ ପୂର୍ବରୁ।

ତା'ପରଠୁଁ ତା'ସହ ଦେଖା ହେବା ଏକ ଦୈନନ୍ଦିନ କାର୍ଯ୍ୟ ପାଲଟି ଯିବା ସହ ଏକ ଅପରିହାର୍ଯ୍ୟ ଅଭ୍ୟାସରେ ପରିଣତ ହେଇଗଲା। ପ୍ରକୃତରେ, ଜୀବନର ସେଇ ଦିନ ସବୁ ସ୍ୱପ୍ନ ଗୋଟେଇ ଗୋଟେଇ ଜୀବନକୁ ସଜାଇବାର ଦିନ ଥିଲା।


ବାପା କଟକ ସହରର ଜଣେ ଖ୍ୟାତନାମା ବ୍ୟବସାୟୀ ଥିଲେ। ନିଜ ଶ୍ରମ ଅର୍ଜିତ ଅର୍ଥରେ ଅପର୍ଯ୍ୟାପ୍ତ ସମ୍ପତ୍ତିର ଅଧିକାରୀ ହେଇଥିଲେ ମଧ ସ୍ୱଭାବରେ ଖୁବ ନିରହଙ୍କାର, ଅମାୟିକ, ମେଳାପି ଓ ଗହଳଚଳହ ପ୍ରିୟ ଥିଲେ। (କ୍ରମଶଃ)

# କବିତାରେ ଗପଟିଏ



ଲୋପାମୁଦ୍ରା ପରିଡା

ସୁନାରେଣୁ ପରି ବିକ୍ଷିପ୍ତ ବାଲୁକାରାଶି ଓ
ଅସୀମ ବେଳାଭୂମିରେ
ରଙ୍ଗୀନ୍ ପୀତଲୋହିତ ସୂରୁଜର ଅସ୍ତ ବେଳାରେ
ହାତରେ ହାତ ଛନ୍ଦି, ପାଦରେ ପାଦକୁ ମିଶାଇ,
ଶୂନ୍ୟତାକୁ ସମ୍ପୂର୍ଣ୍ଣ ନିଜର କରି
ଚାଲୁଥିଲେ ହଳେ ହଂସ ଓ ହଂସରାଳି।



ଦୂରରୁ ଲାଗୁଥିଲେ ଦୁହେଁ ଦୁହିଁଙ୍କର ପରିପୂରକ
ନାରଙ୍ଗୀ ଚଞ୍ଚୁ ହଳଟିରେ କି ଭାଷାରେ କେଜାଣି
ଚାଲିଥିଲା ଭାବର ଆଦାନ ପ୍ରଦାନ
ସଞ୍ଜ ସମୀର ବି ବସନ୍ତ ବସନ୍ତ ବାସୁଥିଲା
ସାଗର ବେଳାରେ ଶ୍ୱେତ ଶାମୁକା
ଲାଲ୍ ଲାଗୁଥିବା ଅସରନ୍ତି ଜଳରାଶିରେ
ପଡିଥିଲା ସେ ଦୁହିଁଙ୍କର ଓଲଟ ଛାଇ।


ନୂଆ ଏକ କୃଷ୍ଣପଦ୍ମର ଭ୍ରମ ସୃଷ୍ଟି କରୁଥିଲା
କିଛି କ୍ଷଣ ପରେ ଅଦୃଶ୍ୟ ସେହି ଯୋଡି
କେତେ ଯୁଗ ଯାଏ ଏବଂ ପିଣ୍ଡରୁ ଶୂନ୍ୟ ଯାଏ
ସତ୍ୟରୁ ସ୍ୱପ୍ନ ଯାଏ ଏବଂ ଅନନ୍ତ ସାଗରରୁ ଆକାଶ ଯାଏ
ତାଙ୍କ ପାଦଶବ୍ଦ ଶୁଭୁଥିଲା, ନିଶ୍ୱାସରେ ଉଷ୍ମତା ବି ଥିଲା
ବୋଧହୁଏ ସାଗର ତାଙ୍କୁ ଏକ ଅବ୍ୟକ୍ତ ପରିଧି ଭିତରେ
କେଜାଣି କେବେଠାରୁ ନିଜର କରି ସାରିଥିଲା।

*ଏ-୧୧୩, ଶୁଭୋଦୟ ଲକ୍‌ଜୁରୀ ଆପାର୍ଟମେଣ୍ଟ, ବେଙ୍ଗାଲୁରୁ-୮୭*

# ଶୀତ ଆସିଲେ



ସିଦ୍ଧେଶ୍ୱର ତ୍ରିପାଠୀ



ଶୀତ ଆସିଲେ
ଜୀବନ୍ତ ହୋଇଉଠନ୍ତି ତୁମ ସ୍ମୃତି
ତାଜା ହୋଇଯାଏ କାକର ଭିଜା ଗୋଲାପ
ଯୋଉଟା ତୁମେ ଦେଇଥିଲ ମୋତେ
ଅତି ସରାଗରେ ପହିଲି ଭେଟରେ।

ଶୀତ ଆସିଲେ ମନେପଡେ
ତୁମ ଇଅର କଡ ଦିଆ ଫୁସଫୁସ କଥା
ଆଉ ମୋ ବାହାନାରେ ମିଛ ଯନ୍ତ୍ରଟାକୁ
ତୁମ ସତସତିକା ଦେଉଥିବା ସହସ୍ର ଚୁମା।

ଶୀତ ଆସିଲେ ମନେ ପଡେ
ତୁମ ମିଠା ମିଠା ଗୀତ
ଯାହା ଚାଲୁଥିଲା ରାତିଅଧ ଯାଏ
ଶେଷ ହେଉଥିଲା ଫୋନର ଚାର୍ଜ ସାଥିରେ।

ଶୀତ ଆସିଲେ ମନେପଡେ
ତୁମ ପ୍ରତିଶ୍ରୁତି ତୁମ ରାଗ ରୁଷା
ଛନ୍ଦ ଯୁକ୍ତ ଗୀତ
ଆଉ ଛନ୍ଦ ମୁକ୍ତ ନିରିହ ମନଟା।

ଶୀତ ଆସିଲେ କୁହୁଳି ଉଠେ ମନ
କାହିଁକି ଜାଣିଛ
ସେ ଶୀତ ଫେରେ ଫିସନ
ଠିକ୍ ସମୟରେ
ହେଲେ ତୁମେ ଗଲାଦିନୁ ନୂଆ ଠିକଣା ବାଟରେ
ଫେରିବନି କେବେ ଏଇ ଜୀବନକୁ
ମୁଁ କିନ୍ତୁ ସେବେଠୁ ହଜି ଯାଇଛି
ସେଇ ଶୀତ ସାଥିରେ।


*ଖୋର୍ଦ୍ଧା*

# ଅଭିନୟ

ଶୁଭସ୍ମିତା ଷଡଙ୍ଗୀ



ଦେଖା ହେଲା କେବେ ତୁମ ସହ
କେଉଁ ତିଥି,ବାର,ନକ୍ଷତ୍ର,
ଏ ସରଳ ହୃଦୟରେ ସମ୍ପର୍କର ସମିଶ୍ରଣରେ
ତୁମ ପ୍ରତି ସଂପ୍ରସାରିତ ହେଲି ଧୀରେ ଧୀରେ ॥
ହୃଦୟରେ ତୁମ ପାଇଁ କ୍ଷୁଦ୍ର ସ୍ଥାନଟି
ବୃହତ୍ତ, ବୃହତ୍ତମ, ବୃହତ୍ତର ହେବାକୁ ଲାଗିଲା,
ଆଶା,ସ୍ୱପ୍ନ,ବିଶ୍ୱାସ,ନିଃଶ୍ୱାସ
ସବୁ କିଛି ତୁମ ସହ ଜଡିତ ହୋଇ ଚାଲିଲା ॥
ଭଲ ପାଇବାର ସେତୁ ବନ୍ଧନରେ
ନିଜକୁ ସମ୍ପୂର୍ଣ୍ଣ ସର୍ମପି ଦେଲି ତୁମ ଅଧିନରେ ।



ଦାୟିତ୍ୱ, କର୍ତ୍ତବ୍ୟ,ଅଧିକାର
ଯେତେବେଳେ ଆମ ସମ୍ପର୍କର ଦ୍ୱାରସ୍ଥ ହେଲା,
ସ୍ୱାର୍ଥ,ଛଳନା,ପ୍ରତାରଣାର ଗହଣା ପିନ୍ଧି ତୁମେ
ଘଟଣା କ୍ରମେ ଦୂରତାକୁ ଆପଣେଇ ନେଲ ॥
ସଂକଳ୍ପର ଚାବିକାଠିକୁ ମାଧ୍ୟମ କରି
ତୁମ ଚିନ୍ତା ଧାରାକୁ ପରିବର୍ତ୍ତନ ପାଇଁ ଚେଷ୍ଟିତ ହେଲି
ବାସ୍ ଦୀର୍ଘଦିନର ପ୍ରଚେଷ୍ଟାରେ
ସବୁ କିଛି ହରେଇ ଦେଲି
କିନ୍ତୁ ପରିଶେଷରେ ହାରିଗଲି ॥
ନିଃଶବ୍ଦ ଆଘାତର ପ୍ରହାର,ଏତେ ଶକ୍ତ ଥିଲା ଯେ
ନିଜକୁ ସାରା ଜୀବନ ଅର୍କମଣ୍ୟ ମନେକଲି,
ସମୟ ଚାଲିଚି,ଯୌବନ ସରୁଚି,ବାର୍ଦ୍ଧକ୍ୟ ଛୁଉଁଚି
କିନ୍ତୁ ଅତୀତକୁ ନା' ପାଶୋରୀ ହେଉଚି ॥
ନା' ବର୍ତ୍ତମାନକୁ ସଜାଡି ହେଉଚି
ଜୀବନର ଏଇ ରଙ୍ଗ ମଞ୍ଚରେ
କେତେ ଯେ ଅଭିନୟ ବାକି ଅଛି
ତାହା କେବଳ ଭାଗ୍ୟ ଜାଣିଛି ॥


*ସଲେଇ,କଟକ-୭୫୪୦୧୦*








ଶ୍ରୀମାନ ରିତେଶ
ଷ୍ଟାଣ୍ଡାର୍ଡ-୪
ସରସ୍ୱତୀ ଶିଶୁ ମନ୍ଦିର
ୟୁନିଟ୍-୮, ଭୁବନେଶ୍ୱର



ପ୍ରାର୍ଥନା ଦାଶ
ଷ୍ଟାଣ୍ଡାର୍ଡ-୬
ବିଜେଇଏମ୍ ସ୍କୁଲ



# ଖୋର୍ଦ୍ଧା-ବଲାଙ୍ଗୀର ରେଳ ପଥ ଶେଷ ହେବା ନେଇ ଅନିଶ୍ଚିତତା



**ସୋନପୁର :** ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ। ରେଳ ପଥ ଦେଖି ନଥିବା ସୋନପୁର, ବୌଦ୍ଧ ଜିଲା ପାଇଁ ବି ଏକ ଅପୂର୍ବ ସୁଯୋଗ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପଶ୍ଚିମ ଓଡ଼ିଶା ସହ ଉପକୂଳ ଓଡ଼ିଶା ସହ ଯୋଗାଯୋଗର ଦ୍ୱିତୀୟ ମାଧ୍ୟମ ତିଆରି ହୋଇପାରିବ। ୨୦୨୧ ସୁଦ୍ଧା ଏହି ପ୍ରକଳ୍ପ ସରିବ ବୋଲି ଯେଉଁ ଆକଳନ କରାଯାଇଥିଲା ତାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଜଙ୍ଗଲ ଜମି ଅଧିଗ୍ରହଣ ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବକୁ ଦାୟୀ କରାଯାଉଛି। ତେବେ ବିଭିନ୍ନ ସ୍ତରରେ କାର୍ଯ୍ୟ ଆଗଉ ଥିବା ଆଲୋଚନା ହେଉଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ନହେଲେ ବି କାମ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି ବିଭାଗୀୟ ଅଧିକାରୀ। ୧୯୮୪ ମସିହାରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ ପାଇଁ ସର୍ଭେ ହୋଇଥିଲା। ଇତିମଧ୍ୟରେ ବିତି ଗଲାଣି ୩୫ ବର୍ଷ। କେତେବେଳେ ଅର୍ଥ ବାଧକ ତ କେତେବେଳେ ଜମି ଅଧିଗ୍ରହଣରେ ବିଳମ୍ବ। ଖୋର୍ଦ୍ଧା-ବଲାଙ୍ଗିର ମଧ୍ୟରେ ୨୮୯ କିଲୋମିଟରର କାମ ଥିବା ବେଳେ ଇତିମଧ୍ୟରେ ୯୩ କିଲୋମିଟରର କାମ ଶେଷ ହୋଇଛି। ଖୋର୍ଦ୍ଧା ପଟୁ ନୟାଗଡ ପର୍ଯ୍ୟନ୍ତ ୭୬ କିଲୋମିଟରର କାମ ହୋଇଛି। ସେହିପରି ବଲାଙ୍ଗିର ପଟୁ ବିଛୁ ଲି ସହ ମିଶାଇ ୧୯ କିଲୋମିଟରର କାମ କରାଯାଇଛି। ଖୋର୍ଦ୍ଧା ପଟୁ ରାଜସୁନାଖଳା, ବେଗୁନିଆ, ବୋଲଗଡ, ନୟାଗଡ ସାରି ୧୨ କିଲୋମିଟର ମହିପୁର ଯାଏ କାମ ଜାରି ରହିଛି। ଅନ୍ୟପଟେ ବଲାଙ୍ଗିର ପଟୁ ବିଛୁ ଲି ୧୬ କିଲୋମିଟର ସାରି ଆଉ ୩ କିଲୋମିଟରର କାମ ଶେଷ କରାଯାଇଛି। ପ୍ରାୟ ୨ଶହ କିଲୋମିଟରର କାମ ବାକି ରହିଛି। ବିଶେଷ କରି ଜଙ୍ଗଲ ଓ ପରିବେଶ ବିଭାଗ ତଥା ଶ୍ରମିକ ଜନିତ ଅଭାବ କାରଣରୁ ପ୍ରକଳ୍ପ କାମ ଆଗେଇ ପାରୁ ନାହିଁ ବୋଲି ଆଲୋଚନା ହେଉଛି। ପ୍ରମୁଖ ସମସ୍ୟା ରହିଛି ସୋନପୁର ଓ ବୌଦ୍ଧ ଜିଲାରେ। ଏହି ଜିଲାରେ ଜଙ୍ଗଲ ଜମି ଓ ସରକାରୀ ଜମି ଅଧିଗ୍ରହଣ ବିଭାଗ ପକ୍ଷରୁ କରାଯାଇଥିଲେ ମଧ୍ୟ ତାହା ହସ୍ତାନ୍ତର କରାଯାଇ ନାହିଁ। ଯେଉଁଭଳି ଭାବେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପକୁ ଦୃଷ୍ଟି ଦିଆଯିବା କଥା ତାହା କରାଯାଉ ନଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ୨୦୨୧ ମସିହା ସୁଦ୍ଧା ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ କାମ ଶେଷ ହେବ ବୋଲି ଅଟକଳ ରଖିଥିଲା ରେଳ ବିଭାଗ। ଏନେଇ ଘନ ଘନ ବୈଠକ ହେଉଛି। କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ସମାଲୋଚନା କରୁଥିବା ବେଳେ ରାଜ୍ୟ ସରକାର କେନ୍ଦ୍ରର ଆଭିମୁଖ୍ୟକୁ ସମାଲୋଚନା କରୁଛନ୍ତି। ସୋନପୁର ଜିଲାପାଳଙ୍କ କହିବା ଅନୁସାରେ ଅଧିକାଂଶ ଜମି ଅଧିଗ୍ରହଣ କରାଯାଇ ରେଳବାଇକୁ ହସ୍ତାନ୍ତର କରାଗଲାଣି। ଅଳ୍ପ କିଛି ଘରୋଇ ଜମି ରହିଛି, ଯାହାକୁ ଖୁବ ଶୀଘ୍ର ଦଖଲକୁ ନେଇ ରେଳବାଇକୁ ହସ୍ତାନ୍ତର କରାଯିବ। ଯଦି ଜିଲା ପ୍ରଶାସନ ରେଳବାଇକୁ ଜମି ଅଧିଗ୍ରହଣ କରି ଦେଉଥିବା କଥା କହୁଛି ତା'ହେଲେ ରେଳବାଇ ଏନେଇ ସ୍ୱୀକାର ନକରିବା ପଛରେ କାରଣ କ'ଣ? ଏନେଇ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପର କନଷ୍ଟ୍ରକସନ୍ ଡେପୁଟି ଇଞ୍ଜିନିୟର- ୨ ତତ୍ୱଦର୍ଶୀ ସାହୁ କହିଛନ୍ତି ଯେ, ନୟାଗଡ ପଟୁ ଟ୍ରେନ ଚାଲିଲାଣି। ବଲାଙ୍ଗିର-ବିଚ୍ଛୁପାଲି ମଧ୍ୟରେ ବି ଟ୍ରେନ ଚାଲିଲାଣି। ବର୍ତ୍ତମାନ ନୟାଗଡ ପଟୁ ମହିପୁରକୁ ୧୨ କିଲୋମିଟର କାମ ଜୋରସୋରରେ ଚାଲିଛି। ଆମେ ଯଥାସମ୍ଭବ କାମକୁ ତ୍ୱରାନ୍ୱିତ କରିବାକୁ ଲାଗିଛୁ ବୋଲି ଶ୍ରୀ ସାହୁ କହିଛନ୍ତି। ଅନ୍ୟପକ୍ଷରେ ପ୍ରକଳ୍ପ କାମ କେବେ ସରିବ କହିବା ମୁସ୍କିଲ ବୋଲ ବିଭାଗର ଅଧିକାରୀ ନିରାଶା ପ୍ରକାଶ କରୁଥିବା ଶୁଣିବାକୁ ମିଳୁଛି।

# 'ବିକାଶକୁ ବାଧାପ୍ରାପ୍ତ କରେ ଦୁର୍ନୀତି'




**ଭୁବନେଶ୍ୱର :** ସରକାରୀ କ୍ଷେତ୍ର ହେଉ କିମ୍ବା ଘରୋଇ କ୍ଷେତ୍ର ପ୍ରତ୍ୟେକ ପରିବେଶରେ ସ୍ୱଚ୍ଛତାର ଆବଶ୍ୟକତା ରହିଛି। ଯେଉଁ ଯେଉଁ ସଂସ୍ଥାନରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପିଚାଲେ ସେଠାରେ ସଂସ୍ଥାର କ୍ଷତି ହେବା ସହିତ ବ୍ୟକ୍ତି ବିଶେଷଙ୍କର ମଧ ପ୍ରଭୂତ କ୍ଷତି ହୋଇଥାଏ। ଏହାଦ୍ୱାରା ବିକାଶ ବାଧାପ୍ରାପ୍ତ ହୋଇଥାଏ ବୋଲି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ ସାପ୍ତାହିକ ଖବରକାଗଜ 'ଏକମାତ୍ର' ସମ୍ପାଦକ ତାରକ ମହାନ୍ତି। ଏଥିସହ ଶ୍ରୀ ମହାନ୍ତି କହିଲେ ଯେ, ସ୍ୱାଧୀନତାର ଦୀର୍ଘ ୭୩ବର୍ଷ ପରେ ଦେଶର ଯେଭଳି ବିକାଶ ହେବା କଥା ତାହା କେବଳ ଦୁର୍ନୀତି ଓ ଭ୍ରଷ୍ଟାଚାର ଯୋଗୁ ସମ୍ଭବ ହୋଇପାରିନାହିଁ। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରତ୍ୟେକ ନିଜ ନିଜ କ୍ଷେତ୍ରରେ ସାଧୁତା ଅବଲମ୍ବନ କରିବା ସହିତ ଅନ୍ୟକୁ ସଚେତନ କରାଇବାର ଆବଶ୍ୟକତା ରହିଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ୟୁନିଟ୍-୪ ଶାଖାର ଶାଖା ପରିଚାଳକ ସଂଗ୍ରାମ କେଶରୀ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ପୂର୍ବତନ ସିବିଆଇ ଅଫିସର ମୀନକେତନ ସୁବୁଦ୍ଧି ଯୋଗଦେଇ ଦୁର୍ନୀତି ରୋକିବା ଦିଗରେ ବ୍ୟବସ୍ଥା କିଭଳି କାର୍ଯ୍ୟ କରୁଛି ଓ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି କିଭଳି ଧରାପଡୁଛନ୍ତି ତା' ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧରେ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ଦେବଦତ୍ତ ନନ୍ଦ, ବରିଷ୍ଠ ବ୍ୟାଙ୍କ ଅଧିକାରୀ ଗଦାଧର ଖୁଣ୍ଟିଆ, ଅକ୍ଷୟ କୁମାର ସାହୁ ଓ ଖାରବେଳନଗର ଶାଖା ପରିଚାଳକ ଧର୍ମାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ବ୍ୟାଙ୍କ ସେବାରେ ଦୁର୍ନୀତି ଓ ଭ୍ରଷ୍ଟାଚାରର ସ୍ଥାନ ନାହିଁ କହିବା ସହିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କିଭଳି ଉନ୍ନତ ଗ୍ରାହକ ସେବା ଯୋଗାଇ ଚାଲିଛି ସେ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ବହୁ ଗ୍ରାହକ ଯୋଗ ଦେଇ ନିଜେ କିଭଳି ସେବା ପାଉଛନ୍ତି ଓ ବ୍ୟାଙ୍କ ଆହୁରି କିଭଳି ଅଧିକ ସ୍ୱଚ୍ଛତାର ସହିତ କାର୍ଯ୍ୟ କଲେ ବ୍ୟାଙ୍କର ଉନ୍ନତି ହେବା ସହିତ ଗ୍ରାହକମାନେ ଅଧିକରୁ ଅଧିକ ଓଜିବି ପ୍ରତି ଆକୃଷ୍ଟ ହେବେ ଓ ନିଜର ସଞ୍ଚିତ ଧନ ଗଚ୍ଛିତ ରଖିବା ପାଇଁ ଇଚ୍ଛା ପ୍ରକାଶ କରିବେ ତାହା କହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଯୋଧ୍ୟା ...

ନିର୍ମୋହି ଆଖଡା ନିଜକୁ ସେବାୟତ ପାଇଁ ଦାବି କରୁଥିଲା। ତେବେ ସୁପ୍ରିମ୍‌କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ, ନିର୍ମୋହି ଆଖଡା ସେବାୟତ ନୁହନ୍ତି। ତେଣୁ ବିବାଦୀୟ ଜମି ଉପରେ ନିର୍ମୋହି ଆଖଡାର ଅଧିକାର ନାହିଁ। ଏହି ଜମିର ମାଲିକାନା ସ୍ୱତ୍ତ୍ୱ ରାମ ମନ୍ଦିର ନିର୍ମାଣ ଟ୍ରଷ୍ଟ ହାତରେ ରହିବ। ୩ମାସ ମଧରେ ମନ୍ଦିର ନିର୍ମାଣ ପାଇଁ ଟ୍ରଷ୍ଟ ଗଠନ କରି ଯୋଜନା କାର୍ଯ୍ୟକାରୀ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୁସ୍‌ଲିମ୍ ପକ୍ଷଙ୍କୁ ଅଯୋଧ୍ୟାର ଏକ ପ୍ରମୁଖ ସ୍ଥାନରେ ୫ ଏକର ଜମି ଦେବା ସହ ମସ୍‌ଜିଦ୍ ନିର୍ମାଣରେ ସହଯୋଗ କରିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉ କି, ବହୁଚର୍ଚ୍ଚିତ ଏହି ମାମଲାର ରାୟ ପ୍ରକାଶ ପାଇବା ପୂର୍ବରୁ ଗତ ଶୁକ୍ରବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଉତ୍ତରପ୍ରଦେଶର ମୁଖ୍ୟ ଶାସନ ସଚିବ ରାଜେନ୍ଦ୍ର କୁମାର ଓ ଡିଜିପି ଓମ୍ ପ୍ରକାଶ ସିଂହଙ୍କୁ ଡକାଇ ଅଯୋଧ୍ୟାର ଆଇନଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରିଥିଲେ। ଅଯୋଧ୍ୟାର ବିବାଦୀୟ ସ୍ଥଳ ସମେତ ଅନ୍ୟାନ୍ୟ ଅଞ୍ଚଳର କଡ଼ା ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ ତଥ୍ୟ ହାସଲ କରିବା ପରେ ପ୍ରଧାନ ବିଚାରପତି ଗୋଗୋଇ ସନ୍ତୋଷ ପ୍ରକଟ କରିଥିଲେ। ଶୁକ୍ରବାର ଅପରାହ୍ଣରେ ପ୍ରଧାନ ବିଚାରପତିଙ୍କ ଚାମ୍ବରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆବଶ୍ୟକ ପଡ଼ିଲେ ସୁପ୍ରିମକୋର୍ଟ, କେନ୍ଦ୍ର ଅବା ଅନ୍ୟ କୌଣସି ରାଜ୍ୟଠାରୁ ଅତିରିକ୍ତ ସାହାଯ୍ୟ ନେବାକୁ ପ୍ରଧାନ ବିଚାରପତି ଗୋଗୋଇ ପରାମର୍ଶ ଦେଇଥିଲେ। ପ୍ରଧାନ ବିଚାରପତି ଗୋଗୋଇଙ୍କ ଅଧକ୍ଷତାରେ ପାଞ୍ଚଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଦୀର୍ଘ ୪୦ ଦିନ ଧରି ନିୟମିତ ଅଯୋଧ୍ୟା ମାମଲାର ଶୁଣାଣି କରିବା ପରେ ଅକ୍ଟୋବର ୧୬ରେ ରାୟ ସଂରକ୍ଷିତ ରଖିଥିଲେ। ଅଯୋଧ୍ୟାରେ ତିନିଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲ୍ଲା ମାଜିଷ୍ଟ୍ରେଟ୍ କୋର୍ଟ ଡିସେମ୍ବର ୧୦ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରିଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ ଭିଡିଓ କନ୍‌ଫରେନ୍ସ ଜରିଆରେ ସବୁ ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ବରିଷ୍ଠ ଅଧିକାରୀଙ୍କ ସହ ଆଇନଶୃଙ୍ଖଳା ସମ୍ପର୍କରେ ଆଲୋଚନା କରି ଶାନ୍ତି ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି। ଅଫିସରମାନେ ପାଖରେ ଟ୍ୟାବ୍ ରଖି ୨୪ ଘଣ୍ଟିଆ ମାଷ୍ଟର୍ କଣ୍ଟ୍ରୋଲ୍ ରୁମ୍ ଖୋଲି ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ପ୍ରତି ଜିଲ୍ଲାର ସଦର ମହକୁମାରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ସନ୍ଦିଗ୍ଧ ଲୋକଙ୍କ ଚଳପ୍ରଚଳ ପ୍ରତି ଗଭୀର ଦୃଷ୍ଟି ରଖାଯାଇଛି। ଲକ୍ଷ୍ନୌ ଓ ଅଯୋଧ୍ୟାର ସୁରକ୍ଷା ବ୍ୟବସ୍ଥା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ପାଇଁ ରାଜ୍ୟ ସରକାର ହେଲିକପ୍ଟର ମୁତୟନ କରିଛନ୍ତି। ଅଯୋଧ୍ୟାରେ ଯେପରି ସାମାନ୍ୟ ହିଂସା ନଘଟେ, ସେଥିପ୍ରତି ସଜାଗ ରହିବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାରକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ଟ୍ୱିଟ୍ କରିଥିଲେ। ସେ ଏଥିରେ ଶାନ୍ତି ବଜାୟ ରଖିବାକୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି, ମୁଁ ମୋ ଦେଶବାସୀଙ୍କୁ ଆହ୍ୱାନ କରୁଛି, ଅଯୋଧ୍ୟା ରାୟ ପରେ ଶାନ୍ତି ଏବଂ ଭାଇଚାରାର ପରମ୍ପରାକୁ ଆମେ ଅକ୍ଷୁର୍ଣ୍ଣ ରଖିବା। ବିଭିନ୍ନ ବ୍ୟକ୍ତି ଏବଂ ସଂଗଠନ ଭାଇଚାରାର ବାତାବରଣ ବଜାୟ ରଖିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଅନ୍ୟପଟେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ କହିଛନ୍ତି ଯେ, ଗୁଜବକୁ ଗୁରୁତ୍ୱ ନଦେଇ ଭାଇଚାରାକୁ ଅକ୍ଷୁର୍ଣ୍ଣ ରଖିବା।

### ହାଇକୋର୍ଟର ...

ମାତାପିତା ଓ ହାଇକୋର୍ଟ ବାର୍ ଆସୋସିଏସନର ବରିଷ୍ଠ ଆଇନଜୀବୀ ଓ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ୨୦୧୯, ମେ' ୭ରେ ଆଇନଜୀବୀ ସଂଜୀବ କୁମାର ପାଣିଗ୍ରାହୀଙ୍କ ସମେତ ୮ଜଣ ଆଇନଜୀବୀଙ୍କ ନାମ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ସୁପ୍ରିମ୍‌କୋର୍ଟଙ୍କ ନିକଟକୁ ପଠାଇଥିଲେ। ସେହିଭଳି ବିଚାର ବିଭାଗୀୟ ଅଧିକାରୀ ବିଭୁ ପ୍ରସାଦ ରାଉତରାୟ, ସତ୍ୟନାରାୟର ମିଶ୍ର, ଗୌତମ ଶର୍ମା ଓ ବିରଞ୍ଚି ନାରାୟଣ ମହାନ୍ତିଙ୍କ ନାମ ହାଇକୋର୍ଟର ବିଚାପତି ପଦ ପାଇଁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଗତ ମେ' ୭ରେ ସୁପାରିସ କରିଥିଲେ। ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇ, ଜଷ୍ଟିସ ଏସ୍.ଏ. ବୋବ୍‌ଡେ ଓ ଜଷ୍ଟିସ୍ ଏନ୍.ଭି.ରମନ୍ନାଙ୍କୁ ନେଇ ଗଠିତ କଲେଜିୟମ ବିଚାରପତି ଭାବେ ବିଚାର ବିଭାଗୀୟ ଅଧିକାରୀ ଶ୍ରୀ ରାଉତରାୟ ଓ ଆଇନଜୀବୀ ଶ୍ରୀ ପାଣିଗ୍ରାହୀଙ୍କୁ ନିଯୁକ୍ତି ଦେବା ପାଇଁ ଗତ ଅକ୍ଟୋବର ୩ ତାରିଖରେ ସୁପାରିସ କରିଥିଲେ। ଶ୍ରୀ ରାଉତରାୟ ଡିସେମ୍ବର ୨୦୦୮ରେ ସମ୍ବଲପୁରର ଅତିରିକ୍ତ ଜିଲ୍ଲା ଜଜ୍ ଭାବେ ଯୋଗ ଦେଇଥିଲେ। ପରେ ସେ ୨୦୧୦ରେ ବ୍ରହ୍ମପୁର ୨ୟ ଏମ୍‌ଏସିଟିର ସଦସ୍ୟ ଭାବେ ଯୋଗ ଦେଇଥିଲେ। ଫେବୃଆରୀ ୨୦୧୧ରେ ସେ ଅତିରିକ୍ତ ଆଇନ ସଚିବ ଭାବେ କାର୍ଯ୍ୟ କରିଥିଲେ। ଏହାପରେ ୨୦୧୧ ଅକ୍ଟୋବରରେ ନବରଙ୍ଗପୁର ଜିଲ୍ଲା ଓ ଦୌରାଜଜ ଭାବେ ନିଯୁକ୍ତି ପାଇଥିଲେ। ଜୁନ୍ ୨୦୧୨ରୁ ଜୁନ୍ ୨୦୧୩ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲା ଓ ଦୌରାଜଜ୍ ଭାବେ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଜଜ୍ ଭାବେ ନିଯୁକ୍ତି ମିଳିଥିବା ବେଳେ ୨୦୧୫ ମେ' ମାସରୁ ୨୦୧୮ ଜୁନ୍ ପର୍ଯ୍ୟନ୍ତ ପ୍ରମୁଖ ଆଇନ ସଚିବ ଭାବେ କାର୍ଯ୍ୟ କରିଥିଲେ। ଜୁଲାଇ ୨୦୧୮ରେ ସେ ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍ ଭାବେ ଯୋଗ ଦେଇଥିଲେ।

### ଉଚ୍ଛେଦ ...

ଓମଫେଡ୍ ଷ୍ଟଲରେ ଓମଫେଡ୍ ଉତ୍ପାଦ ବଦଳରେ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ହେଉଥିଲା ବେଳେ ଓପଲଫେଡ୍ ଷ୍ଟଲରେ ନା ସରକାରୀ ଅଣ୍ଡା ଓ ଚିକେନ୍ ମିଳୁଛି। ସଂଖ୍ୟାଧିକ ଓପଲଫେଡ୍ କାଉଣ୍ଟର ଏବେ ଫାଷ୍ଟଫୁଡ୍ ଦୋକାନ ପାଲଟି ଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୂଳ ଲୋକ ଏଠାରେ ନିଜେ ବ୍ୟବସାୟ ନକରି ଅନ୍ୟକୁ ଭଡାରେ ଦେଇଛନ୍ତି। ଯେଉଁଥିପାଇଁ କ୍ଷୁଦ୍ର ବ୍ୟବସାୟୀଙ୍କ ନିମନ୍ତେ ସରକାର ଯେଉଁ ଥଇଥାନ ଯୋଜନା କରିଛନ୍ତି ତାହା ବିଫଳ ହେଉଛି। ଆଉ ଯେଉଁଠି ଉଚ୍ଛେଦ କାର୍ଯ୍ୟ ଚାଲିଛି ତାହା କେବଳ ଲୋକ ଦେଖାଣିଆ ବୋଲି ଜଣାପଡ଼ିଛି। କାରଣ ବାରମ୍ବାର ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲେ ବି ଉଚ୍ଛେଦକାରୀ ଟିମ୍ ଯିବା ପରେ ଜବରଦଖଲକାରୀ ମାନେ ପୁଣି ସେହି ଜାଗାରେ ସକ୍ରିୟ ହୋଇ ଉଠୁଛନ୍ତି ଏବଂ ସ୍ଥାୟୀ ବା ଅସ୍ଥାୟୀ ଗୃହ ନିର୍ମାଣ କରୁଛନ୍ତି। ଜବରଦଖଲକାରୀଙ୍କ ଯୋଗୁଁ ଆବାସିକ ଅଞ୍ଚଳ ବ୍ୟତୀତ ରାଜଧାନୀର ମୁଖ୍ୟ ରାସ୍ତାକଡ ସଙ୍କୁଚିତ ହୋଇପଡୁଛି। ଯେଉଁଥିପାଇଁ ନାନାଦି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହିତ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ମଧ ହେଉଛନ୍ତି। କେବଳ ଏତିକି ନୁହେଁ ଉଚ୍ଛେଦ ପାଇଁ ସରକାରଙ୍କର ଲକ୍ଷାଧିକ ଟଙ୍କା ବ୍ୟୟ ହେଉଥିଲେ ବି କଠୋର କାର୍ଯ୍ୟାନୁଷ୍ଠାନ ଅଭାବରୁ ଏଭଳି ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଆରମ୍ଭରୁ ପଦକ୍ଷେପ ନିଆଯାଉଥିଲେ ଏଭଳି ସମସ୍ୟା ଉପୁଜୁ ନଥାନ୍ତା ବୋଲି ବୁଦ୍ଧିଜୀବୀମାନେ କହିବା ସହିତ ଭବିଷ୍ୟତରେ ଏହା ସରକାରଙ୍କ ତଣ୍ଟିରେ କଣ୍ଟା ହେବ ବୋଲି ଆଲୋଚନା ଚାଲିଛି।

### ସବୁ ଜିଲ୍ଲାରେ ...

ପାଇଁ ଆଇନ ପରାମର୍ଶ ମଧ ଯୋଗାଇ ଦିଆଯାଇଥାଏ। ହିଂସାର ଶିକାର ହୋଇଥିବା ଯେକୌଣସି ୧୮ ବର୍ଷ ବୟସରୁ କମ ମହିଳା ଓ ବାଳିକା ଏହି ୱାନ୍ ଷ୍ଟପ୍ ସେଣ୍ଟର ଜରିଆରେ ଡାକ୍ତରୀ ସହାୟତା ପାଇବା ସହ ନିକଟସ୍ଥ ଥାନାରେ ଏଫ୍‌ଆଇଆର୍ ଦାଖଲ କରି ପାରିବେ । ସେହିଭଳି ଘରୋଇ ହିଂସା ଆଇନ-୨୦୦୫ ଅନୁଯାୟୀ ପାରିବାରିକ ହିଂସା ରିପୋର୍ଟ ଦାଖଲ କରିବା ଦିଗରେ ସୁରକ୍ଷା ଅଧିକାରୀଙ୍କ ସହାୟତା ନେଇପାରିବେ। ଏଠାରେ ମଧ ପିଡ଼ୀତାଙ୍କୁ ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଦିଆଯାଇଥାଏ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏବଂ ଆଶ୍ରୟ ଗୃହଗୁଡ଼ିକ ସହଯୋଗରେ ଆଇନଗତ ସହାୟତା ପ୍ରଦାନ କରାଯାଇଥାଏ । ଉଚ୍ଚଶିକ୍ଷିତ ଏବଂ ଦକ୍ଷ କେନ୍ଦ୍ର ପରିଚାଳକ ତଥା କାଉନ୍‌ସେଲରମାନଙ୍କ ଦ୍ୱାରା ପରିଚାଳିତ ଏହି କେନ୍ଦ୍ରଗୁଡ଼ିକ ୨୪ ଘଣ୍ଟା କାର୍ଯ୍ୟ କରିଥାଏ। ଡାକ୍ତର, ଓକିଲ ଏବଂ ପୋଲିସ ଅଧିକାରୀମାନେ ମଧ ଆବଶ୍ୟକ ସ୍ଥଳେ ତୁରନ୍ତ ସେବା ପ୍ରଦାନ କରିଥାନ୍ତି। ଏହି କେନ୍ଦ୍ରଗୁଡ଼ିକ ଜିଲ୍ଲା ଚିକିତ୍ସାଳୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଆଶ୍ରୟଗୃହ, ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟକରିଥାଏ। ବିଭାଗୀୟ ଅଧିକାରୀମାନେ ନିୟମିତ ଭାବେ ଏହି ସେଣ୍ଟର ପରିଦର୍ଶନ କରିବା ସହ ଏହାର ପରିଚାଳନାକୁ ନିରୀକ୍ଷଣ ଏବଂ ଅନୁଧ୍ୟାନ କରିଥାନ୍ତି। ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ତରଫରୁ ଏହି ସେଣ୍ଟରଗୁଡ଼ିକୁ ଅଧିକ ସଶକ୍ତ କରିବା ଏବଂ ସୁପରିଚାଳନାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଜିଲ୍ଲା ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିୟମିତ ଭାବେ ପ୍ରଶିକ୍ଷଣ ଦିଆଯାଉଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ନିୟମିତ ଭାବେ ଏହି ୱାନ୍ ଷ୍ଟପ୍ ସେଣ୍ଟରଗୁଡ଼ିକର ପରିଚାଳନାକୁ ସମୀକ୍ଷା କରିବା ସହ ହିଂସାର ଶିକାର ହୋଇଥିବା ମହିଳାମାନଙ୍କ କ୍ଷେତ୍ରରେ ସମନ୍ୱିତ ପ୍ରକ୍ରିୟାରେ ନିଜ ନିଜ ଜିଲ୍ଲାରେ ଆବଶ୍ୟକୀୟ ସହାୟତା ପାଇବା ପାଇଁ ୱାନ୍ ଷ୍ଟପ୍ ସେଣ୍ଟର ଏକ ନିର୍ଭରଯୋଗ୍ୟ ମାଧ୍ୟମ ବୋଲି ମତ ପ୍ରକାଶ କରିଛନ୍ତି।

### ଅତିରିକ୍ତ ...

କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ। ଏଫଆରବିଏମ୍ ଆକ୍ଟ ଅନୁସାରେ ବଜେଟରେ ବିତ୍ତୀୟ ନିଅଣ୍ଟ ପରିମାଣ ୩.୫%କୁ ଛୁଇଁଥିବାରୁ ସରକାର ଅତିରିକ୍ତ ବଜେଟ୍ ପ୍ରସ୍ତୁତିରେ ସତର୍କତା ଅବଲମ୍ବନ କରି ଖର୍ଚ୍ଚ ହୋଇପାରୁ ନଥିବା ଯୋଜନାରୁ ଅର୍ଥକୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ତା'ଛଡା ଆର୍ଥିକ ମାନ୍ଦାବସ୍ଥା ଯୋଗୁ ବଜେଟରେ ଆକଳନ କରାଯାଇଥିବା ଜିଏସ୍‌ଟି ପରିମାଣ ତୁଳନାରେ କମ ଅର୍ଥ କେନ୍ଦ୍ର ସରକାରଙ୍କ ଠାରୁ ମିଳିବାର ଥିବାରୁ ଏହାକୁ ମଧ ଅତିରିକ୍ତ ବଜେଟ୍ ପ୍ରସ୍ତୁତିବେଳେ ଦୃଷ୍ଟିରେ ରଖାଯାଇଥିବା ସୂଚନା ମିଳିଛି।

### ଏସ୍‌ସିବିକୁ ...

ଏହି ସୁଯୋଗ ଏପରି ହେବା ଉଚିତ ଯେପରି ଓଡ଼ିଶା ବାହାରେ ରହୁଥିବା ଚିକିତ୍ସକମାନେ ମଧ ଏଠାକୁ ଆସି ଲୋକଙ୍କ ସେବା କରିବାକୁ ପସନ୍ଦ କରିବେ। ଏଥିପାଇଁ ଆମେ ଏକ ଅତ୍ୟାଧୁନିକ ତିନି ହଜାର ଶଯ୍ୟା ବିଶିଷ୍ଟ ସମନ୍ୱିତ ହସ୍ପିଟାଲ ନିର୍ମାଣ କରିବୁ। ଏଥିରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିବ। ଦେଶର ଶ୍ରେଷ୍ଠ ଚିକିତ୍ସା ସେବା ଅନୁଷ୍ଠାନ ସହିତ ତୁଳନୀୟ ହେବା ପାଇଁ ଆମେ ସକ୍ଷମ ହେବା ଉଚିତ। ବାସ୍ତବରେ ଆମ ପରିବର୍ତ୍ତନର ଲକ୍ଷ୍ୟ ଏମ୍‌ସ ପ୍ଲସ୍ ହେବା ଉଚିତ। ହସ୍ପିଟାଲର ଉନ୍ନତି ସହିତ ଡାକ୍ତର ଓ ଛାତ୍ରମାନଙ୍କ ରହିବା ଓ ମନୋରଞ୍ଜନ ପାଇଁ ଆମେ ଏକ ଉତ୍ତମ ପରିବେଶ ମଧ ସୃଷ୍ଟି କରିବୁ। ଏହି ସୁଯୋଗ ଏପରି ହେବା ଉଚିତ ଯେପରି ଓଡ଼ିଶା ବାହାରେ ରହୁଥିବା ଚିକିତ୍ସକମାନେ ମଧ ଏଠାକୁ ଆସି ଲୋକଙ୍କ ସେବା କରିବାକୁ ପସନ୍ଦ କରିବେ। ଏହାଦ୍ୱାରା ଆମ ରାଜ୍ୟର ଜନସାଧାରଣଙ୍କୁ ବହୁତ କିଛି ଆର୍ଥିକ ଖର୍ଚ୍ଚ ବହନ କରିବାକୁ ହେବ। ପ୍ରାୟ ଏକ ହଜାର କୋଟିରୁ ଅଧିକ। ତେବେ ଏହାଦ୍ୱାରା ଏପରି ଏକ ପରିବର୍ତ୍ତନ ଆସିପାରିବ ଯେ ଓଡ଼ିଶାରୁ କୌଣସି ବ୍ୟକ୍ତି ନିଜ ଚିକିତ୍ସା ପାଇଁ ଓଡ଼ିଶା ବାହାରକୁ ଯିବା ଆବଶ୍ୟକ ହେବନାହିଁ। ରାଜ୍ୟ ଚିକିତ୍ସା କ୍ଷେତ୍ରର ଶ୍ରେଷ୍ଠ ବ୍ୟକ୍ତିମାନେ ସେମାନଙ୍କର ଯୌବନ ଏହି ମେଡିକାଲ କଲେଜ ପାଇଁ ସମର୍ପିତ କରିଛନ୍ତି। ମୁଁ ଭାବୁଛି ଯେ ସାରା ଦେଶରେ ଏସ୍‌ସିବିର ର୍‍ୟାଙ୍କ ୧୪ଅଛି। ମୁଁ ନିଶ୍ଚିତ ଯେ, ଆପଣ ମାନଙ୍କର ତ୍ୟାଗ, ପରିଶ୍ରମ ଓ ସମର୍ପିତ ଭାବ ସହିତ ରାଜ୍ୟ ସରକାରଙ୍କ ସହଯୋଗରେ ଏହାକୁ ଆମେ ଦେଶର ଶ୍ରେଷ୍ଠ ୩ ଅନୁଷ୍ଠାନ ମଧରେ ରଖିପାରିବୁ। ଓଡ଼ିଶା ବିଭନ୍ନ କ୍ଷେତ୍ରରେ ବିଶ୍ୱସ୍ତରୀୟ ମର୍ଯ୍ୟାଦା ହାସଲ କରିପାରିଛି। ବର୍ତ୍ତମାନ ସମୟ ଆସିଛି, ସାରା ବିଶ୍ୱ ଓଡ଼ିଶାକୁ ତା'ର ସୁଲଭ, ଗୁଣାତ୍ମକ ଚିକିତ୍ସା ସେବା ପାଇଁ ମାନ୍ୟତା ଦେବ। ଆଜି ସଂଧ୍ୟାରେ ଲୋକସେବା ଭବନରେ କଟକ ବଡ ଡାକ୍ତରଖାନାର ପ୍ରଫେସର, ସୁପରିଟେଣ୍ଡେଣ୍ଟ ଏବଂ ଛାତ୍ର ପ୍ରତିନିଧି ମାନଙ୍କ ସହିତ ବଡ ଡାକ୍ତରଖାନାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

# ସମସ୍ୟା ଘେରରେ ବିଚ୍ଛିନ୍ନାଞ୍ଚଳବାସୀ



**କୋରୁକୁଣ୍ଡା, (ବିମଳ ଡୋଙ୍ଗରୀ) :** ଗୁରୁପ୍ରିୟା ସେତୁ ହେବା ପରେ ଚିତ୍ରକୋଣ୍ଡାର ଥିବା ବିଚ୍ଛିନ୍ନାଞ୍ଚଳକୁ ରାଜ୍ୟ ସରକାର ସ୍ୱାଭିମାନ ଅଞ୍ଚଳ ଭାବେ ଘୋଷଣା କରିଥିଲେ। ଏଥିପାଇଁ କୋଟି କୋଟି ଟଙ୍କାର ପ୍ୟାକେଜ ମଧ ଘୋଷଣା ହୋଇଥିଲା। କିନ୍ତୁ ଆଜି ମଧ ସ୍ଥାନୀୟ ଲୋକମାନେ ପ୍ରତିଦିନ ବିନା ଲାଇଭ୍ ଜ୍ୟାକେଟ୍‌ରେ ଦେଶୀ ଡଙ୍ଗା କିମ୍ବା ଲଞ୍ଚରୁ ଚିତ୍ରକୋଣ୍ଡା ଘାଟରୁ ପଣସପୁଟ, ଯୋଡାଆମ୍ବ, ଅଣ୍ଡରାପଲ୍ଲୀ, ଯନ୍ତ୍ରୀ ଏଭଳି ଅନେକ ପାଣି ଭିତରେ ଥିବା ଗାଁ ଗୁଡିକୁ ଯା ଆସ କରୁଛନ୍ତି। ସ୍ୱାସ୍ଥ୍ୟସେବା ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ମଧ ଡେଙ୍ଗୁରା ପିଟୁଥିଲେ ବି ବିଚ୍ଛିନ୍ନାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସେଭଳି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ଲୋକଙ୍କୁ ଯେଭଳି ସ୍ୱାସ୍ଥ୍ୟସେବା ମିଳିବା କଥା ତାହା ମିଳିପାରୁ ନଥିବାରୁ ଗରିବ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସାମାନ୍ୟ ବର୍ଷା ହେଲେ ବର୍ଷା ଜଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରବେଶ କରିବା ସହିତ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟଙ୍କୁ ଚିନ୍ତାରେ ପକାଇ ଦେଉଛି। ମେଡିକାଲ କର୍ମଚାରୀ ଜଳ ନିଷ୍କାସନରେ ବ୍ୟସ୍ତ ରହିବା ଫଳରେ ରୋଗୀସେବା ମଧ ବ୍ୟାହତ ହେଉଛି। ବିଶେଷକରି ମହିଳା, ଶିଶୁ ଓ ଗର୍ଭବତୀ ମହିଳାମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ବି କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନଥିବାରୁ ଜନ ଅସନ୍ତୋଷ ସୃଷ୍ଟି ହେଉଛି। ସ୍ଥାନୀୟ ଲୋକେ ଏହାକୁ ତୀବ୍ର ନିନ୍ଦା କରିବା ସହିତ ସରକାରଙ୍କ ପାରିବା ପଣିଆ ପ୍ରତି ଅଙ୍ଗୁଳି ଉଠାଉଛନ୍ତି।

# ବନ୍ଧୁକ ଦେଖାଇ ଆତଙ୍କ; ୩ ଯୁବକଙ୍କୁ କୋର୍ଟ ଚାଲାଣ



**ସୋନପୁର :** ସୋନପୁର ଜିଲ୍ଲା ଉଲୁଣ୍ଡାର ଆମ୍ବେଦକର ଛକ ନିକଟରେ ନକଲି ବନ୍ଧୁକ ଦେଖାଇ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରାଉଥିବା ଖବର ପାଇ ସୋମବାର ରାତ୍ର ପ୍ରାୟ ୧୦ଟାରେ ୩ ଜଣ ଯୁବକଙ୍କୁ ଗିରଫ କରିଛି ଉଲୁଣ୍ଡା ପୁଲିସ। ପଚରାଉଚରା ପରେ ଉକ୍ତ ଯୁବକମାନଙ୍କ କଫସିରପ ବ୍ୟବସାୟରେ ସମ୍ପୃକ୍ତ ଥିବା ପୁଲିସ ଜାଣିବାକୁ ପାଇଛି। ତାଙ୍କ ନିକଟରୁ ବ୍ରିଲ କଫସିରପ ସମେତ ବିଭିନ୍ନ ନିଶାଦ୍ରବ୍ୟ ଜବତ କରିଛି। ସୂଚନା ମୁତାବକ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ତଥା ଆମ୍ବେଦକର ଛକ ନିକଟରେ ଦୀର୍ଘ ଦିନ ହେବ ବେଆଇନ କଫସିରପ ବେପାର ଚାଲିଥିଲା। ପୁଲିସ ଠାରୁ ମିଳିଥିବା ସୂଚନା ମୁତାବକ ଗତକାଲି ରାତ୍ର ପ୍ରାୟ ୧୦ଟାରେ ବିନିକା ଗାନ୍ଧୀପଡ଼ାର ସିକନ୍ଦର ବାଗ(୨୮) ଏବଂ ଦଣ୍ଡସେନା ପଡ଼ାର ସୁଇଟୁ ସାହୁ(୨୧) ଏକ ଅଟୋ (ଓଡି- ୩୧-ଜି-୧୫୪୧) ଯୋଗେ ଉଲୁଣ୍ଡା ଆସିଥିଲେ। ପରେ ହସ୍ପିଟାଲ ଛକ ନିକଟରେ ବେଆଇନ ଭାବେ କଫସିରପ କାରବାର କରୁଥିବା ଗଣ୍ଡାବାହାଲ ହରିଜନପଡାର ଦିବ୍ୟ ଜଗଦଲାଙ୍କ ଠାରୁ କଫସିରପ କ୍ରୟକରି ତାକୁ ବ୍ୟବହାର କରୁଥିଲେ। ମାତ୍ର ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବାରୁ ତାଙ୍କୁ ନକଲି ବନ୍ଧୁକ (ମାଉଜର ଲାଇଟର) ଦେଖାଇ ଭୟଭୀତ କରାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଖାତିର ନକରି ୩ଯୁବକଙ୍କୁ କାବୁ କରି ନେବା ସହ ପୁଲିସକୁ ଖବର ଦେଇଥିଲେ। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ୩ ଯୁବକଙ୍କୁ ଗିରଫ କରି ଥାନାକୁ ନେଇଯାଇଥିଲା । ତାଙ୍କ ନିକଟରୁ ବ୍ୟବହୃତ ନକଲି ବନ୍ଧୁକ ସମେତ ବ୍ୟବହୃତ ଅଟୋ ଗାଡି ଏବଂ ୨୪୨ ଗୋଟି କଫସିରପ, ୩ଟି ମୋବାଇଲ ଫୋନ, ମାଡ଼ ମାରିବା ପାଇଁ ବ୍ୟବହାର ହେଉଥିବା ଗୋଟିଏ ଲୁହା ଫାଇଟର, ୬ଟି ପେନସିଲ ବ୍ୟାଟେରି, ଅପମିଶ୍ରିତ କଫସିରପ ଆଦି ଜବତ କରାଯାଇଥିଲା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ୩ ଯୁବକଙ୍କୁ କୋର୍ଟ ଚାଲାଣ କରିଥିବା ଉଲୁଣ୍ଡା ଆଇଆଇସି ବିଦୁ ଭୂଷଣ ପୁଟା ସୂଚନା ଦେଇଛନ୍ତି।

# ସ୍ୱାମୀ ନାରାୟଣ ଅକ୍ଷରଧାମ




ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

**ଅ**କ୍ଷରଧାମ ଅର୍ଥ ପରଂବ୍ରହ୍ମ ଭଗବାନଙ୍କର ଶାଶ୍ୱତ ଓ ସ୍ୱର୍ଗୀୟ ନିବାସସ୍ଥାନ। ଭଗବତ୍ ଗୀତରେ ଭଗବାନ କହିଛନ୍ତି 'ଅକ୍ଷରଂ ପରମଂ ବ୍ରହ୍ମ' ଅକ୍ଷରଂ ଅର୍ଥାତ୍ ଯାହା ଅବିନାଶୀ ବା ନିବାଶଶୀଳ ନୁହେଁ। ତେଣୁ ଯେ ସର୍ବଶ୍ରେଷ୍ଠ। ଅବିନାଶୀ ଓ ଜଗତର ମୂଳ କାରଣ ତାଙ୍କୁ ହିଁ ବ୍ରହ୍ମ କୁହାଯାଏ। ବେଦ ଓ ଉପନିଷଦରେ ବର୍ଣ୍ଣିତ ଯେ ଯେଉଁଠି ସଦାସର୍ବଦା ପବିତ୍ରତା, ଭକ୍ତି ଓ ଶାନ୍ତି ବିରାଜମାନ କରିଥାଏ; ପ୍ରାଣୀମାନଙ୍କର ଉତ୍ପତ୍ତି ଓ ଅଭିବୃଦ୍ଧି ନିମିତ୍ତ ଯେଉଁ ଧାମ ଶ୍ରେଷ୍ଠ ତାହା ହିଁ ବ୍ରହ୍ମଙ୍କର ନିବାସସ୍ଥଳ। ସେହି ଧାମ ହିଁ 'ଅକ୍ଷର ଧାମ'। ଗୁଜୁରାଟର ଗାନ୍ଧି ନଗର ଠାରେ ଥିବା ଅକ୍ଷରଧାମ ସ୍ୱାମୀ ନାରାୟଣ ମନ୍ଦିର ବହୁ ପୂର୍ବରୁ ଦର୍ଶନ କରିଥିଲି। ଶେଷରେ ୨୦୧୮ ମସିହା ନଭେମ୍ବର ମାସରେ ଏକ ମାଙ୍ଗଳିକ ଉତ୍ସବରେ ଯୋଗ ଦେବା ପାଇଁ ଦିଲ୍ଲୀ ଯାତ୍ରା ସମୟରେ ମୁଁ ମୋର ସ୍ୱାମୀଙ୍କ ସହ ଅକ୍ଷରଧାମ ମନ୍ଦିର ଦର୍ଶନ କରିବାର ସୌଭାଗ୍ୟ ଲାଭ କଲି। ଯମୁନା ନଦୀ କୂଳରେ ଏକଶତ ଏକର ଜମି ଉପରେ, ଯାହା ଦିନେ ବାଲୁକାମୟ, ଅନୁର୍ବର ଓ କଣ୍ଟାବୁଦାରେ ପରିପୂର୍ଣ୍ଣ ଥିଲା। ତା ଉପରେ ଏହି ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ଏକ ସୁନ୍ଦର ସାଂସ୍କୃତିକ ପରିବେଶ ସୃଷ୍ଟି କରାଯାଇ ପାରିଛି। ଭଗବାନ ସ୍ୱାମୀ ନାରାୟଣଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ସମ୍ପ୍ରଦାୟର ପଞ୍ଚମଗୁରୁ ପ୍ରମୁଖ ସ୍ୱାମୀ ମହାରାଜ ତାଙ୍କ ଗୁରୁ ବ୍ରହ୍ମସ୍ୱରୂପ ଯୋଗୀଜୀ ମହାରାଜଙ୍କ ପ୍ରେରଣାରେ ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ଏହି ବିରାଟ କଳ୍ପନାକୁ ବାସ୍ତବରେ ରୂପାନ୍ତରିତ କରି ପାରିଥିଲେ। ୨୦୦୫ ମସିହା ନଭେମ୍ବର ମାସ ଛଅ ତାରିଖରେ ଭାରତର ତତକାଳୀନ ରାଷ୍ଟ୍ରପତି ଡକ୍ଟର ଅବଦୁଲ କାଲାମ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଭଗବାନ ସ୍ୱାମୀ ନାରାୟଣ ଥିଲେ ଭାରତର ଆଧ୍ୟାତ୍ମିକତାର ପ୍ରଚାରକ ଓ ଜଣେ ସମାଜ ପରିବର୍ତ୍ତନକାରୀ। ସେ ୧୭୮୧ ମସିହା ଏପ୍ରିଲ ମାସ ୩ ତାରିଖରେ ଉତ୍ତର ଭାରତରେ ଅଯୋଧ୍ୟାର ସରଯୁ ନଦୀ କୂଳରେ ଥିବା ଛାପାୟା ନାମକ ଏକ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଶେଷରେ ଗୁଜୁରାଟ ସୌରାଷ୍ଟ୍ରର ଲୋକଠାରେ ଗୁରୁ ରାମାନନ୍ଦଙ୍କ ଆଶ୍ରମରେ ପହଞ୍ଚିଲେ। ସେଠାରେ ରାମାନନ୍ଦ ସ୍ୱାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରି ସହଜାନନ୍ଦ ସ୍ୱାମୀ ନାମ ଗ୍ରହଣ କଲେ। ମାତ୍ର ୨୧ ବର୍ଷ ବୟସରେ ସେ ରାମାନନ୍ଦ ସମ୍ପ୍ରଦାୟର ପ୍ରମୁଖ ଶିଷ୍ୟ ଭାବରେ ନିଜକୁ ପ୍ରତିଷ୍ଠା କରିପାରିଥିଲେ। ରାମାନନ୍ଦ ସ୍ୱାମୀଙ୍କ ପରେ ସହଜାନନ୍ଦ ସ୍ୱାମୀ ଆଶ୍ରମର ମୁଖ୍ୟ ହେଲେ ଓ ଆଶ୍ରମବାସୀ ତଥା ଭକ୍ତମାନଙ୍କୁ ସ୍ୱାମୀ ନାରାୟଣ ମହାମନ୍ତ୍ର ପ୍ରଦାନ କଲେ। ତାପର ଠାରୁ ସେ ଭଗବାନ ସ୍ୱାମୀ ନାରାୟଣ ନାମରେ ପରିଚିତ ହେଲେ। ୨୧ବର୍ଷ ବୟସରୁ ୪୯ ବର୍ଷ ବୟସ ପର୍ଯ୍ୟନ୍ତ ଦୀର୍ଘ ୨୮ ବର୍ଷ ଧରି ତାଙ୍କର ୩୦୦୦ ପ୍ରମୁଖ ଭକ୍ତ ପରମହଂସ ମାନଙ୍କ ସହିତ ଗୁଜୁରାଟରେ ନୈତିକ, ସାମାଜିକ ଓ ଆଧ୍ୟାତ୍ମିକ ଜ୍ଞାନ ବିତରଣ କରି ଏକ ନୂତନ ଯୁଗର ଆରମ୍ଭ କଲେ।

ଭଗବାନ ସ୍ୱାମୀ ନାରାୟଣ ତାଙ୍କ ରଚିତ 'ଶିକ୍ଷାପତ୍ରୀ' ନାମକ ପୁସ୍ତକରେ ଭକ୍ତ ତଥା ସଂସାରୀମାନଙ୍କ ପାଇଁ ଆଚରଣ ବିଧି କିପରି ହେବା ଉଚିତ ତାହା ଉଲ୍ଲେଖ କରିଛନ୍ତି। ତାଙ୍କର ଗ୍ରନ୍ଥନେ ସବୁ 'ବଚନାମୃତ' ପୁସ୍ତିକାରେ ଲିପିବଦ୍ଧ ହୋଇରହିଛି ଯେଉଁଥିରେ ସେ ମାନବ ଧର୍ମ କ'ଣ ଓ ସଂସାର ବନ୍ଧନରୁ ମୋକ୍ଷ ପାଇବାର ଉପାୟ ବତାଇ ଯାଇଛନ୍ତି। ଭଗବାନ ସ୍ୱାମୀ ନାରାୟଣ ୧୮୩୦ ମସିହାରେ ମାତ୍ର ୪୯ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ। ତାଙ୍କ ପରେ ତାଙ୍କ ପ୍ରଧାନଶିଷ୍ୟ ଅକ୍ଷରବ୍ରହ୍ମ ସ୍ୱାମୀ ଗୁଣାତୀତାନନ୍ଦ ସ୍ୱାମୀ ନାରାୟଣ ସମ୍ପ୍ରଦାୟର ସମସ୍ତ ଦାୟିତ୍ୱ ବହନକରି ପ୍ରଥମ ଆଧ୍ୟାତ୍ମିକ ଉତ୍ତରାଧିକାରୀ ହେବାର ସମ୍ମାନ ଲାଭ କରିଥିଲେ। ଗୁଜୁରାଟର ଗାନ୍ଧିନଗର ଓ ନୂଆଦିଲ୍ଲୀରେ ପ୍ରମୁଖ ସ୍ୱାମୀ ମହାରାଜାଙ୍କ ମନ୍ଦିର ପରିକଳ୍ପନା ଭାରତୀୟ ସଂସ୍କୃତି, ଦର୍ଶନ ଏବଂ ମାନବିକ ମୂଲ୍ୟବୋଧର ପରିଚୟ ପ୍ରଦାନ କରେ। ଏହାଛଡ଼ା ଲଣ୍ଡନ, ନାଇରୋବି, ଚିକାଗୋ, ହଷ୍ଟୋନ, ଆଟଲାଣ୍ଟା, ଟରଣ୍ଟୋ, ଲସ୍ ଆଞ୍ଜେଲସ୍ ଇତ୍ୟାଦି ଦେଶ ମାନଙ୍କରେ ଏହିପରି ମନ୍ଦିର ମାନ ପ୍ରତିଷ୍ଠା କରାଯାଇ ଲୋକମାନଙ୍କର ଉତ୍ତମ ଚରିତ୍ର ଗଠନ ଦିଗରେ ଅଗ୍ରାଧିକାର ଦିଆଯାଇଛି। ୨୦୧୬ ମସିହାରେ ପ୍ରମୁଖ ସ୍ୱାମୀ ମହାରାଜ ଇହଲୀଳା ତ୍ୟାଗ କଲାପରେ ବର୍ତ୍ତମାନ ମହନ୍ତସ୍ୱାମୀ ମହାରାଜ ବିଏପିଏସ୍‌ର ସାମାଜିକ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ଶିକ୍ଷାକୁ ପୃଥିବୀର ପ୍ରାୟ ସମସ୍ତ ଦେଶରେ ପ୍ରଚାର କରି ମଣିଷର ଚରିତ୍ର ଗଠନରେ ସହାୟକ ହୋଇଛନ୍ତି। ସ୍ୱାମୀ ନାରାୟଣ ଅକ୍ଷରଧାମ ଏକ ଐତିହାସିକ ତଥା ଧାର୍ମିକ ସ୍ମାରକୀ ଭାବେ ଭାରତୀୟ କଳା, ସଂସ୍କୃତି, ବିଜ୍ଞାନ, ସ୍ଥାପତ୍ୟବିଦ୍ୟା, ବାସ୍ତୁଜ୍ଞାନ ତଥା ଆଧ୍ୟାତ୍ମବାଦର ପରିଚୟ ପ୍ରଦାନ କରେ। ଆମ ଦେଶର ଜାତୀୟ ଗୌରବ ବହନ କରିଥିବା ଏହି ଭବ୍ୟ ମନ୍ଦିର ୩୫୬ ଫୁଟ ଲମ୍ବା, ୩୧୬ ଫୁଟ ପ୍ରସ୍ଥ ଓ ୧୪୧ ଫୁଟ ଉଚ୍ଚତା ବିଶିଷ୍ଟ ଅଟେ। ଏଥିପାଇଁ ନୂଆଦିଲ୍ଲୀରେ ସ୍ଥାନ ଗ୍ରହଣ କରିବା ଠାରୁ ଆରମ୍ଭ କରି ବୈଜ୍ଞାନିକ ପଦ୍ଧତିରେ ଏହି ସ୍ଥାନର ମାଟି ପରୀକ୍ଷା କରିବା, ଏଠାରୁ ୪୦୦ କି.ମି. ଦୂର ବଂଶୀପାହାଡ଼ପୁର ଠାରୁ ପଥର ସଂଗ୍ରହ କରିବା, ୬୦୦ କି.ମି. ଦୂର ପିଣ୍ଡଭଜା, ୨୫୦ କି.ମି. ଦୂର ସିକନ୍ଦର ଏବଂ ରାଜସ୍ଥାନର ଅନ୍ୟାନ୍ୟ ୨୪ଟି ସ୍ଥାନରେ ପଥରରେ ଉପଯୁକ୍ତ କଳାକୃତି ଖୋଦେଇ କରିବା ପ୍ରଭୃତି କାର୍ଯ୍ୟ ଅନ୍ତର୍ଭୁକ୍ତ। ମନ୍ଦିର ପରିସରରେ ଦୁଇଟି ପ୍ରଦର୍ଶନୀ ଗୃହ ଅବସ୍ଥିତ। ଟିକଟ କରି ଏହି ପ୍ରଦର୍ଶନୀ ଗୃହ ମଧ୍ୟକୁ ପ୍ରବେଶ କରିବାକୁ ପଡ଼େ। ପ୍ରଥମ ଗୃହ ହଲ ଅଫ ଭାଲ୍ୟୁସ୍ ବା ସହଜାନନ୍ଦ ଦର୍ଶନ ନାମରେ ପରିଚିତ। ଏହି ପ୍ରଦର୍ଶନୀ ଗୃହରେ ପ୍ରବେଶ କଲାମାତ୍ରେ ଜୀବନ ଦର୍ଶନର ଏକ ଅତ୍ୟନ୍ତ ଉପାଦେୟ ସନ୍ଦେଶ ମିଳିଥାଏ। ଯାହା ହେଲା ନିଜ ହାତରେ ନିଜକୁ ଗଢ଼ିବାର ପ୍ରୟାସ। ଏଠାରେ ଦେଖିବାକୁ ମିଳେ ଜଣେ ଶିଳ୍ପୀ ଗୋଟିଏ ପଥରରୁ ନିହାଣ ଓ ହାତୁଡି ସାହାଯ୍ୟରେ ନିଜର ମୂର୍ତ୍ତି ନିର୍ମାଣ କରୁଥିବାର ଦୃଶ୍ୟ। 'ଭକ୍ତିଦ୍ୱାର' ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ନିବିଡ ସମ୍ପର୍କ ବିଷୟରେ ସୂଚନା ପ୍ରଦାନ କରେ। ସନାତନ ଧର୍ମରେ ଭକ୍ତି ମାର୍ଗକୁ ଈଶ୍ୱର ପ୍ରାପ୍ତି ନିମନ୍ତେ ସହଜ ରାସ୍ତା ବୋଲି ବର୍ଣ୍ଣନା କରାଯାଇଛି। ଏଥିରେ ଖୋଦିତ ୨୦୮ଟି ମୂର୍ତ୍ତି ଭକ୍ତିମାର୍ଗର ଉତ୍କର୍ଷତା ପ୍ରଦର୍ଶନ କରୁଛନ୍ତି।

ସ୍ୱାମୀ ନାରାୟଣ ମନ୍ଦିରର ବାହ୍ୟ ପ୍ରାଚୀର 'ମାଣ୍ଡୋଭର' ନାମରେ ପରିଚିତ। ଏହାର ଉଚ୍ଚତା ୨୫ଫୁଟ ଓ ଲମ୍ବ ୬୧୧ ଫୁଟ। ଏହା ଭାରତର ବୃହତ୍ତମ ପ୍ରାଚୀର। ଏଥିରେ ୨୦୦ କାରୁକାର୍ଯ୍ୟପୂର୍ଣ୍ଣ ପ୍ରସ୍ତର ମୂର୍ତ୍ତି ସ୍ଥାନ ପାଇଛି। ମନ୍ଦିର ପରିସରରେ ଥିବା 'ଭାରତ ଉପବନ'ରେ ଆମ ଦୋର ସଂସ୍କୃତି ଓ ଇତିହାସକୁ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି। ଏଥି ମଧ୍ୟରେ ଭାରତର ପୁରାଣ ପ୍ରସିଦ୍ଧ ବାଳକମାନଙ୍କ ଉପାଖ୍ୟାନ ରଙ୍ଗବେରଙ୍ଗ ମୂର୍ତ୍ତି ମାଧ୍ୟମରେ ବର୍ଣ୍ଣିତ ହୋଇଅଛି। ମନ୍ଦିର ପରିସରରେ 'ଯୋଗୀ ହୃଦୟ କମଳ' ଏକ ସୁନ୍ଦର ଦର୍ଶନୀୟ ସ୍ଥାନ। ଏହାର ଆକୃତି ଆଠଟି ପାଖୁଡା ବିଶିଷ୍ଟ ପୂର୍ଣ୍ଣ ପ୍ରସ୍ଫୁଟିତ ଏକ କମଳ ପୁଷ୍ପପରି। ପ୍ରତ୍ୟେକ ପାଖୁଡ଼ା ମଧ୍ୟରେ ତିନିଗୋଟି ପଥରରେ ଯୋଗୀ ମହାପୁରୁଷ ମାନଙ୍କର ଉପଦେଶାବଳୀ ଖୋଦିତ ହୋଇଅଛି। ଆମ ଭ୍ରମଣର ସବୁଠାରୁ ଆନନ୍ଦଦାୟକ ଅନୁଭୂତି ହେଲା ମନ୍ଦିର ପ୍ରାଙ୍ଗଣରେ 'ବୋଟ ରାଇଡ'ର ବ୍ୟବସ୍ଥା। ଏହାକୁ 'ସଂସ୍କୃତି ବିହାର' ବୋଲି ନାମକରଣ କରାଯାଇଛି। ଏଥିରେ ଆମ ପୂର୍ବ ପୁରୁଷଙ୍କ ସ୍ମୃତିରେ ତାଙ୍କ ବିଷୟକ ଜୀବନଶୈଳୀ ଉଦଜୀବିତ କରାଯାଇଛି। ୧୫ମିନିଟ ମଧ୍ୟରେ ଦଶହଜାର ବର୍ଷର ଆମର ଅତୀତକୁ ସଂକ୍ଷେପରେ ଗଳ୍ପ ଆକାରରେ ପ୍ରଦର୍ଶନ କରାଯାଇଥିବା ଦୁଇପାର୍ଶ୍ୱରେ ଦେଖିବାକୁ ମିଳେ। ଅକ୍ଷରଧାମ ସ୍ୱାମୀନାରାୟଣ ମନ୍ଦିର ପରିଭ୍ରମଣରୁ ଆମର ଉପଲବ୍ଧି ହେଲା ଯେପରି ଏଠାରେ ଭାରତର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଏକ ଗୌରବମୟ ସମ୍ମିଶ୍ରଣ ହୋଇଅଛି। ଏହା ପୃଥିବୀର ସର୍ବବୃହତ୍ ହିନ୍ଦୁ ମନ୍ଦିର ରୂପେ ଗିନିସ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ଼ରେ ସ୍ଥାନ ପାଇଥିବା ଯଥାର୍ଥ ବୋଲି ସମସ୍ତେ ନିଶ୍ଚୟ ସ୍ୱୀକାର କରିବେ। ଜଣେ ବିଶିଷ୍ଟ ପର୍ଯ୍ୟଟକଙ୍କ ମତରେ ଯେତେ ପରିମାଣରେ ଅର୍ଥ ଓ ସାମର୍ଥ ଥିଲେ ମଧ ଏପରି ଏକ ମନ୍ଦିର ନିର୍ମାଣ କରିବା ଅସମ୍ଭବ। ଏହା କେବଳ ପ୍ରମୁଖ ସ୍ୱାମୀ ମହାରାଜାଙ୍କ ଐଶ୍ୱରୀୟ ଶକ୍ତି ଓ ଦୂରଦୃଷ୍ଟି ଯୋଗୁ ସମ୍ଭବ ହୋଇପାରିଛି। ଏଥି ସହିତ ବିଏପିଏସ୍‌ର ସଦସ୍ୟମାନଙ୍କ ପବିତ୍ର ଚିନ୍ତା ଓ ଆଦର୍ଶ ପରିଚାଳନା ଏହି ଅସମ୍ଭବକୁ ସମ୍ଭବ କରିପାରିଛି। ଆଉ ଜଣେ ପର୍ଯ୍ୟଟକଙ୍କ ମତରେ ଅକ୍ଷରଧାମ ଏପରି ଏକ ସ୍ଥାନ ଯେଉଁଠି ମଣିଷ ଶାନ୍ତି, ଆନନ୍ଦ ଓ ଆତ୍ମବିଶ୍ୱାସ ଲାଭ କରିପାରିବ। ଅକ୍ଷରଧାମ ଦର୍ଶନ କଲେ ମନରେ ଶ୍ରଦ୍ଧା ଓ ଆତ୍ମ ବିଶ୍ୱାସ ଥିଲେ ମଣିଷ ପକ୍ଷରେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ବୋଲି ପ୍ରତୀୟମାନ ହୁଏ। ଅନେକ ପର୍ଯ୍ୟଟକଙ୍କ ମତରେ ଏହା **'Stairway to Heaven'** ଏହା ସତ୍ୟଂ ଶିବଂ ସୁନ୍ଦରମ୍। ନୀତିଶିକ୍ଷା ସମ୍ବଳିତ ଏହି ସ୍ଥାନ ପର୍ଯ୍ୟଟକମାନଙ୍କ ଭ୍ରମଣ ତଥା ସ୍ୱର୍ଗୀୟ ସୁଖ ଲାଭ କରିବା ପାଇଁ ଏକ ଯୋଗ୍ୟ ସ୍ଥାନ ବୋଲି ପ୍ରତୀୟମାନ ହେଲା। ପୁଣି କେବେ ଦିଲ୍ଲୀ ଯାତ୍ରାର ସୁଯୋଗ ମିଳିଲେ ପୁଣିଥରେ ଅକ୍ଷରଧାମ ଯାତ୍ରା କରିବା ପାଇଁ ମୁଁ ଭଗବାନ ସ୍ୱାମୀ ନାରାୟଣଙ୍କ ଚରଣରେ ବିନତି କରୁଛି।



*ପ୍ଲଟ ନଂ. ୧୦୮୨/ଡ଼ି, ସିଡିଏ*
*ସେକ୍ଟର-୬, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*

# ଏବିଭିପି ଖୋର୍ଦ୍ଧା ଶାଖା ପକ୍ଷରୁ ନଗର ସମ୍ମିଳନୀ

**ଖୋର୍ଦ୍ଧା :** ସ୍ଥାନୀୟ ଗୀତା ଭବନ ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଖୋର୍ଦ୍ଧା ଶାଖା ପକ୍ଷରୁ ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପରିଷଦର ପୂର୍ବତନ ରାଜ୍ୟ ସଭାପତି ଶିବ ପ୍ରସାଦ ପାଢୀ ମୁଖ୍ୟ ବକ୍ତାଭାବରେ ରାଜ୍ୟ ସଙ୍ଗଠନ ସମ୍ପାଦକ ଅଭିଳାଷ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ଡ଼କ୍ଟର ଧୀରେନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାର୍ଥୀ ପରିଷଦର ଆଭିମୁଖ୍ୟ ସହିତ ବିଦ୍ୟାର୍ଥୀମାନଙ୍କର ସୁନ୍ଦର ଭବିଷ୍ୟତ ଗଠନ ପାଇଁ ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୧୯-୨୦ ଶିକ୍ଷା ବର୍ଷ ପାଇଁ ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଥିଲା। ନୂତନ ନଗର ସଭାପତି ଭାବେ ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରଧାପକ ଡ଼କ୍ଟର ଅଜୟ କୁମାର ମିଶ୍ର ଉପସଭାପତି ଭାବେ ଦିଲ୍ଲୀପ କୁମାର ପୃଷ୍ଟି, ମନୋରଂଜନ ପ୍ରଧାନ, ସମରେନ୍ଦ୍ର ବଳିଆରସିଂହ, ସମ୍ପାଦକ ଭାବେ ହଳଦିଆ ମହାବିଦ୍ୟାଳୟର ଛାତ୍ର ନେତା ଅମିତ କୁମାର ବାରିକ, ସହ ସମ୍ପାଦକ ଭାବେ ଉଦିତ୍ୟ ପ୍ରହରାଜ, ତନୁଜା ସୁନ୍ଦରାୟ, ପ୍ରିୟଦର୍ଶନୀ ମହାନ୍ତି ଓ ଚନ୍ଦନ ପାଟଶାଣୀ, ମିଡ଼ିଆ ପ୍ରମୁଖ ଭାବେ ଶୁଭ୍ରଜିତ ସାହୁ ଓ ପ୍ରଶାନ୍ତ କୁମାର ସାହୁ, ସଂଯୋଜକ ଭାବେ ଲଳିତ ମୋହନ ବଡ଼ଜେନା, ସହସଂଯୋଜକ ଭାବେ ପିନାକି ମଲ୍ଲ, ସଂଯୋଜିକା ଭାବେ ଅନନ୍ୟା ପ୍ରିୟଦର୍ଶୀନୀ ପଣ୍ଡା ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ବିଭାଗ ସଂଯୋଜକ ଦୁଷ୍ମନ୍ତ ଚହଟରାୟ, ପୂର୍ବତନ ନଗର ସମ୍ପାଦକ ପ୍ରଦୀପ କୁମାର ସ୍ୱାଇଁ ଜିଲ୍ଲା ପ୍ରମୁଖ ସୁଶାନ୍ତ ମୋହନ ପଟ୍ଟନାୟକ, ସରୋଜ କୁମାର ପାଲଟାସିଂହ, ଗୋପବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୫-ଟି' ସଚିବଙ୍କ ଅଚାନକ ସୁବର୍ଣ୍ଣପୁର ଗସ୍ତ



**ସୋନପୁର :** ରାଜ୍ୟ ସରକାରଙ୍କ ୫-ଟି' ସଚିବ ଏହି ଜିଲାକୁ ଆସିବେ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ଦୀର୍ଘ ୪ ଦିନ ଧରି ଫୁଲ୍ ଟେନ୍‌ସନ୍‌ରେ ରହିଥିଲା ତାହାର ଆଜି ଅନ୍ତ ଘଟିଛି । ରାଜ୍ୟ ସରକାରଙ୍କ ୫-ଟି ସଚିବ ପାଣ୍ଡିଆନ ହଠାତ ଆଜି ସୋନପୁର ଗ୍ରସ୍ତ କରିଛନ୍ତି । ତାଙ୍କ ଆସିବା ଗ୍ରସ୍ତ ସୁଣି ସମସ୍ତ ବିଭାଗର ଅଫିସର ମହଲରେ କାକୁଆ ଭୟ ସୃଷ୍ଟି ହୋଇଥିବା ବେଳେ । ସୋନପୁର ଗ୍ରସ୍ତ କଥା ହଠାତ ଜଣା ପଡିଥିଲା । ତାଙ୍କ ଗ୍ରସ୍ତ ରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଫୁଲ୍ ଟେନ୍‌ସନ୍‌ରେ ରହିଥିବା ଦେଖାଯାଇଥିଲା ।୫-ଟି ସଚିବ ଏଠାକୁ ଆସିବେ ବୋଲି ଜିଲା ଡାକ୍ତରଖାନା କର୍ତ୍ତୃକ୍ଷ ଯୁଦ୍ଧକାଳିନ ଭିର୍ତିରେ ପୁରା ରେଡିକରାଯାଇଥିଲା । ଡାକ୍ତରଖାନା ଆଗରେ ଗାଡି ପାର୍କିଂ ଅଞ୍ଚଳରେ ଧଳାଗାର ବି ପକାଇ ଦିଆଗଲା । ଡାକ୍ତରଖାନାର ୱାର୍ଡ ଆଉ ପ୍ରବେଶ ଅଞ୍ଚଳରେ ସୁଗନ୍ଧ ଫିନାଇଲ୍ ପକାଇ ସଫା ବି କରି ଦିଆଗଲା । ସକାଳ ବାରଟା ପୁର୍ବରୁ ସଚିବ ପ୍ରଥମେ ଡାକ୍ତରଖାନାରେ ରେ ପହଚିଂଥିଲେ । ପହଚିଂବା ପରେ ସେ ସିଧା ଉଆଡ କୁ ଯାଇ ରୋଗିଙ୍କୁ ହାଲଚାଲ ପଚାରି ବୁଝିଥିଲେ । ପରେ ଡାକ୍ତରଖାନା ର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଡାକ୍ତରଖାନା ସଭାଗୃହରେ ଡାକ୍ତର ଖାନା ଅଧିକାରି ,ଡାକ୍ତର ମାନଙ୍କ ସହ ଏକ ସିକ୍ରେଟ ମିଟିଙ୍ଗ କରିଥିଲେ ଓ ପରେ ଆହାର କେନ୍ଦ୍ର କୁ ଯାଇ ଆହାର ଖାଇଥିଲେ । ପରେ ସିଧା ଫରିଯାଇଥିବା ଦେଖିବାକୁ ମିଳିଥିଲା । ତେବେ ଆଗାମି ଦିନରେ ଜିଲାରେ ରାଜ୍ୟ ସରକାରଙ୍କ ୫-ଟି ବ୍ୟବସ୍ଥାର ସଫଳ କାର୍ଯ୍ୟକାରୀତା କଣ ରହିବ ତାହା ଦେଖିବାକୁ ବାକି ରହିଲା ଓ ଏପରିକି ଜିଲାରେ ଡାକ୍ତରଙ୍କ ଘୋର ଅଭାବ ରହିଥିବା ବେଳେ ସରକାରଙ୍କ ୫-ଟି ଏଠାରେ କାର୍ଯ୍ୟ କରିବ ତ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ପରମେଶ୍ୱରଙ୍କୁ 'ଦେବଗିରି ନାଟ୍ୟ ସମ୍ମାନ', ସରୋଜଙ୍କୁ 'ଶିଳ୍ପୀ ସମ୍ମାନ'

**ଭବାନୀପାଟଣା :** ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୨୭ତମ ବାର୍ଷିକ ଉତ୍ସବ ତଥା କୁମାରସ୍ୱାମୀ ମହୋତ୍ସବ ଅବସରରେ ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ତଥା ଲୋକସଂସ୍କୃତି ଗବେଷକ ପରମେଶ୍ୱର ମୁଣ୍ଡଙ୍କୁ ମର୍ଯ୍ୟାଦାଜନକ ଦେବଗିରି ନାଟ୍ୟ ସମ୍ମାନ ପ୍ରଦାନ କରାଯିବ। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ବୁଢ଼ୀପଦରଠାରେ ଆସନ୍ତା ୧୦ରୁ ୧୩ ତାରିଖ ଯାଏଁ ଆୟୋଜିତ ହେବାକୁଥିବା ଉତ୍ସବ ଅବସରରେ ତାଙ୍କୁ ସମ୍ମାନିତ କରାଯିବ। ଏହି ଅବସରରେ ଚାରିଦିନ ବ୍ୟାପି କୁମାରସ୍ୱାମୀଙ୍କ ପୂଜାର୍ଚ୍ଚନା ସହ ରାଜ୍ୟର ବିଭିନ୍ନ ଅଂଚଳର ଲୋକକଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ଜଣେ ବହୁମୁଖୀ ପ୍ରତିଭା ପରମେଶ୍ୱର ମୁଣ୍ଡ ନାଟ୍ୟ ଜଗତରେ ଏକ ସୁପରିଚିତ ବ୍ୟକ୍ତିତ୍ୱ। ତାଙ୍କର ଅନେକ ନାଟକ ଦେଶର ବିଭିନ୍ନ ମଂଚରେ ପ୍ରଦର୍ଶିତ ହେବା ସହ ଆକାଶବାଣୀ ଓ ଦୂରଦର୍ଶନରେ ପ୍ରସାରିତ ହୋଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଛି। ଆଦିବାସୀଙ୍କ କଳା, ସଂସ୍କୃତି, ଭାଷା, ସଂଗୀତ, ଗୀତ ଓ ନୃତ୍ୟ ଉପରେ କୋଡ଼ିଏ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ଗବେଷଣା କରିଆସୁଥିବାରୁ ତାଙ୍କର ନାଟକମାନଙ୍କରେ ତାହାର ପ୍ରତିଫଳନ ଦେଖିବାକୁ ମିଳେ। ତାଙ୍କ ରଚିତ ଓ ନିର୍ଦ୍ଦେଶିତ ଅନେକ ମଂଚନାଟକ ମଧ୍ୟରୁ 'ମାଏଟ୍ ମା', 'ଖମନ୍ ରାନୀ', 'ଈଶ୍ୱରଙ୍କ ମୃତ୍ୟୁ ସଂପର୍କରେ', 'ମିଗ୍‌ନିନା', 'ମେଘର୍ ଦେଶେ ପାଏନ୍', 'ମରୁଭୂମି' ଆଦି ଉଲ୍ଲେଖଯୋଗ୍ୟ। ଶ୍ରୀ ମୁଣ୍ଡଙ୍କ ବେତାର ନାଟକମାନଙ୍କ ମଧ୍ୟରେ ରହିଛି 'ପାଣି', 'ଛକ', 'ହୃଦୟ', 'ପାପ', 'ମାଟି ମା', 'ମେଳି', 'ମେରା', 'ଶ୍ରାବଣୀ', 'ମରୁଭୂମି', 'ଅବ୍ୟକ୍ତ' ଇତ୍ୟାଦି। ତାଙ୍କର ଅନେକ ନାଟକ ଓ ବୃତ୍ତଚିତ୍ର ଦୂରଦର୍ଶନରେ ପ୍ରସାରିତ ହୋଇ ବେଶ୍ ଲୋକପ୍ରିୟତା ହାସଲ କରିଛି। ନାଟକ ପାଇଁ ସେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ସ୍କଲାର୍‌ସିପ୍ ଓ ଜୁନିଅର୍ ଫେଲୋସିପ୍, ଜାତୀୟ ଦୂରଦର୍ଶନ ପୁରସ୍କାର, ଆକାଶବାଣୀ ବାର୍ଷିକ ପୁରସ୍କାର, ପ୍ରସାର ଭାରତୀର ବାଣୀ ଭାରତୀ ସମ୍ମାନ, ଗ୍ଲୋବାଲ୍ ଥିଏଟର୍ ପକ୍ଷରୁ ନାଟ୍ୟ ଭୂଷଣ ସମ୍ମାନ ସମେତ ଅନେକ ପୁରାସ୍କାର ଓ ସମ୍ମାନ ପାଇସାରିଛନ୍ତି। ଭାଷା, ସାହିତ୍ୟ ଓ ସମାଲୋଚନା କ୍ଷେତ୍ରରେ ମଧ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ଏଯାବତ୍ ତାଙ୍କର କଳାହାଣ୍ଡିର ଲୋକସଂସ୍କୃତି ଉପରେ ୬ଟି ପୁସ୍ତକ ସହ ଗୋଟିଏ ଲେଖାଏଁ କବିତା, ସମାଲୋଚନା ଓ ସଂପାଦିତ ପୁସ୍ତକ ପ୍ରକାଶିତ। ଭବାନୀପାଟଣା ସ୍ଥିତ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଅଧାପକ ଥିବା ଶ୍ରୀ ମୁଣ୍ଡ ସଂପ୍ରତି ଆଦିବାସୀ ସଂସ୍କୃତି ଓ ପଶ୍ଚିମ ଓଡ଼ିଶାର ଲୋକଗୀତ ଉପରେ ଗବେଷଣା କରିବା ସହ କଳାହାଣ୍ଡିର ଶବ୍ଦକୋଷ ଓ କୋଶଲୀ ଭାଷାକୋଷ ପ୍ରସ୍ତୁତିରେ କାର୍ଯ୍ୟରତ। ସେହିପରି ଯୁବ ଚିତ୍ରଶିଳ୍ପୀ ସରୋଜ ବିଶିଙ୍କୁ ଦେବଗିରି ଶିଳ୍ପୀ ସମ୍ମାନ ପ୍ରଦାନ କରାଯିବ। ଶ୍ରୀ ବିଶି ଚିତ୍ରକଳା, ମୂର୍ତ୍ତିକଳା ଓ ମଂଚ ନିର୍ମାଣରେ ସମଗ୍ର ରାଜ୍ୟରେ ଏକ ପରିଚିତ ନାମ। ରାୟଗଡ଼ାର 'ଚଇତି', କୋରାପୁଟର 'ପରବ୍', ବଲାଙ୍ଗିରର 'ଲୋକ ମହୋତ୍ସବ', କଳାହାଣ୍ଡି ଉତ୍ସବ 'ଘୁମୁରା'ର 'ପାର୍‌ବା ମଂଚ', ବୁଢ଼ାଡଙ୍ଗର ମହୋତ୍ସବ, କୁମାରସ୍ୱାମୀ ମହୋତ୍ସବ ଆଦି ଅନେକ ମଂଚ ନିର୍ମାଣରେ ସେ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏଥିସହ ସଫଳ ଚାଷୀ ଭଗବାନ ଶିଖାଙ୍କୁ ଦେବଗିରି କୃଷି ସମ୍ମାନ ଓ ସେବାନିବୃତ୍ତ ସୈନିକ ସମିଉଲ୍ଲା ଖାଁଙ୍କୁ ଦେବଗିରି ଦେଶସେବା ସମ୍ମାନ ପ୍ରଦାନ କରାଯିବ। ପୂର୍ବରୁ ଦେବଗିରି ସମାଜସେବା ସମ୍ମାନ ଘୋଷିତ ହୋଇଥିବା ବେଳେ ଖୁବ୍‌ଶୀଘ୍ର ସାହିତ୍ୟ, କଳା ଓ ସାମ୍ବାଦିକତା ସମ୍ମାନ ଘୋଷଣା କରାଯିବ। ଏହି ଅବସରରେ କଳାହାଣ୍ଡିର ପ୍ରଥମ ମହିଳା ପର୍ବତାରୋହୀ ସୁଶ୍ରୀ ଇପ୍‌ସାମୟୀ ଦୁବେ ଓ ପ୍ରଥମ ଅଧ୍ୟାପିକା ପର୍ବତାରୋହୀ ସୁଶ୍ରୀ ଲିପ୍‌ସାମୟୀ ଦୁବେଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନର ସଭାପତି ସଞ୍ଜୟ ଧଙ୍ଗଡ଼ାମାଝୀ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।



# ଆଶା ଆଶଙ୍କାରେ କଳିଙ୍ଗ ବାଳିଯାତ୍ରାର ଭବିଷ୍ୟତ

**ପାରାଦୀପ :** ଯେତେବେଳେ ରାଜ୍ୟ ସରକାର କଟକ ବାଲିଯାତ୍ରାକୁ ରାଜ୍ୟସ୍ତରୀୟ ମହୋତ୍ସବର ମାନ୍ୟତା ଦେବା ପାଇଁ ନିଷ୍ପତ୍ତି କରିଛନ୍ତି ଠିକ୍ ସେହି ସମୟରେ ପାରାଦୀପରେ ଅନୁଷ୍ଠିତ ହେଉଥିବା ଐତିହାସିକ କଳୀଙ୍ଗ ବାଲିଯାତ୍ରାର ଭବିଷ୍ୟତକୁ ନେଇ ଆଶା ଓ ଆଶଙ୍କା ବୃଦ୍ଧି ପାଇଛି । ବିଗତ ବର୍ଷ ଗୁଡିକକୁ ଲକ୍ଷ୍ୟକଲେ ଜଣାଯାଏ ଯେ ଏହି ମହୋତ୍ସବର ଲୋକପ୍ରିୟତା ବୃଦ୍ଧି ପାଉଥିବା ବେଳେ ହଠାତ୍ ଚଳିତ ବର୍ଷ ଏଥିରେ ରାଜନୀତି ପଶୀଯିବାରୁ ଏବେ ଏହା ଏକ ବିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି । ପାରାଦ୍ୱୀପରେ ଦୁଇ ରାଜନୈତିକ ଦଳ ବିଜେଡି ଓ ବିଜେପି ମୁହାଁମୁହିଁ ହୋଇଛନ୍ତି । ଫଳରେ ପାରାଦ୍ୱୀପ ରେ ଭିନ୍ନ ଏକ ପରିସ୍ଥିତି ସୃଷ୍ଟି ହୋଇଛି ଯାହାକି ପାରାଦୀପରେ ବାଲିଯାତ୍ରା ଆୟୋଜନ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଚଳିତ ବର୍ଷ ବାଲିଯାତ୍ରା ରେ ଟେଣ୍ଡର ପ୍ରକ୍ରିୟାକୁ ନେଇ ଆରମ୍ଭ ହୋଇଛି ଖେଳ । ବିଜେଡିକୁ ସିଧାସଳଖ ଦୋଷାରପ କରିଛି ବିଜେପିଦଳ । ନିଜ କର୍ମୀ ମାନଙ୍କୁ ସୁହାଇବା ଭଳି ବିଜେଡି ସମସ୍ତ କାର୍ଯ୍ୟ କରିବା ସହ ଏ ସମସ୍ତ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି ନେଇ ବିଜେପି ପକ୍ଷରୁ ନଭେମ୍ବର ୧ ତାରିଖରୁ ଗଣ ଧାରଣା ମୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ଚାଲୁ ରହିଛି । କଳିଙ୍ଗ ବାଲିଯାତ୍ରାର ଉପାଧକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ କାହ୍ନୁ ଚରଣ ଧୀର ବାରମ୍ବାର ଗଣ ମାଧ୍ୟମ ଜରିଆରେ ବିଜେପିକୁ ଧାରଣାରୁ ଉଠି କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ନିବେଦନ କରୁଥିଲେ ମଧ୍ୟ ଏଥିରୁ କୌଣସି ସୁଫଳ ମିଳୁନାହିଁ । ଫଳରେ ସେ ମଧ୍ୟ ନିଜକୁ ଅସହାୟ ମନେ କରୁଛନ୍ତି । ଏହି ସମସ୍ୟା ଦିନକୁ ଦିନ ଉଗ୍ରରୂପ ନେଲାଣି ଏଭଳି ସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମାନରେ ଆଞ୍ଚ ଆସୁଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ୟ ପଟରେ ଦେଖିବାକୁ ଗଲେ କିଛି ଦିନ ହେଲା ଏହି ଘଟଣା ଠାରୁ ନିଜକୁ ଦୂରେଇ ରଖିଥିବା ବିଜେଡି ଦଳ ର ଛାଗୁଆ ନେତା ମାନେ ପ୍ରତିଶୋଧ ପରାୟଣ ହୋଇ ଉଠିଛନ୍ତି । ଫଳରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ନିଶ୍ଚିତ ଭାବେରେ ଏହି ଦୁଇ ଦଳ ମୁହାଁମୁହିଁ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ରାଜନୀତିରେ ବିଜେଡି ଓ ବିଜେପି ମଧ୍ୟରେ ସୁସମ୍ପର୍କ ଥିଲାବେଳେ ପାରାଦ୍ୱୀପରେ କିନ୍ତୁ ବ୍ୟତିକ୍ରମ ଦେଖା ଦେଇଛି । ୨୦୨୦ ମସିହାରେ ମୁନିସିପାଲିଟିର ନିର୍ବାଚନ ହେବାକୁ ଯାଉଥିବାରୁ ବିଜେପି ଦଳ ପକ୍ଷରୁ ଏଭଳି ପ୍ରାୟୋଜିତ କାର୍ଯ୍ୟକ୍ରମ କରା ଯାଇ ଅଛି ସାଧାରଣରେ ଆଲୋଚନା ହେଉଛି। ଏଣୁ କାହାର ଭୁଲ କାହା ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏହା ତ ପର କଥା ମାତ୍ର ଏକ ସାମୁହିକ ତଥା ପାରାଦ୍ୱୀପର ପରିଚୟ କୁହାଯାଇଥିବା ବଲିଯାତ୍ରାର ଭବିଷ୍ୟତ ଏବେ ନିଶ୍ଚିନ୍ତ ଭାବେ ସଙ୍କଟରେ ରହିଛି। ସର୍ବଦଳ ନିର୍ବିଶେଷରେ ସମସ୍ତଙ୍କ ସହଯୋଗ ନ ରହିଲେ ଏତେ ବଡ କାର୍ଯ୍ୟକ୍ରମ ସଫଳ ହେବାର ସମ୍ଭାବନା କ୍ଷୀଣ । ଏଣୁ ଦୁଇ ରାଜନୈତିକ ଦଳ ରାଜନୀତି ଛାଡି ବାଲିଯାତ୍ରା କିପରି ସଫଳ ହେବ ଏବଂ ଜନସାଧାରଣ କିପରି ଖୁବ୍ ଆନନ୍ଦ ସହକାରେ ଶାନ୍ତି ଶୃଙ୍ଖଳା ରେ ଉପଭୋଗ କରିବେ ସେଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



# ମୋ ସରକାର ଓ ୫-ଟି'ରୁ ସୁଫଳ ମିଳିବ ?

ପ୍ରସଙ୍ଗ

ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳି ଶାସନରେ 'ମୋ ସରକାର' ଓ '୫-ଟି' ଭଳି ନୂତନ କାର୍ଯ୍ୟକ୍ରମ ହାତକୁ ନେଇ ରାଜ୍ୟ ସରକାର ରାଜ୍ୟବାସୀଙ୍କ ପାଇଁ ଅଧିକ କ'ଣ କରିବେ ବୋଲି ଚିନ୍ତା କରିଛନ୍ତି। ଯାହା ଜଣାପଡୁଛି ପ୍ରଶାସନକୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମର ପରିକଳ୍ପନା ହୋଇଛି। ଏଥିପାଇଁ '୫-ଟି' ଭଳି ଏକ ନୂଆ ବିଭାଗ ସୃଷ୍ଟି ହେବା ସହିତ ଏହାର ସଚିବ ଦାୟିତ୍ୱରେ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଦକ୍ଷ ପ୍ରଶାସକ ଭି.କେ. ପାଣ୍ଡିଆନ। ନୂତନ ବିଭାଗ ଗଠନ ପରେ ସଚିବ ବିଭିନ୍ନ ଜିଲ୍ଲା ଗସ୍ତ କରିବା ସହିତ ସରକାରୀ ଡାକ୍ତରଖାନା, ଥାନା ଓ ଆହାର କେନ୍ଦ୍ର ମାନ ପରିଦର୍ଶନ କରି କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛନ୍ତି। ଯାହାଫଳରେ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ମନରେ ଏକପ୍ରକାର ଭୟ ସଞ୍ଚାର ଦେଖାଦେଇଛି। ଆଗାମୀ ଦିନରେ ଏଭଳି କାର୍ଯ୍ୟାନୁଷ୍ଠାନ ସମସ୍ତ ସରକାରୀ କାର୍ଯ୍ୟାଳୟରେ ହେବ ବୋଲି ଜଣାପଡିଛି। ଏହାକୁ ନେଇ ସାଧାରଣ ଲୋକଙ୍କ ଭିତରେ ଉତ୍କଣ୍ଠା ଥିଲେ ବି ବିରୋଧୀ ରାଜନୈତିକ ଦଳମାନେ ତୀବ୍ର ସମାଲୋଚନା କରି କହୁଛନ୍ତି ଯେ, ୨୦ବର୍ଷର ଶାସନ ପରେ 'ମୋ ସରକାର' ଓ ୫-ଟି' କାହିଁକି? ଆଗରୁ ଆଉ କାହାର ସରକାର ଥିଲା କି? ତେବେ ଏଥର ପ୍ରସଙ୍ଗ ମୋ ସରକାର ଓ ୫-ଟି'ରୁ ସୁଫଳ ମିଳିବ ?

### ପ୍ରଦୀପ୍ତ ନାୟକ
**ବିରୋଧୀ ଦଳ ନେତା**

ରାଜ୍ୟରେ ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ହେବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ଚାଲିଥିଲେ ବି ପଞ୍ଚମ ପାଳି ଦାୟିତ୍ୱ ଗ୍ରହଣ ପରେ 'ମୋ ସରକାର' ଘୋଷଣା ହାସ୍ୟାସ୍ପଦ ମନେହୁଏ। କାରଣ ଏତେବର୍ଷ ଶାସନ କାହାର ଥିଲା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ସେହିଭଳି ୫-ଟି' ଯୋଜନା କାର୍ଯ୍ୟକାରିତା କିଭଳି କରାଯାଉଛି ତାହା ସମସ୍ତେ ଦେଖୁଛନ୍ତି। ଏହି ଯୋଜନାର ମୁଖ୍ୟ ଅଙ୍ଗ ଟ୍ରାନ୍ସପରେନ୍ସି ଓ ଟିମ୍ ୱାର୍କ କଥାଟି ଖୁବ୍ ରୋଚକ ମନେହୁଏ। ୫-ଟି' ସଚିବ ଭିକେ ପାଣ୍ଡିଆନ ବିଭିନ୍ନ ଜିଲ୍ଲା ଗସ୍ତ କରିବା ହେଉ କିମ୍ବା ସରକାରୀ ହାସ୍ପାତାଳ ପରିଦର୍ଶନରେ ହେଉ ତାଙ୍କ ସହ ବିଭାଗୀୟ ମନ୍ତ୍ରୀ କିମ୍ବା ଅଧିକାରୀ ଦେଖା ଯାଉନାହାନ୍ତି। ସକାଳେ ୫-ଟି' ସଚିବ ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ ପରିଦର୍ଶନ କରି ଫେରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସ୍‌ସିବିକୁ ଏମ୍ସ ପ୍ଲସ ଅନୁଷ୍ଠାନ ଭାବେ ଗଢ଼ି ତୋଳିବାର ସ୍ୱପ୍ନ ଦେଖାଉଛନ୍ତି। ଏଥିଲାଗି ୧ ହଜାର କୋଟି ଟଙ୍କାର ପ୍ୟାକେଜ୍ ମଧ୍ୟ ଘୋଷଣା କରିଛନ୍ତି। ହେଲେ ଯାହା ଜଣାପଡୁଛି ୫-ଟି' କାର୍ଯ୍ୟକ୍ରମରେ ଟିମ୍ ସ୍ପିରିଟ୍ ଆଦୌ ନାହିଁ। ଏହା କେବଳ ଲୋକଙ୍କୁ ଭଣ୍ଡାଇବା ଭଳି ଏକ ନୂଆ ଯୋଜନା ମାତ୍ର। ଏତେବର୍ଷର ଶାସନ ଭିତରେ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ପାରି ନଥିବା ନବୀନ ବାବୁ ଅଚାନକ ଏଭଳି ଚିନ୍ତା କରିବା ଆଶ୍ଚର୍ଯ୍ୟଜନକ। କାରଣ ଯେଉଁ କାର୍ଯ୍ୟଟି ଦୀର୍ଘକାଳ ଭିତରେ ହୋଇପାରିଲା ନାହିଁ ତାହା ଏବେ ଅକସ୍ମାତ କିଭଳି ସମ୍ଭବ ହେବ। ଯଦିଓ ଶାସନକୁ ସ୍ୱଚ୍ଛତା ଆଣିବା ପାଇଁ ପାରମ୍ପରିକ ଧାରାକୁ ଭାଙ୍ଗି ମୁଖ୍ୟମନ୍ତ୍ରୀ ନୂଆ ନୂଆ ନିଷ୍ପତ୍ତିମାନ ନେଉଛନ୍ତି ତାହା ବଳିଷ୍ଠ ପଦକ୍ଷେପ ହୋଇଥିଲେ ବି କାର୍ଯ୍ୟକାରିତା ନେଇ ସନ୍ଦେହ ରହିଛି। ଦୁର୍ନୀତିରେ ଉବୁଟୁବୁ ବିଜେଡି ସରକାର ଜନସାଧାରଣଙ୍କ ପାଇଁ ଯେତେଗୁଡିଏ ଯୋଜନା ଘୋଷଣା କରିଥିଲେ ବା କରୁଛନ୍ତି ତାହା ବାସ୍ତବରେ ଲୋକଙ୍କୁ ସୁଫଳ ଦେଇଛି କି ନାହିଁ ସମସ୍ତେ ଜାଣୁଛନ୍ତି। କେବଳ ଭୋଟ ହାତେଇବା ଲକ୍ଷ୍ୟରେ ଦୁର୍ନୀତି ଉପରୁ ସାଧାରଣ ଲୋକଙ୍କ ନଜର ହଟାଇବା ପାଇଁ ଏହା ତାଙ୍କର ରାଜନୈତିକ ବିଚକ୍ଷଣତା ବୋଲି କୁହାଯାଇପାରେ।

### ମାନସ ମହାପାତ୍ର
**ପୂର୍ବତନ ଚେୟାରମ୍ୟାନ, ଓଡ଼ିଶା ବାର କାଉନସିଲ**

ରାଜ୍ୟ ସରକାର ଦୀର୍ଘ ୨୦ ବର୍ଷ ଶାସନ କରିବା ପରେ କାହିଁକି ଯେ ମୋ ସରକାର ଓ ୫-ଟି' କାର୍ଯ୍ୟକ୍ରମ ହାତକୁ ନେଲେ ତାହା ଆଶ୍ଚର୍ଯ୍ୟ ଲାଗୁଛି। ତେବେ ଏତେଦିନ ଧରି ସରକାର କରୁଥିଲେ କ'ଣ? ଯେଉଁ ଯେଉଁ ତ୍ରୁଟି କରିଛନ୍ତି ତାହାର ସଂଶୋଧନ କରିବା ପାଇଁ ଏଭଳି ଅଭିନବ ଯୋଜନାର ଆରମ୍ଭ ହୋଇଥିବା ଜଣାପଡୁଛି। ଯେହେତୁ ଅତୀତରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅବହେଳା ପ୍ରଦର୍ଶନ କରିଥିଲେ ଏବେ ଅତୀତର ତ୍ରୁଟି ସୁଧାରିବା ପାଇଁ ତତ୍ପର ହୋଇଉଠିଛନ୍ତି। ପ୍ରଶାସନିକ ଅଧିକାରୀ ହୁଅନ୍ତୁ, ଥାନା ଅଫିସର ହୁଅନ୍ତୁ ବା ମେଡିକାଲ ଡାକ୍ତର ହୁଅନ୍ତୁ ସମସ୍ତେ ନିଜ ନିଜ କ୍ଷେତ୍ରରେ କରିଥିବା ଅବହେଳା ଆଜି ସରକାରଙ୍କୁ ବ୍ୟଥିତ କରିଛି। ଜନସାଧାରଣଙ୍କ ମନରେ ପୁନଃବିଶ୍ୱାସ ଜନ୍ମାଇ ସେମାନଙ୍କ ନିକଟତର ହେବାକୁ ଏଭଳି ପ୍ରଚେଷ୍ଟା ଆରମ୍ଭ କରାଯାଇଛି। ସରକାର ଅନୁଭବ କରିଛନ୍ତି ଯେ, ପୂର୍ବରୁ ବିଭିନ୍ନ ବିଭାଗ ଯେଉଁ ପ୍ରସ୍ତାବମାନ ଦେଇଥିଲେ ତାହା ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇନାହିଁ। ଏଭଳି ଅନୁଭବ କଲା ପରେ ସରକାର ଡାକ୍ତରଖାନା ଓ ଥାନା ଉପରେ ବିଶେଷ ନଜର ଦେଇଛନ୍ତି। ଉଦାହରଣ ସ୍ୱରୂପ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ (ଏସ୍‌ସିବି) ପାଇଁ ହଜାରେ କୋଟି ଘୋଷଣା। ଆଗରୁ ଏଥିପାଇଁ ଯେଉଁ ପ୍ରସ୍ତାବମାନ ସରକାରଙ୍କ ନିକଟକୁ ଯାଉଥିଲା ତାହା ସରକାର ବିଶ୍ୱାସକୁ ନେଉ ନଥିଲେ। ରାଜ୍ୟର କୋଣ ଅନୁକୋଣରେ ଶାସନ ଠିକ୍ ଭାବେ ଚାଲିନାହିଁ ବୋଲି ଏବେ ଅନୁଭବ କରି ୫-ଟି' ଆଧାରରେ ବ୍ୟବସ୍ଥା ସୁଧାରିବା ଦିଗରେ ପଦକ୍ଷେପ ନେଉଛନ୍ତି। ଅତୀତରେ ସମସ୍ତେ ଜାଣିଥିଲେ ଯେ, ସରକାରୀ ବାବୁମାନେ ରାଜଧାନୀର ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି ସରକାରୀ କାର୍ଯ୍ୟକ୍ରମ କରନ୍ତି। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ମୋ ସରକାର ଓ ୫-ଟି' ସେମାନଙ୍କୁ ସକ୍ରିୟ କରିଛି। ତେବେ ଆଗରୁ ସରକାର କ'ଣ କରୁଥିଲେ? ଅନ୍ ଦ ସ୍ପଟ୍ ନିଷ୍ପତ୍ତି ବର୍ତ୍ତମାନ ଯଦି ସମ୍ଭବ ହୋଇପାରୁଛି ଆଗରୁ ଏହା ହେଉନଥିଲା କାହିଁକି?

### ମନୋରଞ୍ଜନ ମିଶ୍ର
**ଏଡିଟର, କନକ ଟିଭି**

ମୋ ସରକାର ଆଉ ୫-ଟି' ଓଡ଼ିଶାର ପ୍ରଶାସନିକ ଇତିହାସରେ ନିଶ୍ଚିତ ଭାବେ ଏକ ମାଇଲଖୁଣ୍ଟ। ଲୋକ କିଭଳି ସରକାର ପାଖରେ ପହଞ୍ଚିବେ ସେ ଦିଗରେ ଚିନ୍ତା କରୁଥିଲେ କିନ୍ତୁ ସରକାର କେମିତି ଲୋକଙ୍କ ପାଖରେ ପହଞ୍ଚିବେ ଏ ସମ୍ପର୍କରେ ପ୍ରଥମଥର ପାଇଁ ଏକ ପ୍ରକାର ଚର୍ଚ୍ଚା ଚାଲିଛି, ଗୋଟେ ଚିନ୍ତାଧାରାକୁ ନେଇ ଆଲୋଚନା ଚାଲିଛି ଏଇଟା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହି ଯେଉଁ ୫-ଟି' ଓ ମୋ ସରକାର କଥା କହିଲା ବେଳେ ଆମେ ୩୬୦ ଡିଗ୍ରୀ ଚିନ୍ତା କରିବା ଦରକାର। ଓଡ଼ିଶା ପାଇଁ ସବୁଠାରୁ ବଡ ଚ୍ୟାଲେଞ୍ଜ ହେଉଛି ଯେ, ଆମ ପାଖରେ ଆବଶ୍ୟକୀୟ ଭିତ୍ତିଭୂମି ନାହିଁ। ଭିତ୍ତିଭୂମି ନଥିବାରୁ ଯେତିକି କର୍ମଚାରୀ ଆମ ପାଖରେ ଅଛନ୍ତି ତାହାର ପୂର୍ଣ୍ଣ ବିନିଯୋଗ କରିପାରୁନୁ। ମନେକରନ୍ତୁ ହସ୍ପିଟାଲ କ୍ଷେତ୍ରରେ ଆମେ ୫-ଟି'ର ପ୍ରୟୋଗ କରିବା ପାଇଁ ଚାହୁଁଛେ। କିନ୍ତୁ ଆମେ ଦେଖୁଛେ ରୋଗୀଙ୍କ ତୁଳନାରେ ଡାକ୍ତରଙ୍କ ସଂଖ୍ୟା ବହୁତ କମ। ରୋଗୀଙ୍କର ଯେତିକି ଆବଶ୍ୟକ ଅଛି ଲାବୋରଟୋରୀର ଯେତିକି ଆବଶ୍ୟକତା ଅଛି ଗୋଟିଏ ପରୀକ୍ଷା କରିବା ପାଇଁ ଯେତିକି ଯନ୍ତ୍ରପାତିର ଆବଶ୍ୟକତା ଅଛି ତା' ତୁଳନାରେ ଆମ ପାଖରେ ବହୁତ କମ ରହିଛି। ତେଣୁ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ହେଉଛି ସରକାରଙ୍କ ପାଇଁ ସବୁଠାରୁ ବଡ ଚ୍ୟାଲେଞ୍ଜ। ତେଣୁ ଯେତେବେଳେ ଆପଣ ୫-ଟି'ର କଥା କହୁଛନ୍ତି ସେଥିସହିତ ଭିତ୍ତିଭୂମିର ବିକାଶ ପାଇଁ ମଧ୍ୟ ଗୁରୁତ୍ୱ ଦିଆଯିବା ଦରକାର। ମୁଁ ଏଇଥିପାଇଁ ଏଇ କଥା ଉପରେ ଗୁରୁତ୍ୱ ଦେଉଛି ଯେ, ଆଟିଚ୍ୟୁଡ୍‌ର ପରିବର୍ତ୍ତନ ଦରକାର। ମନୋଭାବର ପରିବର୍ତ୍ତନ ରାତାରାତି ହୁଏନି। ଏଥିପାଇଁ ଗୋଟିଏ କର୍ମ ସଂସ୍କୃତିର ଆବଶ୍ୟକତା ଥାଏ। ସେହି କର୍ମ ସଂସ୍କୃତି ଦିଗରେ ଆମେ ଚିନ୍ତା କରୁଛେ। କିନ୍ତୁ ଆମେ ଦେଖୁଛେ ଯେ, କେତେକ କ୍ଷେତ୍ରରେ ଲୋକଦେଖାଣିଆ କ୍ୟାମେରା ଆଗରେ ଯେତେବେଳେ ଆମେ ଜଣକୁ ସସ୍‌ପେଣ୍ଡ କରିଦେଉଛେ, ଜଣକୁ ଚାକିରିରୁ ବାହାର କରିଦେଉଛେ ସିଡିଏମ୍‌ଓଙ୍କୁ ଏବଂ ତା'ପରେ ସେଠି ବନ୍ଦ ହେଉଛି ତା'ପରେ ନିଷ୍ପତ୍ତି ପ୍ରତ୍ୟାହାର କରାଯାଉଛି, ଏସବୁ କଥା ହେଉଛି ଯେ, ଆମେ ଚଟାପଟ କିଛି କରିବାକୁ ଚାହୁଁଛେ। ମୋ ମତରେ କର୍ମ ସଂସ୍କୃତି ଗୋଟିଏ ଦିନରେ ତିଆରି ହୋଇପାରିବନି। ଏହା ଗୋଟିଏ ନିରନ୍ତର ପ୍ରକ୍ରିୟା ହେବା ଦରକାର। ଯେଉଁମାନେ ନୂଆ ଚାକିରି କରୁଛନ୍ତି ବା ଯେଉଁମାନେ ବର୍ତ୍ତମାନ ସରକାରରେ ଅଛନ୍ତି ସେମାନଙ୍କର ମନୋଭାବ ହିଁ ମୋ ସରକାର ଓ ୫-ଟି'କୁ ଆଗକୁ ନେଇପାରିବ। ଭଲକଥା ହେଉଛି ଯେ, ଏ ଦିଗରେ ପ୍ରୟାସ ଆରମ୍ଭ ହୋଇଛି। ଜଣେ ଯେତେବେଳେ ସରକାରୀ ଚାକିରି କରୁଛି, ଜଣେ ଡାକ୍ତର ହେଉଛି, ଜଣେ ପୋଲିସ କର୍ମଚାରୀ ହେଉଛି ବା ପୋଲିସ ଅଫିସର ବନୁଛି ସେ କ୍ଷେତ୍ରରେ ପ୍ରଥମ କାମ ହେବା ଦରକାର ଆମ ବ୍ୟବସ୍ଥାଟା କେମିତି। କିନ୍ତୁ ଆପଣ ଯଦି ଆମେରିକା ଯାଉଛନ୍ତି ସେଠାରେ ଟ୍ରାଫିକ୍ ନିୟମ ଭାଙ୍ଗୁନାହାନ୍ତି। କିନ୍ତୁ ଭାରତରେ ରହିଲା ବେଳକୁ ଆପଣ ଟ୍ରାଫିକ୍ ନିୟମ ଭାଙ୍ଗିବାକୁ ଚାହୁଛନ୍ତି। ତାର କାରଣ କ'ଣ? ଯେ ବ୍ୟବସ୍ଥା ଆଉ ସଂସ୍କୃତି। ଯଦି ଆପଣ ଗୋଟିଏ ଢିଲା ବ୍ୟବସ୍ଥା ଭିତରେ ବହୁତ ଦିନ ରହିଗଲେଣି ଆପଣଙ୍କୁ ହଠାତ୍ ପରିବର୍ତ୍ତନ ପାଇଁ ସମୟ ଲାଗିବ। କିନ୍ତୁ ସେଥିପାଇଁ ଗୋଟେ ପ୍ରୟାସ ହେବା ଦରକାର ଯେ, ନୂଆ କରି ଆମେ ଗୋଟେ ବ୍ୟବସ୍ଥାକୁ ତିଆରି କରୁଛେ। ଯେଉଁ ଡାକ୍ତର କାମ କରିବ ତା'ର ମନୋଭାବ କ'ଣ ହେବା ଦରକାର। ଆଉ ଡାକ୍ତରଖାନାକୁ ଆସିବା ମାତ୍ରେ ସେ କିଭଳି ଆଚରଣ କରିବା ଦରକାର। ଯଦି ଏହିଭଳି ଗୋଟେ ସଂସ୍କୃତି ତିଆରି ହୋଇଥିବ ତା'ହେଲେ ନୂଆ ଲୋକ ଯିଏ ସବୁ ଚାକିରିକୁ ଆସିବେ ସେମାନେ ସେହି ଧାରାରେ ଚାଲିବେ। ଅନ୍ୟଥା ସେହି ପୁରୁଣା ପାଠର ଆଲୋଚନା ଆମେ ବହୁବର୍ଷ ଧରି କରିଆସୁଛେ। ଲୋକ ଆସୁଛନ୍ତି, ଲୋକ ଯାଉଛନ୍ତି, ଚାକିରିଆ ଆସୁଛନ୍ତି, ଚାକିରିଆ ଯାଉଛନ୍ତି, ରିଟାୟର୍ଡମେଣ୍ଟ ଚାଲିଛି, କିନ୍ତୁ ବ୍ୟବସ୍ଥାରେ କିଛି ପରିବର୍ତ୍ତନ ହେଉନାହିଁ। ଆମେ ଆଶା କରିବା ଏହି ଯେଉଁ ୫-ଟି' କଥା କୁହାଯାଉଛି ବା ମୋ ସରକାର କଥା କହୁଛେ ସରକାରୀ କର୍ମଚାରୀମାନଙ୍କ ମନୋଭାବ ପରିବର୍ତ୍ତନ ଦିଗରେ କାମ କରୁଛି। ଗୋଟେ ବ୍ୟାପକ ମାନସିକତାରେ ପରିବର୍ତ୍ତନ ଆସୁଛି। ଏକ ହେଉଛି ଭିତ୍ତିଭୂମିର ବିକାଶ ଓ ଦୁଇ ହେଉଛି ଲୋକଙ୍କ ମାନସିକତାର ପରିବର୍ତ୍ତନ। ଏହି ଦୁଇଟି କଥା ୫-ଟି' ଓ ମୋ ସରକାରକୁ ସଫଳ କରିପାରିବ। କର୍ମ ସଂସ୍କୃତି ଆରମ୍ଭ ହେବ ଆଉ ଭିତ୍ତିଭୂମିର ବିକାଶ ହେବ। କିନ୍ତୁ ଚଟାପଟ ଯଦି ଏ କ୍ଷେତ୍ରରେ ଯଦି ଆମେ 'ନାୟକ' ଫିଲ୍ମ ଭଳି କିଛି କରିବା ପାଇଁ ଚାହିଁବା ତା'ହେଲେ ମୁଁ ଭାବୁଛି ଏ ଉଦ୍ୟମ ଫଳପ୍ରଦ ହେବନାହିଁ। ବିଳମ୍ବରେ ହେଲେ ମଧ୍ୟ ଓଡ଼ିଶା ସରକାର ଚିନ୍ତା କରୁଛନ୍ତି ୫-ଟି' ପ୍ରୟୋଗ ହସ୍ପିଟାଲରେ ହେବ, ଥାନାରେ ହେବ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ତା'ର ଆନୁସଙ୍ଗିକ ବ୍ୟବସ୍ଥା ଗୁଡିକୁ ନିଶ୍ଚିତ ଭାବେ ତ୍ୱରାନ୍ୱିତ କରାଯିବା ଦରକାର। ନହେଲେ ଏହା କେବଳ ସ୍ଲୋଗାନ ଭିତରେ ରହିଯିବ।

### ଧରିତ୍ରୀ ମହାନ୍ତି
**ଲେଖିକା**

ବାସ୍ତବରେ ରାଜ୍ୟ ସରକାର ଦୀର୍ଘ ୨୦ ବର୍ଷର ଶାସନ ଭିତରେ ସାଧାରଣ ଲୋକଙ୍କର ମୌଳିକ ସମସ୍ୟା ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଥିବା ମନେ ହେଉଛି। ନଚେତ୍ ଏତେବର୍ଷ ପରେ ମୋ ସରକାର ଓ ୫-ଟି' କାର୍ଯ୍ୟକ୍ରମ କାହିଁକି? ଯଦି ସତରେ ସାଧାରଣ ଜନତା ଏ ସରକାରଙ୍କ ଠାରୁ ଉପକୃତ ସେବା ପାଇଥାନ୍ତେ ବା ଉପକୃତ ହୋଇଥାନ୍ତେ ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା। ଏବେ ନୂଆ ଯୋଜନା ଘୋଷଣା ଏକ ସନ୍ଦେହଜନକ ପରିସ୍ଥିତିର ଅବତାରଣା କରୁଥିବା ମନେହୁଏ। ଆଗରୁ ଯେଉଁ କାର୍ଯ୍ୟ ସଠିକ୍ ଆକଳନ କରାଯାଇ ନଥିଲା ତାହାକୁ ଏବେ ଆକଳନ ଅନୁଧ୍ୟାନ କରାଯାଉଛି। ସାମଗ୍ରିକ ଭାବେ ଦେଖିବାକୁ ଗଲେ ସରକାର ସବୁ ବର୍ଗର ଲୋକଙ୍କ ହିତ ଦୃଷ୍ଟିରୁ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିଥିଲେ ବର୍ତ୍ତମାନ ପରିପ୍ରେକ୍ଷୀରେ ୫-ଟି'ର ଆବଶ୍ୟକତା ନଥାନ୍ତା। ଅତୀତରେ ଯେଉଁ ଯେଉଁ ଯୋଜନା ପ୍ରଣୟନ କରାଯାଇଛି ତାହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିଛି କି ନାହିଁ ତାହାର ତର୍ଜମା ଏବେ ଆରମ୍ଭ ହୋଇଛି। ଯଦିଓ ଏ ସରକାର ଅନେକ ଲୋକପ୍ରିୟ ଯୋଜନା ଘୋଷଣା କରିଥିଲେ ତାହାର କାର୍ଯ୍ୟକାରିତାରେ କିଛି ତ୍ରୁଟି ରହିଛି। ଯୋଜନା ଓ କାର୍ଯ୍ୟକାରିତା ମଧ୍ୟରେ ରହିଥିବା ତାରତମ୍ୟ ଯୋଗୁ ୯୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଭାରରେ ବୁଡିଛି ରାଜ୍ୟ ସରକାର। ରାଜ୍ୟରେ କେତେ ଉନ୍ନତି ହୋଇଛି ବା ଅବନତି ହୋଇଛି ତାହା ସାଧାରଣ ଲୋକ ବୁଝିପାରିବେ ନାହିଁ। ଏବେ ପ୍ରତ୍ୟେକ ଜିନିଷର ଦର ବୃଦ୍ଧି ସମସ୍ତଙ୍କୁ ବାଧୁଛି। ଦୈନନ୍ଦିନ ଜୀବନରେ ସାଧାରଣ ମଣିଷ ବଞ୍ଚିବା ପାଇଁ ସଂଘର୍ଷ କରୁଛି ଓ ଅସ୍ତବ୍ୟସ୍ତ ହୋଇପଡିଛି। ରାଜ୍ୟକୁ ଋଣମୁକ୍ତ କରାଇବା ଓ ରାଜ୍ୟବାସୀଙ୍କୁ ଉପଯୁକ୍ତ ଗୁରୁତ୍ୱ ଦେବା ସରକାରଙ୍କ ଦାୟିତ୍ୱ। ଦାୟିତ୍ୱ ଓ କର୍ତ୍ତବ୍ୟରୁ ଓହରିଯାଇ ଯେକୌଣସି କାର୍ଯ୍ୟକ୍ରମ ହାତକୁ ନିଆଯିବ ତାହାର ସୁଫଳ ମିଳିବା ଆଶା କମ୍। ତେଣୁ ସରକାର ବର୍ତ୍ତମାନ ଘୋଷଣା କରିଥିବା ଯୋଜନାରୁ ସୁଫଳ ପାଇବାକୁ ହେଲେ ରାଜ୍ୟର ବାସ୍ତବ ଚିତ୍ରକୁ ଅନୁଧ୍ୟାନ କରାଯାଉ ଓ କାର୍ଯ୍ୟାନୁଷ୍ଠାନ ନିଆଯାଉ।

### ଶୀଳଭଦ୍ର ଶାସ୍ତ୍ରୀ
**ଅଧିବକ୍ତା, ଉପ-ସଭାପତି**
**ଭୁବନେଶ୍ୱର ଓକିଲ ସଂଘ**

ବିଳମ୍ବରେ ହେଉ ପଛେ ସରକାରଙ୍କ ନିଦ ଭାଙ୍ଗିଛି ବୋଲି ଯଦି ବିବେଚନା କରାଯାଏ ତେବେ ୫-ଟି ବିଭାଗ କେବଳ ଏକ ବିଭାଗ ନ ହୋଇ ଏକ ଆନ୍ଦୋଳନ ହେବା ଦରକାର। ଏହାର ଉଦ୍ଦେଶ୍ୟ ସର୍ବସାଧାରଣଙ୍କ ପାଇଁ ଦଳ, ମତ, ଭୋଟ ଦାତା ନିର୍ବିଶେଷରେ ଫଳପ୍ରସୁ ହେବା ଦରକାର। ସର୍ବପ୍ରଥମେ ଓଡ଼ିଶାର ସବୁ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ସାଙ୍ଗକୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟ ବୀମା ସୁଯୋଗ କରାଇବା ଦରକାର। ଘୁଷ ଖୋରି ଲୋପ କରିବା ସାଙ୍ଗକୁ, ବେକାର ଯୁବକ ଯୁବତୀଙ୍କ ପାଇଁ ଭିତ୍ତିଭୂମି ଯୁକ୍ତ ରୋଜଗାର ସୃଷ୍ଟି କରିବା ଦରକାର। ନ ହେଲେ ତୋଫାନି ଗସ୍ତ ସାଙ୍ଗକୁ ଟେଲିଫୋନ କଲ ଦ୍ୱାରା ମୋ ସରକାରରୁ କହୁଛି, ଆପଣ ସରକାରୀ କାର୍ଯ୍ୟାଳୟକୁ ଯାଇଥିଲେ, କାମ ହେଲା ତ? ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିବ।

### ଜୟପ୍ରକାଶ ମିଶ୍ର, ସମାଜସେବୀ

ସରକାର ଏବେ ଯେଉଁ ନୂଆ ଘୋଷଣା କରିଛନ୍ତି ଏହା ନିଶ୍ଚୟ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏଥିରେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଦୀର୍ଘବର୍ଷର ଶାସନ କାଳରେ ଯାହା କରିବା କଥା ତାହା କରିନପାରି ଏବେ ଶେଷ ମୁହୂର୍ତ୍ତରେ କିଛି କାର୍ଯ୍ୟକ୍ରମ ହାତକୁ ନେଇ ଫାଇଦା ନିଜ ଆଡକୁ ନେବା ଏହାର ମୂଳ ଉଦ୍ଦେଶ୍ୟ। ଲୋକଙ୍କୁ ବହୁବର୍ଷ ଧରି ଅନ୍ଧ ଭାବେ ରଖିଥିବାରୁ ଏହାହିଁ ବିଜେଡି ସରକାର ପାଇଁ ଶେଷ ବିକଳ୍ପ। ତେଣୁ ଏଥିରୁ ସାଧାରଣ ଜନତାଙ୍କୁ ଲାଭ ମିଳିବ କି ନାହିଁ କହିବା ମୁସ୍କିଲ୍।

### ଭାଗବତ ପରିଡା, ସମାଜସେବୀ

ଗତ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାରଙ୍କ ପ୍ରତି ଜନଅସନ୍ତୋଷ ଦେଖାଦେଇଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ପାଇଁ ଗାଁ ଗାଁରେ ମୃଦୁ ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ଓଡ଼ିଶାର ଲୋକ ମାନଙ୍କ ମାନସିକତାକୁ ଅନୁଧ୍ୟାନ କରି କିଛି ଯୋଜନା ପ୍ରସ୍ତୁତ କଲେ ରାଜ୍ୟ ସରକାର। ଆମ ଗାଁ ଆମ ବିକାଶ, ପିଠା, ମିଶନ ଶକ୍ତି, କାଳିଆ ଯୋଜନା ଇତ୍ୟାଦି ଲୋକ ମାନଙ୍କ ଅସନ୍ତୋଷକୁ ଦୂରୀଭୂତ କରି ପଞ୍ଚମ ପାଳି ଶାସନ ଭାର ଗ୍ରହଣ କରିନେଲେ। ସରକାରୀ କଳ, ବଳ, କୌଶଳ ଯଥେଷ୍ଟ ମାତ୍ରାରେ ସହଯୋଗ କରିଥିଲା ବିଜୟୀ ଟୀକା ପିନ୍ଧାଇବାରେ...। କୋଡିଏ ବର୍ଷ ପରେ ରାଜ୍ୟ ସରକାରଙ୍କୁ ୫-ଟିର ଆବଶ୍ୟକତା କାହିଁକି ପଡିଲା? ରାଜ୍ୟରୁ ଦୁର୍ନୀତି ଭ୍ରଷ୍ଟାଚାର ହଟେଇବା ପାଇଁ ବିଭାଗୀୟ ମନ୍ତ୍ରୀ, କ୍ରାଇମବ୍ରାଞ୍ଚ, ଭିଜିଲାନ୍ସ, ପୋଲିସ ବିଭାଗ ଇତ୍ୟାଦି କଣ ଅଯୋଗ୍ୟ ହୋଇଗଲେ? ଯଦି ଅଯୋଗ୍ୟ ତାହେଲେ ଏସବୁ ବିଭାଗରେ କର୍ମଚାରୀଙ୍କୁ ମାସିକ କୋଟି କୋଟି ଟଙ୍କା ଦରମା ବାବଦକୁ ଖର୍ଚ୍ଚ ହେବ କାହିଁକି? ପୁଣି ଗୃହ ବିଭାଗ ମନ୍ତ୍ରୀ ଖୋଦ ମୁଖ୍ୟମନ୍ତ୍ରୀ, ସେତ ଅନେକ ଟ୍ରାନ୍ସପରେନ୍ସି ଆଣିପାରି ଥାନ୍ତେ! କିନ୍ତୁ ତାହା ହେଲା ନାହିଁ! ତା'ମାନେ ଖୋଦ ମୁଖ୍ୟମନ୍ତ୍ରୀ ନିଜର ନିଷ୍କ୍ରିୟତାକୁ ଲୁଚାଇବା ପାଇଁ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି? ଦୀର୍ଘ କୋଡିଏ ବର୍ଷ ଧରି ଦୁର୍ନୀତି, ଭ୍ରଷ୍ଟାଚାର, ଘୋଟାଲା ହେଉଥିଲା, ହୋଇ ଚାଲିଛି ତାହା ରାଜ୍ୟ ସରକାରଙ୍କ ଜ୍ଞାନତସାରରେ ହେଉଥିଲା ଅବା ହେଉଛି। ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ପିସି ବନ୍ଦ କରିବାକୁ, ସେ କେଉଁ କେଉଁ ବିଭାଗକୁ ଦେଇଥିଲେ? ପିସି ବନ୍ଦ ହୋଇଥିଲା କି ନାହିଁ ତାକୁ ତର୍ଜମା କଲେ ନାହିଁ। ଉପର ଠାଉରିଆ ଭାବେ କିଛି ଅଯୋଗ୍ୟ ରାସନକାର୍ଡ ହିତାଧିକାରୀଙ୍କ ଠାରୁ ଚାଉଳ ଗହମ ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ମିଡିଆରେ ମଧ୍ୟ ଖୁବ ଆଲୋଚନା ହୋଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ପ୍ରତି ବିପଦ ସଙ୍କେତ ସୃଷ୍ଟି ହେଲା, ଅଯୋଗ୍ୟକୁ ଯୋଗ୍ୟ କରି ପଞ୍ଚାୟତ ନିର୍ବାଚନ ବୈତରଣୀ ଭ୍ରଷ୍ଟାଚାର ଏତେ ମାତ୍ରାରେ ଗ୍ରାସ କରିଛି ଯେ, ତାକୁ ପ୍ରତିହତ କରିବା ପାଇଁ ୫-ଟି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ଭିକେ ପାଣ୍ଡିଆନ। ଦୁର୍ନୀତି ଭ୍ରଷ୍ଟାଚାର ରୂପି ଦଲୁଆ ପୋଖରୀ ଭିତରେ ଜୋକ ପ୍ରବଳ, ପାଣ୍ଡିଆନ ୫-ଟି ମାଧ୍ୟମରେ ସେ ଅଳିଆ ଆବର୍ଜନାକୁ ସଫା କରି ଓଡ଼ିଶାର ଲୋକ ମାନଙ୍କୁ ଶୁଦ୍ଧ ପାଣି ପିଇବାକୁ ଦେବେ ତାହା ସନ୍ଦେହ ସୃଷ୍ଟି କରିଛି। ସରକାର ନିଜର ଅପାରଗତାକୁ ଲୁଚାଇବା ପାଇଁ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ୫-ଟି। ସ୍କୁଲରେ ଶିକ୍ଷକ ନାହାନ୍ତି, ହସ୍ପିଟାଲରେ ଡାକ୍ତର ନାହାନ୍ତି, ନାରୀ ନିର୍ଯ୍ୟାତନା ଦିନକୁ ଦିନ ବୃଦ୍ଧି ପାଉଛି, ଏସବୁ ସମସ୍ୟାକୁ ୫-ଟି କ'ଣ ଦୂରେଇ ଦେଇପାରିବ? ବିଶ୍ୱାସ ହେଉନାହିଁ ତଥାପି ବିଳମ୍ବରେ ହେଲେ ମଧ୍ୟ ସରକାରଙ୍କ ପ୍ରୟାସକୁ କିଛିଟା ସ୍ୱାଗତ କରିବାକୁ ପଡିବ। କିଛି ସରକାରୀ କର୍ମଚାରୀ, ଅଫିସରଙ୍କୁ ଚାକିରିରୁ ବହିଷ୍କୃତ କରି ଓଡ଼ିଆ ସମାଚାରକୁ ବ୍ରେକିଂ ନିଉଜ ଯୋଗାଉଛନ୍ତି ରାଜ୍ୟ ସରକାର, ତା' ବ୍ୟତୀତ ଅନ୍ୟ କିଛି ହୋଇ ନପାରେ। ଦୁର୍ନୀତି ଭ୍ରଷ୍ଟାଚାର ହଟେଇବା ପାଇଁ ଯଦି ରାଜ୍ୟ ସରକାରଙ୍କ ପ୍ରକୃତ ଆନ୍ତରିକତା ତା'ହେଲେ ରାସନକାର୍ଡ, ପ୍ରଧାନମନ୍ତ୍ରୀ ଆବାସ, ଜବକାର୍ଡ ଯୋଗ୍ୟ ଅଯୋଗ୍ୟ ହିତାଧିକାରୀଙ୍କ ନାମ ତଦାରଖ କରନ୍ତୁ, ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିଥିବା ସରପଞ୍ଚ, ଭିଏଲଡବ୍ଲ୍ୟୁ, ବ୍ଲକ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପଞ୍ଚାୟତ ସ୍ତରରେ ହେଉଥିବା ସରକାରୀ ଯୋଜନାକୁ ତଦାରଖ କରାଯାଉ, କାମ ନ କରି ଅର୍ଥ ଆତ୍ମସାତ କରିଥିବା ଜନପ୍ରତିନିଧି, ସରକାରୀ କର୍ମଚାରୀ ମାନଙ୍କୁ କଠୋରରୁ କଠୋରତମ ଦଣ୍ଡ ବ୍ୟବସ୍ଥା କରାଯାଉ, ତା'ହେଲେ ଗ୍ରାମାଞ୍ଚଳରେ ଥିବା ସାଧାରଣ ଲୋକମାନେ ନିଜର ପ୍ରକୃତ ହକ ପାଇପାରିବେ। ରାଜ୍ୟ ସରକାରଙ୍କ ୫-ଟି ଧୀରେ ଧୀରେ ଉପର ମହଲକୁ ବ୍ୟାପିବ, ଆଉ ଶାସନ ତନ୍ତ୍ରରେ ଥିବା ଦୁର୍ନୀତି ଭ୍ରଷ୍ଟାଚାରକୁ ଯଥେଷ୍ଟ ମାତ୍ରାରେ ପ୍ରଶମିତ କରି ହେବ।

### ଲିଙ୍ଗରାଜ ସାହୁ
**ଆଇନଜୀବୀ**

'ମୋ ସରକାର' ଭଳି ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ପାଇଁ 'ମୋ ଶିଶୁ ଯୋଜନା' ହେବା ନିହାତି ଦରକାର। ବର୍ତ୍ତମାନ ଶିଶୁ ମୃତ୍ୟୁହାର ବୃଦ୍ଧି ପାଇଛି। ଶିଶୁ ନିର୍ଯ୍ୟାତନା ସହ ଶିଶୁଙ୍କୁ ଦୁଷ୍କର୍ମ କରାଯାଉଛି। ସେମାନଙ୍କ ସୁରକ୍ଷା ଓ ଲାଳନ ପାଳନ ପାଇଁ ମୋ ଶିଶୁ ଯୋଜନା ଆବଶ୍ୟକ ରହିଛି। ଆଜିକର ଆଧୁନିକ ସମାଜରେ ଶିଶୁ ବିଭିନ୍ନ ପ୍ରକାର ଗଛଲତା, ଫୁଲ ଓ କୋଳି ବିଷୟରେ ଖୁବ୍ କମ ଜାଣିଛନ୍ତି। କାରଣ ଆଗ ଭଳି ପ୍ରାକୃତିକ ପରିବେଶ ସେମାନଙ୍କ ହାତ ପାହାନ୍ତାରେ ନାହିଁ କିମ୍ବା ପ୍ରକୃତି ବିଷୟରେ ଜାଣିବାର ବିଶେଷ କିଛି ସୁଯୋଗ ନାହିଁ। ସେହିଭଳି ଶିଶୁଙ୍କ ଶୈଶବ ମୁଖ୍ୟତଃ ବିଭିନ୍ନ ପ୍ରକାର ଖେଳନା ଯଥା କଣ୍ଢେଇ ଆଦି କରିବା ଦ୍ୱାରା ଅଧିକ ସେମାନଙ୍କ ବୌଦ୍ଧିକ ଓ କଳାତ୍ମକ ବିକାଶ ମଧ୍ୟ ହୋଇଥାଏ।

### ଅକ୍ଷୟ ଦାସ
**ଆଇନଜୀବୀ**

୫-ଟି ନିଃସନ୍ଦେହ ଏକ ଯୁଗାନ୍ତକାରୀ ଚିନ୍ତାଧାରା, ଡେରିରେ ହେଉ ପଛେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନର ପଞ୍ଚମ ପର୍ଯ୍ୟାୟରେ ୫-ଟି ଭଳି ଯୋଜନା ରାଜ୍ୟରେ ସରକାରୀ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଅବହେଳା, ଦୁର୍ନୀତି ଓ ଶୋଷଣରେ ସାଧାରଣ ଜନତା ଓ ବ୍ୟକ୍ତିବିଶେଷମାନେ ଯେମିତି କୌଣସି ହଇରାଣ ହେବେ ନାହିଁ, ସେ ଦିଗରେ ଉପଯୁକ୍ତ ପଦକ୍ଷେପ ନିଆଯାଇ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରାଯିବ। ୫-ଟିର ପ୍ରଭାବରେ ସୂଚାରୁରୂପେ ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ସେମାନଙ୍କ କାର୍ଯ୍ୟ ତୁଲାଇବେ, ଭଲ କାର୍ଯ୍ୟ ପାଇଁ ପ୍ରଶଂସିତ ଓ ପୁରସ୍କୃତ ହୋଇପାରିବେ। ଅନ୍ୟପଟେ ଏହି ୫-ଟି ବ୍ୟବସ୍ଥା ଲାଗୁହେବା ଦ୍ୱାରା ଦୁର୍ନୀତିଗ୍ରସ୍ତ କାର୍ଯ୍ୟରେ ଲିପ୍ତ ଥିବା ଅଧିକାରୀ, ନିଜ ଦାୟିତ୍ୱରେ ଖିଲାପ କରୁଥିବା କର୍ମଚାରୀ, ତଥା ବ୍ୟକ୍ତିବିଶେଷ ମାନେ ଏବଂ ଅନ୍ୟାନ୍ୟ ସରକାରୀ ସ୍ତରୀୟ ଦାୟିତ୍ୱରେ ଥିବା ବ୍ୟକ୍ତିଗଣ ଭୟଭୀତ ହୋଇ ନିଜକୁ ସଙ୍କୋଚ ପ୍ରକ୍ରିୟାରେ ସାମିଲ କରି ସରକାର ତଥା ଜନସାଧାରଣଙ୍କୁ ନିଜର ସାଧୁ ଭାବମୂର୍ତ୍ତି ଦେଖେଇବାକୁ ପ୍ରୟାସ ଆରମ୍ଭ କରିଦେଲେଣି। ଧନ୍ୟବାଦ ଓଡ଼ିଶା ସରକାର, ଧନ୍ୟବାଦ ୫-ଟି ସଚିବ ଏହି ପଦକ୍ଷେପ ଜାରି ରହୁ।

### ମାଧବାନନ୍ଦ ଲେଙ୍କା
**ଅବସରପ୍ରାପ୍ତ ସରକାରୀ କର୍ମଚାରୀ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ ଅସ୍ୱୀକାର କରିହେବନି। ତଥାପି ତାଙ୍କ ସରକାରରେ ଯେଉଁ ମନ୍ତ୍ରୀ ଓ ଅଧିକାରୀଗଣ କାର୍ଯ୍ୟ କରୁଛନ୍ତି ସେମାନେ ଯଦି ନିଷ୍ଠାପର ଭାବେ ସ୍ୱଚ୍ଛତାର ସହିତ କାର୍ଯ୍ୟ ନକରିବେ ତେବେ ପ୍ରତ୍ୟେକ ଲୋକପ୍ରିୟ ଯୋଜନା ବିଫଳ ହେବ। ତେଣୁ ବର୍ତ୍ତମାନ ଘୋଷଣା କରାଯାଇଥିବା ମୋ ସରକାର ଓ ୫-ଟି' ଯୋଜନା ସରକାରଙ୍କୁ ଅଧିକ କ୍ରିୟାଶୀଳ କରାଇବା ସହିତ ରାଜ୍ୟରେ ଦୁର୍ନୀତିମୁକ୍ତ ଶାସନର ସମ୍ଭାବନା ସୃଷ୍ଟି କରିବ ନିଶ୍ଚୟ। ତେଣୁ ଏଭଳି ଯୋଜନାର ଆବଶ୍ୟକତା ଥିଲେ ବି କାର୍ଯ୍ୟକାରିତାରେ ପାତର ଅନ୍ତର ହେଲେ ପୁଣି ଯେଉଁକଥାକୁ ସେଇକଥା ଘଟିବ।

### ସ୍ନେହରଞ୍ଜନ ଦାସଜୟସିଂ
**ସମାଜସେବୀ**

ନବୀନ ପଟ୍ଟନାୟକଙ୍କ ସରକାରରେ ପୂର୍ବରୁ ଘୋଷଣା କରାଯାଇଥିବା ଅନେକ ଯୋଜନା ପରି ଏହା ଏକ ଯୋଜନା। କିନ୍ତୁ ଅସ୍ତବେଳର 'ସିନ୍ଦୁରା ସୂର୍ଯ୍ୟ' ପରି ଦେଖିବାକୁ ବହୁତ ସୁନ୍ଦର, କିନ୍ତୁ କାର୍ଯ୍ୟକ୍ଷେତ୍ରରେ ନୁହେଁ। ଶେଷ ପାଳିର ସରକାର ନିଜକୁ ସତୀ ଦେଖାଇବାକୁ ଯାଇ ହଟଚମଟ କରିବା ଓ ନିଜକୁ ମହାନ ଦେଖାଇବାର ଏକ ପ୍ରଚେଷ୍ଟା। ୫-ଟି' ସଚିବ ପାଣ୍ଡିଆନ ବାବୁ ନିଜକୁ ଅଫିସର ଭିତରେ ସୀମିତ ନରଖି କ୍ଷମତା କେନ୍ଦ୍ର ବୋଲି ପ୍ରମାଣିତ କରୁଛନ୍ତି। ବିଭିନ୍ନ ଘୋଷଣା ମାଧ୍ୟମରେ ତୋଫାନି ଗସ୍ତ କରି କେବଳ ଅନ୍ଧ ଘୋଷରା କରିଚାଲିଛନ୍ତି।

### ଅନିଲ କୁମାର ମହାନ୍ତି
**ସାମାଜିକ କର୍ମୀ**

ଓଡ଼ିଶା ସରକାରଙ୍କର 'ମୋ ସରକାର' ଓ '୫-ଟି' କାର୍ଯ୍ୟକ୍ରମ ଜରିଆରେ ଯଦି ଶାସନ ଓ ପ୍ରଶାସନ ଲୋକମାନଙ୍କର ନିକଟତର ହେବା ସହ ଲୋକ ମାନଙ୍କର ଆଶା ଆକାଂକ୍ଷା ପୂରଣ କରିପାରିଲା ତାହା ଅତ୍ୟନ୍ତ ଉତ୍ତମ ହେବ। ଯଦି ଲୋକ ମାନଙ୍କର ମତାମତ ଆଧାରରେ କିମ୍ବା ତୃଣମୂଳ ସ୍ତରର ବାସ୍ତବ ସ୍ଥିତି ଆକଳନ କରି ଶାସନ କଳରେ ରହିଥିବା ତ୍ରୁଟିର ସଂଶୋଧନ କରାଯାଏ ତେବେ ତ ଅତି ଉତ୍ତମ। ଯଦି ଏସବୁ ଏ କାର୍ଯ୍ୟକ୍ରମର ପ୍ରକୃତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତେବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପଦରେ ଥିବା ବ୍ୟକ୍ତିଙ୍କର ୫-ଟି ସଚିବ ଭାବେ କେତେକ ଜିଲ୍ଲାସ୍ତରୀୟ ଅଫିସ ଓ ଡାକ୍ତରଖାନା ଗସ୍ତ ଏବଂ ଗଣମାଧ୍ୟମ ଜରିଆରେ ଏହାର ବ୍ୟାପକ ପ୍ରଚାର କାହିଁକି। ଏବେ 'ମୋ ସରକାର' ଜରିଆରେ ଯାହା ସବୁ କରାଯାଉଛି, ତାହା ସରକାରଙ୍କ ମୌଳିକ କାମ। ନେତା ଓ ବାବୁମାନେ ତାହା କରିବାକୁ ହିଁ ନିଯୁକ୍ତ ହୋଇଛନ୍ତି ଓ ଦରମା ପାଉଛନ୍ତି। ଏହାକୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭାବେ ପ୍ରଚାରିତ କରିବା କେବଳ ନିଜର ସ୍ୱାର୍ଥ ଏବଂ ଲୋକଙ୍କୁ ଭୁଡେଇବା ପାଇଁ।

### ଶିବାଶୀଷ ମହାପାତ୍ର
**ଆଇନଜୀବୀ**

ଡେରିରେ ହେଉ ବରଂ ୫-ଟି' ପ୍ରଚଳନ ଏକ ଯୁଗାନ୍ତକାରୀ ପଦକ୍ଷେପ। ଟେକ୍ନୋଲୋଜି, ଟିମ୍ ୱାର୍କ, ଟ୍ରାନ୍ସପରେଣ୍ଟ, ଟାଇମଲି ଟ୍ରାନସଫର୍ମେସନ ପାଞ୍ଚୋଟିର ସଠିକ୍ କାର୍ଯ୍ୟକାରିତା ହୋଇପାରିଲେ ରାଜ୍ୟର ଅଶେଷ ଉପକାର ହୁଅନ୍ତା। ହେଲେ ଆମ ସରକାର ବିଧି ବ୍ୟବସ୍ଥା ସାଙ୍ଗକୁ ଆମ କର୍ମଚାରୀଙ୍କର ହୀନ ମାନସିକତା ତଥା ରାଜନେତା ମାନଙ୍କର ପ୍ରଶାସନରେ ଅଯଥା ହସ୍ତକ୍ଷେପ ଓ ପାତର ଅନ୍ତର ନୀତି ପାଇଁ ୫-ଟି'ର ସଫଳତା ପାଇବା ଆଶା କ୍ଷୀଣ। ଆମର ବିଭିନ୍ନ ସରକାରୀ ବିଭାଗ ଗୁଡିକ ମଧ୍ୟରେ ସବୁବେଳେ ସମନ୍ୱୟର ଘୋର ଅଭାବ ପରିଲକ୍ଷିତ ହୁଏ। କୌଣସି ସିଷ୍ଟମ ସୁଚାରୁରୂପେ କାର୍ଯ୍ୟ କରେଇବା ଆମର ମାନସିକତା ଉପରେ ନିର୍ଭର କରେ। ଆଜିକା ତାରିଖରେ ଭୋଟର ଠୁ ରାଜନେତା ପ୍ରଶାସନ ସମସ୍ତେ ତ ନିଜର ସ୍ୱାର୍ଥ ପାଇଁ ଉହଳ ବିକଳ। ସେଭଳି ପରିସ୍ଥିତିରେ ୫-ଟି'ର ରୂପରେଖ କେମିତି ହେବ ସମୟ କହିବ। ମୋ ସରକାର ୫-ଟି' ଘୋଷଣା ହବାର ଅଳ୍ପ କିଛିଦିନ ମଧ୍ୟରେ ସ୍ୱାସ୍ଥ୍ୟସେବାରେ କିଛିଟା ପରିବର୍ତ୍ତନ ସମ୍ୟକ ସୂଚନା ମିଳୁଛି। ଅପରପକ୍ଷରେ ଆମର କିଛି ବାବୁମାନେ ୫-ଟି' ଠୁ ଆଉ ପାଦେ ଆଗରେ ଚାଲିଛନ୍ତି। ମୋର ନିଜସ୍ୱ ଅନୁଭୂତିରୁ ପଦୁଟିଏ କହିବି ୫-ଟି' ପାଇଁ ଏବେ ବିଭିନ୍ନ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ କିଏ ଥା'ନ୍ତୁ ନଥା'ନ୍ତୁ ସବୁ ରୁମରେ ସକାଳ ୮ଟାରୁ ଲାଇଟ୍ ଫ୍ୟାନ୍ ଅନ୍ କରିଦିଆଯାଉଛି। ଏମିତି କି ଦିନେ ମୁଁ ଭୁବନେଶ୍ୱର ଉପକଣ୍ଠରେ ଥିବା ଏକ ଡିସପେନସାରୀ ସାମନାରେ ଗାଡିରୁ ଓହ୍ଲାଉ ଓହ୍ଲାଉ ଟୋକାଟିଏ ଦଉଡି ଆସି ଖାଲି ନମସ୍କାରଟେ ତ ପକେଇଲାନି ବରଂ ଭିତରକୁ ସସମ୍ମାନେ ଡାକି ନେଇ ବସେଇଦେଲା। ଚା' ନା କଫି ଦବ ବୋଲି ମୋତେ ପଚାରିଲା। ସାର୍ ଥିଲେ। ଫୋନଟେ ଆସିଲା। ଜଷ୍ଟ ଟିକେ ବାହାରକୁ ଯାଇଛନ୍ତି। ଫୋନ୍ କେରିଦେଉଛି। ସାଙ୍ଗେ ସାଙ୍ଗେ ପଳେଇ ଆସିବେ ବୋଲି କହିଲା ବେଳେ ମୋତେ ହସ ଲାଗୁଥାଏ। ତଥାପି ଆମେ ୫-'ର ସୁକାର୍ଯ୍ୟକାରିତା ଆଶା କରିବା। ଯଦି ସତରେ ସରକାର ଆନ୍ତରିକତା ସହ ୫-ଟି' କଥା ଚିନ୍ତା କରିଥା'ନ୍ତି ତେବେ ଡେରିରେ ହେଉ ବରଂ ପ୍ରଶଂସନୀୟ ଉଦ୍ୟମ।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି